# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୩୧/୨୦୨୦ (୧୬ ପୃଷ୍ଠା) | Bhubaneswar, Monday, August 31/2020 | ★★★★

୪୬ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ବିଗ୍‌ବସ୍ ପାଇଁ ଅଧିକ ପାରିଶ୍ରମିକ ଦାବି କଲେ ସଲମାନ

ରିୟଲିଟି ଶୋ' ବିଗ୍‌ବସ୍‌ର ୧୪ତମ ସଂସ୍କରଣକୁ ହୋଷ୍ଟ କରିବାକୁ ଯାଉଥିବା ବଲିଉଡ୍ ଭାଇଜାନ ସଲମାନ ଖାନ୍ ମୋଟା ଅଙ୍କର ପାରିଶ୍ରମିକ ଦାବି କରିଥିବା ଜଣାପଡିଛି। ୧୪

୧୩

## ଜୋକୋଭିଚ୍‌ଙ୍କୁ ଟାଇଟଲ

ସର୍ବୀୟ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ଏଟିପି ୱେଷ୍ଟର୍ନ ଓ ସଦର୍ନ ଓପନ୍‌ରେ ଟାଇଟଲ ହାସଲ କରିଛନ୍ତି ।








# ବନ୍ୟାବିପନ୍ନଙ୍କୁ ପୂର୍ଣ୍ଣିମା ଭୟ

**ଭୁବନେଶ୍ୱର,୩୦।୮(ବ୍ୟୁରୋ)**

ରାଜ୍ୟରେ ଦୁଇ ତିନି ଦିନ ହେବ ବର୍ଷା ନାହିଁ। ତେବେ ଗତ ଲଘୁଚାପଜନିତ ବର୍ଷା ଉତ୍ତର ଓ ଉପକୂଳ ଓଡିଶା ପାଇଁ ଭୟଙ୍କର ଜଳ ପ୍ରଳୟ ସୃଷ୍ଟି କରିଛି। ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ଖରସ୍ରୋତା, ଜଳକା ନଦୀରେ ବନ୍ୟା ସୁଧାର ଆସୁଥିବା ବେଳେ ମହାନଦୀ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ଆସନ୍ତା ଦୁଇଦିନ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ ଜିଲା ପାଇଁ ଭୟଙ୍କର ବିପଦ ରହିଛି। ଏହି ଜିଲାଗୁଡ଼ିକୁ ହାଇ ଆଲର୍ଟ ଜାରି କରାଯାଇଛି। ଏହି ସମୟରେ ମହାନଦୀରେ ୧୦ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ଆସନ୍ତା ବୁଧବାର ପୂର୍ଣ୍ଣିମା ଥିବାରୁ ମହାନଦୀ ଓ ଏହାର ଶାଖା ନଦୀରୁ ଜଳ ନିଷ୍କାସନ ବିଳମ୍ବ ହେବା ସମ୍ଭାବନା ରହିଛି। ମହାନଦୀରେ ପ୍ରବାହିତ ୧୦ଲକ୍ଷ କ୍ୟୁସେକରୁ ଊର୍ଦ୍ଧ୍ୱ ଜଳ ବନ୍ୟା ବିପନ୍ନଙ୍କ ପାଇଁ ବିପ୍ରାତ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ଏନେଇ ଉପକୂଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନ୍ୟା ପରିସ୍ଥିତି ମୁକାବିଲା କରିବାକୁ ରାଜ୍ୟ ଓ ଜିଲା ପ୍ରଶାସନ ସଜାଗ ରହିଛନ୍ତି। ନଦୀ ବନ୍ଧଗୁଡିକ ଉପରେ ଜଳ ସମ୍ପଦ ବିଭାଗ ବରିଷ୍ଠ ଯନ୍ତ୍ରୀମାନେ ତୀକ୍ଷ୍ଣ ନଜର ରଖିଛନ୍ତି। ୨୪ ଘଣ୍ଟିଆ ପାଟ୍ରୋଲିଂ କରାଯାଉଛି। ଅତି ସମ୍ବେଦନଶୀଳ ସ୍ଥାନରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଓ ଅଗ୍ନିଶମ ବାହିନୀକୁ ମୁତୟନ କରାଯାଇଛି।

ରାଜ୍ୟର ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଛତିଶଗଡ଼ରୁ ମହାନଦୀରେ ଆସୁଥିବା ପାଣି କମିଛି। ହୀରାକୁଦ ଜଳଭଣ୍ଡାରକୁ ପୂର୍ବରୁ ସାଢେ ୯ଲକ୍ଷ ☞ପୃଷ୍ଠା-୪



କଟକ ଜିଲା ମୁଣ୍ଡଳୀଠାରେ ରବିବାର ମହାନଦୀରେ ପ୍ରବାହିତ ବନ୍ୟାଜଳ।

- ୨୦ ଜିଲାର ୧୪ ଲକ୍ଷ ଲୋକ ପ୍ରଭାବିତ
- ୧୭ ମୃତ, ୧୦ହଜାର ଘର ନଷ୍ଟ
- ୧.୯୮ ଲକ୍ଷ ହେକ୍ଟର ଜମି ଜଳମଗ୍ନ
- ୫ ଜିଲାରେ ୩୨ ଘାଇ
- ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାରେ ହାଇ ଆଲର୍ଟ
- ହୀରାକୁଦର ୪୦ଗେଟ୍ ଦେଇ ନିଷ୍କାସିତ ହେଉଛି ୭ ଲକ୍ଷ କ୍ୟୁସେକ ଜଳ
- ମୁଣ୍ଡଳୀରେ ୧୦ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି
- ୫ନଦୀରେ ବନ୍ୟା ପାଣି କମୁଛି

## ୧୦ ପଇସା ବଢ଼ିଲା ପେଟ୍ରୋଲ



**ଭୁବନେଶ୍ୱର,୩୦।୮**

ଚଳିତ ମାସ ପେଟ୍ରୋଲ ଦର ବୃଦ୍ଧିରେ ବିରତି ଲାଗି ପାରୁନାହିଁ। ଭୁବନେଶ୍ୱରରେ ରବିବାର ପେଟ୍ରୋଲ ଲିଟର ପିଛା ୧୦ ପଇସା ବଢି ୮୨.୫୯ ଟଙ୍କା ଛୁଇଁଛି। ଏଠାରେ ଡିଜେଲ ଦର ଅପରିବର୍ତ୍ତିତ ୮୦.୦୩ ଟଙ୍କା ରହିଛି। ଗତ ୧୫ ଦିନ ମଧ୍ୟରେ ପେଟ୍ରୋଲ ୧୩ ଥର ବଢିଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ମୋଟ ୧.୫୬ ଟଙ୍କା ବଢିଲାଣି। ବର୍ତ୍ତମାନ କରୋନା ମହାମାରୀ ଯୋଗୁ ଖାଉଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ତେଲ ଦର ବୃଦ୍ଧି ଲୋକଙ୍କ ଲାଗି ସମସ୍ୟା ସୃଷ୍ଟି କରିଛି। ଭୁବନେଶ୍ୱରର ପେଟ୍ରୋଲ ଓ ଡିଜେଲ ଦର ଦିଲ୍ଲୀଠାରୁ ଉଚ୍ଚରେ ରହିଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ୯ ପଇସା ଉଚ୍ଚରେ ରହି ୮୨.୦୩ ଟଙ୍କାକୁ ବୃଦ୍ଧି ଘଟିଛି। ମେଟ୍ରୋ ସହରଗୁଡିକରେ ପେଟ୍ରୋଲ ଦର ୯ରୁ ୧୦ ପଇସା ବଢିଥିବା ତୈଳ ବିପଣନ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି। ଅପରପକ୍ଷରେ ଚେନ୍ନାଇରେ ପେଟ୍ରୋଲ ୯ ପଇସା ବଢି ୮୫ ଟଙ୍କା, କୋଲ୍‌କାତାରେ ୯ ପଇସା ଉଚ୍ଚରେ ରହି ୮୩.୫୨ ଟଙ୍କା ଏବଂ ମୁମ୍ବାଇରେ୧୦ ପଇସା ବୃଦ୍ଧି ପାଇ ୮୮.୬୮ ଟଙ୍କା ଛୁଇଁଛି। ଏହି ସହରଗୁଡିକରେ ଡିଜେଲ ଦର ଯଥାକ୍ରମେ ୭୩.୫୬ ଟଙ୍କା, ୭୮.୮୬ ଟଙ୍କା, ୭୭.୦୬ ଟଙ୍କା ଏବଂ ୮୦.୧୧ ଟଙ୍କା ରହିଥିବା ଇଣ୍ଡିଆନ ଅଏଲ୍ ପକ୍ଷରୁ ସୂଚନା ରହିଛି।






## ଆଜି ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୮(ବ୍ୟୁରୋ)**

ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି। ୨୦ ଜିଲାର ୧୪ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉଦ୍ଧାର କାର୍ଯ୍ୟର ସ୍ଥିତିନେଇ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବେ। ରବିବାର ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ବନ୍ୟା ସ୍ଥିତି ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନାଙ୍କ ସହିତ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉଦ୍ଧାର କାର୍ଯ୍ୟ ଏବଂ ରିଲିଫ ବଣ୍ଟନ ଚାଲିଛି।

**ଆଜିର ସମ୍ପାଦକୀୟ**

ଦୃଷ୍ଟି ପଡୁନାହିଁ

# ରାଜ୍ୟରେ ସଂକ୍ରମଣ ଲକ୍ଷେ ଟପିଲା

## ୩୦୧୪ ନୂଆ ଆକ୍ରାନ୍ତ, ୧୨ ମୃତ, ସୁସ୍ଥ ୨୫୧୯

**ଭୁବନେଶ୍ୱର,୩୦।୮(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ଗତ ୫ଦିନ ହେବ ଲାଗାତର ୩ହଜାର ଉପରେ ଆକ୍ରାନ୍ତ ଚିହ୍ନଟ ହେବା ଫଳରେ ଏବେ ସଂକ୍ରମଣ ଲକ୍ଷେ ଟପିଯାଇଛି। ଗତ ୨୪ ଘଣ୍ଟାରେ ୨୯ ଜିଲାରୁ ୩୦୧୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧ଲକ୍ଷ ୯୩୪ରେ ପହଞ୍ଚିଛି। ସେହିପରି ଏହି ମହାମାରୀରେ ଆଉ ୧୨ ଜୀବନ ଯାଇଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୮୨କୁ ବୃଦ୍ଧି ପାଇଛି। ତେବେ ଶେଷ ସପ୍ତାହର କରୋନା ରିପୋର୍ଟ ସବୁଠୁ ଉଦ୍‌ବେଗଜନକ ରହିଛି। ଏହି ୭ଦିନରେ ରାଜ୍ୟରେ ୨୨ହଜାରରୁ ଊର୍ଦ୍ଧ୍ୱ ପଜିଟିଭ୍ ବାହାରିଛନ୍ତି। ମାର୍ଚ୍ଚ ୧୫ରେ ରାଜ୍ୟରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ୨୨ହଜାର ପାର୍ କରିବା ପାଇଁ ୧୩୧ ଦିନ ଅର୍ଥାତ୍ ୪ମାସରୁ ଊର୍ଦ୍ଧ୍ୱ ଲାଗିଯାଇଥିଲା। ଜୁଲାଇ ୨୪ରେ ରାଜ୍ୟରେ ସଂକ୍ରମିତ ସଂଖ୍ୟା ୨୨,୬୯୩ରେ ପହଞ୍ଚିଥିଲା। କିନ୍ତୁ ଏବେ ସଂକ୍ରମଣ ହାର ଏପରି ଭାବେ ବଢ଼ି ଚାଲିଛି ଯେ, ଶେଷ ୭ଦିନରେ ୨୨,୪୦୪ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୭୩ଜଣଙ୍କର ମୃତ୍ୟୁ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନାନୁଯାୟୀ, ଗତ ୨୪ ତାରିଖରେ ୨,୯୪୯ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ଓ ୧୦ଜଣଙ୍କର ମୃତ୍ୟୁ ହୋଇଥିଲା। ୨୫ ତାରିଖରେ ୨,୭୫୨ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ୯ଜଣଙ୍କ ଜୀବନ ନେଇଥିଲା କରୋନା। ତେବେ ୨୬ରେ ଦୈନିକ ଆକ୍ରାନ୍ତ ସଂଖ୍ୟା ୩ହଜାର ଟପିଯାଇଥିଲା। ଉକ୍ତଦିନ ୩,୩୭୧ ଚିହ୍ନଟ ଓ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୭ରେ ୩,୩୮୪ ଚିହ୍ନଟ ଓ ୭ମୃତ୍ୟୁ, ୨୮ରେ ୩,୬୮୨ ଚିହ୍ନଟ ଓ ୮ ମୃତ୍ୟୁ, ୨୯ରେ ୩,୨୫୨ ଚିହ୍ନଟ ଓ ୧୪ ମୃତ୍ୟୁ ଏବଂ ୩୦ ତାରିଖରେ ୩,୦୧୪ ଚିହ୍ନଟ ଏବଂ ୧୨ଜଣଙ୍କର ମୃତ୍ୟୁ ହୋଇଛି।

ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧,୮୬୮ଜଣ କ୍ୱାରାଣ୍ଟାଇନ ସେଣ୍ଟର ହୋଇଥିବାବେଳେ ୧,୧୪୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୬୮୪ଜଣ ରହିଥିବାବେଳେ ଏହା ତଳକୁ କଟକରେ ୩୩୭ ଚିହ୍ନଟ ହୋଇଛନ୍ତି। ସେହିଭଳି ମୟୂରଭଞ୍ଜ ୨୯୨, ଗଞ୍ଜାମ ୨୧୬, ବାଲେଶ୍ୱର ୧୩୮, ବରଗଡ଼ ୧୨୪, କୋରାପୁଟ ୧୨୦, ପୁରୀ ୧୧୮, ରାୟଗଡ଼ା ୧୦୪, ସମ୍ବଲପୁର ୧୦୨, ସୁନ୍ଦରଗଡ଼ ୯୧, କେନ୍ଦୁଝର ୬୮, ଜଗତ୍‌ସିଂହପୁର ୬୬, କନ୍ଧମାଳ ୬୦, ଢେଙ୍କାନାଳ ଓ ମାଲକାନଗିରିରୁ ୪୯ଜଣ ଲେଖାଏ, ଝାରସୁଗୁଡ଼ା ୪୫, କେନ୍ଦ୍ରାପଡ଼ା ଓ ସୁବର୍ଣ୍ଣପୁରରୁ ୪୪ଜଣ ଲେଖାଏ, ଭଦ୍ରକ ଓ କଳାହାଣ୍ଡିରୁ ୪୦ଜଣ ଲେଖାଏ, ଯାଜପୁର ଓ ନବରଙ୍ଗପୁରରୁ ୩୮ଜଣ ଲେଖାଏ, ବଲାଙ୍ଗୀର ୩୫, ନୟାଗଡ଼ ୨୯, ଅନୁଗୋଳ ୨୫, ଗଜପତି ୯, ନୂଆପଡ଼ା ୭ ଓ ଦେବଗଡ଼ରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ଏବେ ଗଞ୍ଜାମ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୭,୪୫୬ରେ ପହଞ୍ଚିଥିବାବେଳେ ଖୋର୍ଦ୍ଧା ମଧ୍ୟ ନିକଟତର ହେବାରେ ଲାଗିଛି। ☞ପୃଷ୍ଠା-୪



- ମୃତ୍ୟୁ ସଂଖ୍ୟା ୪୮୨କୁ ବୃଦ୍ଧି
- କେବଳ ୭ଦିନରେ ଚିହ୍ନଟ ହୋଇଛନ୍ତି ୨୨,୪୦୪, ମରିଛନ୍ତି ୭୩
- ଗଞ୍ଜାମରେ ୧୭,୪୫୬ ଆକ୍ରାନ୍ତ, ଖୋର୍ଦ୍ଧାରେ ୧୫ ହଜାର ପାର୍

## ୟୁପିଆଇ, ରୁପେ ପେମେଣ୍ଟ ଚାର୍ଜର ରିଫଣ୍ଡ ମିଳିବ

- ବ୍ୟାଙ୍କଗୁଡ଼ିକୁ ଆୟକର ବିଭାଗର ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩୦।୮**

ଭୀମ୍ ୟୁପିଆଇ ଏବଂ ରୁପେ ଭଳି ଡିଜିଟାଲ ପ୍ଲାଟ୍‌ଫର୍ମରେ ହୋଇଥିବା ପେମେଣ୍ଟ ଉପରେ ବ୍ୟାଙ୍କଗୁଡିକ ନେଇଥିବା ଚାର୍ଜ ଗ୍ରାହକଙ୍କୁ ରିଫଣ୍ଡ ମିଳିବ। ଗତ ଜାନୁୟାରୀ ପହିଲାଠାରୁ ହୋଇଥିବା ନେଣଦେଣ ଉପରେ ଉକ୍ତ ରିଫଣ୍ଡ ମିଳିବ ବୋଲି ଜଣାପଡିଛି। ଏଥିଲାଗି ଆୟକର ବିଭାଗ ପକ୍ଷରୁ ରବିବାର ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଡିଜିଟାଲ ନେଣଦେଣକୁ ଉତ୍ସାହିତ କରିବା ଏବଂ କ୍ୟାଶ୍‌ଲେସ୍ ଅର୍ଥ ବ୍ୟବସ୍ଥା ଆଡ଼କୁ ଦେଶକୁ ବଢାଇବା ଦିଗରେ ସରକାର ଫାଇନାନ୍ସ ଆଇନ ୨୦୧୯ର ଧାରା ୨୬୯ଏସ୍‌ୟୁରେ ଏଭଳି ଏକ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଏ ସଂକ୍ରାନ୍ତରେ ଏକ ସର୍କୁଲାର ଜାରି କରାଯାଇଛି। ଏହି ପ୍ଲାଟ୍‌ଫର୍ମଗୁଡିକରେ ଆଗାମୀ ଦିନରେ ☞ପୃଷ୍ଠା-୪

# ବିଦାହେବେ ଅପାରଗ, ଦୁର୍ନୀତିଗ୍ରସ୍ତ ବାବୁ


**ନୂଆଦିଲ୍ଲୀ,୩୦।୮**

ଅପାରଗ ଓ ଦୁର୍ନୀତିଗ୍ରସ୍ତ ବାବୁମାନେ ଆଉ ଅଧିକ ସମୟ ଚାକିରିରେ ରହିପାରିବେ ନାହିଁ। ୫୦ରୁ ୫୫ ବର୍ଷ ବୟସ ହୋଇଥିବା ଓ ୩୦ ବର୍ଷ ଚାକିରି କରିସାରିଥିବା ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍) ଏବଂ ଅନ୍ୟ ଅଫିସରଙ୍କୁ ଆଗୁଆ ଅବସର ଦେବା ପାଇଁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ସାଧୁତାକୁ ନେଇ ସନ୍ଦେହରେ ଥିବା ଏଭଳି ଅଧିକାରୀମାନଙ୍କ ସର୍ଭିସ୍ ବୁକ୍ ରେକର୍ଡ ଆଧାରରେ ତାଲିକା ପ୍ରସ୍ତୁତ କରିବା ଲାଗି ସବୁ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି।

ସରକାରୀ ଚାକିରି ପାଇଁ ଅବସର ବୟସ ହେଉଛି ୫୮ ବର୍ଷ। ତେବେ ଚାକିରିରେ ଥାଇ କାମ କରିପାରୁ ନ ଥିବା ଓ ଦୁର୍ନୀତି କରୁଥିବା ଅଫିସରମାନଙ୍କୁ ହଟାଇବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କାର୍ମିକ ଓ ତାଲିମ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଅଗଷ୍ଟ ୨୮ରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଜନସ୍ୱାର୍ଥ ଦୃଷ୍ଟିରୁ କେଉଁମାନଙ୍କୁ ଆଗୁଆ ଅବସର ଦିଆଯିବ ସେମାନଙ୍କୁ ଚିହ୍ନଟ କରିବା ଲାଗି ସମସ୍ତ ମନ୍ତ୍ରଣାଳୟ ଓ ସରକାରୀ ବିଭାଗ ପ୍ରତି ୩ ମାସରେ (ଜାନୁୟାରୀ-ମାର୍ଚ୍ଚ, ଏପ୍ରିଲ-ଜୁନ, ଜୁଲାଇ-ସେପ୍ଟେମ୍ବର ଓ ଅକ୍ଟୋବର-ଡିସେମ୍ବର) ଅଧିକାରୀମାନଙ୍କ ପ୍ରଦର୍ଶନକୁ ନେଇ ସମୀକ୍ଷା କରିବେ।

ସେଣ୍ଟ୍ରାଲ ସିଭିଲ ସର୍ଭିସେସ୍ (ପେନ୍‌ସନ) ରୁଲ୍ସ,୧୯୭୨ ଅଧୀନ ଫଣ୍ଡାମେଣ୍ଟାଲ ରୁଲ୍(ଏଫ୍‌ଆର୍) ୫୬(ଜେ) ଏବଂ ୫୬ (ଆଇ) ଅନୁସାରେ ଜନସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ ହେଲେ ଜଣେ ସରକାରୀ କର୍ମଚାରୀଙ୍କୁ ଅବସର ପ୍ରଦାନ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ 'ସମ୍ପୂର୍ଣ୍ଣ ଅଧିକାର' ଦେଇଥାଏ। ଏହି ନିୟମ ଅନୁସାରେ କର୍ମଚାରୀଙ୍କ ପ୍ରଦର୍ଶନ ସମୀକ୍ଷା କରାଯାଇଥାଏ। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଏହି ନିୟମାନୁସାରେ ସରକାରୀ କର୍ମଚାରୀଙ୍କ ଆଗୁଆ ଅବସର ଏକ ଦଣ୍ଡ ନୁହେଁ। ☞ପୃଷ୍ଠା-୪

**ତାଲିକା ପ୍ରସ୍ତୁତ ପାଇଁ ସବୁ ମନ୍ତ୍ରଣାଳୟକୁ କେନ୍ଦ୍ରର ନିର୍ଦ୍ଦେଶ**



ଭାରତରେ ୨୪ ଘଣ୍ଟାରେ ୭୮,୭୬୦ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ଦିନକରେ ଏହା ବିଶ୍ୱରେ ସର୍ବାଧିକ ସଂକ୍ରମଣ ବୋଲି ଜଣାପଡ଼ିଛି। ଏହାକୁ ମିଶାଇ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ରବିବାର ସକାଳ ସୁଦ୍ଧା ୩୫,୪୨,୭୩୩ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



ମହାମାରୀ କରୋନା ଦୃଷ୍ଟିରୁ ମହରମ୍ ଶୋଭାଯାତ୍ରା ଉପରେ କଟକଣା ଜାରି କରାଯାଇଥିବାବେଳେ ନୂଆଦିଲ୍ଲୀର ଜାମା ମସ୍‌ଜିଦ ପରିସରକୁ ଯାଉଛନ୍ତି ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁ।

## ତୃତୀୟ ଦିନରେ ରିଆଙ୍କୁ ୯ ଘଣ୍ଟା ଜେରା



**ମୁମ୍ବାଇ, ୩୦।୮ (ପି.ଟି.)**

ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁ ମାମଲାରେ ସିବିଆଇ ରବିବାର ମୁଖ୍ୟ ଅଭିଯୁକ୍ତ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କୁ ତୃତୀୟ ଦିନ ପାଇଁ ଜେରା କରିଛି। ସୁଶାନ୍ତଙ୍କୁ ଆତ୍ମହତ୍ୟା କରିବା ପାଇଁ ଏହି ୨୮ ବର୍ଷୀୟା ଅଭିନେତ୍ରୀ ବାଧ କରିଥିଲେ ବୋଲି ଅଭିଯୋଗ ହୋଇଛି। ରବିବାର ସିବିଆଇ ଅଧିକାରୀମାନେ ତାଙ୍କୁ ୯ ଘଣ୍ଟା ଧରି ଜେରା କରିଥିଲେ। ତାଙ୍କ ଭାଇ ଶୋଭିକ୍ ଚକ୍ରବର୍ତ୍ତୀଙ୍କୁ ମଧ୍ୟ ରବିବାର ଜେରା କରାଯାଇଛି। ଜେରା ପାଇଁ ଉଭୟ ଦିନ ସାଢ଼େ ୧୦ଟା ବେଳେ ସାନ୍ତାକ୍ରୁଜ୍‌ର କଲିନା ସ୍ଥିତ ଡିଆର୍‌ଡିଓ ଗେଷ୍ଟ ହାଉସ୍‌ରେ ପହଞ୍ଚି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରହିଥିଲେ। ସୁଶାନ୍ତଙ୍କ ମ୍ୟାନେଜର ସାମୁଏଲ ମିରଣ୍ଡା ଏବଂ ଘରୋଇ ସହଯୋଗୀ କେଶବ ମଧ୍ୟ ଗେଷ୍ଟହାଉସ୍‌ରେ ପହଞ୍ଚିଥିଲେ।

## ୨୦୨୦ରେ ହେବନି ଜନଗଣନା

**ନୂଆଦିଲ୍ଲୀ, ୩୦।୮ (ପି.ଟି.)**

ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସମେତ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ସଂଶୋଧନ କାର୍ଯ୍ୟ ଚଳିତ ବର୍ଷ ହେବାକୁ ସ୍ଥିର ହୋଇଥିଲା। ତେବେ କରୋନା ମହାମାରୀ ଯୋଗୁ ଏହା ବିଳମ୍ବିତ ହୋଇଛି। ମହାମାରୀ କମିବାର ନାଁ ନେଉ ନ ଥିବାରୁ ଉପରୋକ୍ତ କାର୍ଯ୍ୟ ଗୋଟିଏ ବର୍ଷ ବିଳମ୍ବ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ଭାରତର ଜନଗଣନା ହେଉଛି ବିଶ୍ୱର ଅନ୍ୟତମ ସର୍ବବୃହତ୍ ପ୍ରଶାସନିକ ଓ ପରିସଂଖ୍ୟାନ କାର୍ଯ୍ୟ। ଏଥିରେ ୩୦ ଲକ୍ଷରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଥାନ୍ତି। ସେମାନେ ସାରା ଦେଶରେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରିଥାନ୍ତି। ଏବେ ଜନଗଣନା ଜରୁରୀ ନୁହେଁ। ଏଥିରେ ବର୍ଷେ ବିଳମ୍ବ ହେଲେ କିଛି କ୍ଷତି ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୨୦୨୧ ଜନଗଣନାର ପ୍ରଥମ ପର୍ଯ୍ୟାୟ ଏବଂ ଏନ୍‌ପିଆର୍ ସଂଶୋଧନ କାର୍ଯ୍ୟ କେବେଠାରୁ ଆରମ୍ଭ ହେବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ତେବେ ଏହା ଏକପ୍ରକାର ନିଶ୍ଚିତ ଯେ, କରୋନା ଯୋଗୁ ଚଳିତ ବର୍ଷ ଉକ୍ତ କାର୍ଯ୍ୟ ଆରମ୍ଭ ହୋଇପାରିବ ନାହିଁ।

ସୂଚନାଯୋଗ୍ୟ ଜନଗଣନା ପାଇଁ ଗୃହଗଣନା କାର୍ଯ୍ୟ ଚଳିତ ବର୍ଷ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବାବେଳେ କରୋନା ଯୋଗୁ ଏହାକୁ ସ୍ଥଗିତ ରଖାଯାଇଛି। ସେହିପରି ଜନଗଣନା କାର୍ଯ୍ୟ ୨୦୨୧ ମାର୍ଚ୍ଚ ୧ରୁ ଆରମ୍ଭ ହୋଇଥାନ୍ତା। ତୁଷାରପାତ ହେଉଥିବା ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡରେ ଚଳିତ ବର୍ଷ ଅକ୍ଟୋବର ୧ରୁ ଜନଗଣନା ଆରମ୍ଭ କରିବାକୁ ସ୍ଥିର ହୋଇଥିଲା। ଲକ୍ଷ ଲକ୍ଷ କର୍ମଚାରୀ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରିବାରେ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଥିବା ଜଣେ ଅଧିକାରୀ କହିଛନ୍ତି।

# ବିଶ୍ୱର ଖେଳନା ହବ୍ ହୋଇପାରିବ ଭାରତ

**ନୂଆଦିଲ୍ଲୀ, ୩୦।୮ (ପି.ଟି.)**

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**



ନରେନ୍ଦ୍ର ମୋଦି

ବିଶ୍ୱରେ ୭ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖେଳନା ବଜାର ରହିଥିବାବେଳେ ଏଥିରେ ଭାରତର ଅଂଶ ନଗଣ୍ୟ। ଭାରତକୁ ବିଶ୍ୱର ଖେଳନା କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରତିଭା ଓ ସାମର୍ଥ୍ୟ ରହିଛି। ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀମାନେ ଏଥିପାଇଁ ଆଗେଇ ଆସିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ଆହ୍ୱାନ ଦେଇଛନ୍ତି। ଷ୍ଟାର୍ଟଅପ୍‌ଗୁଡ଼ିକ ସ୍ଥାନୀୟ ଖେଳନା ସହ କମ୍ପ୍ୟୁଟର ଗେମ୍‌ର ବିକାଶ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଦେଶର ଉନ୍ନତ ଐତିହ୍ୟ ଓ ପରମ୍ପରା ଖେଳନା ଓ କ୍ରୀଡ଼ା ଶିଳ୍ପକୁ ନବୋନ୍ମେଷ ଦେଇପାରିବ। ସରକାରଙ୍କ ଆତ୍ମନିର୍ଭର ଭାରତ ଅଭିଯାନ ଉପରେ ପ୍ରଧାନମନ୍ତ୍ରୀ କହିଥିଲେ, ଦେଶକୁ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁପଡ଼ିବ। ଏଥିପାଇଁ ଖେଳନା ଶିଳ୍ପରେ ବଡ଼ ସୁଯୋଗ ରହିଛି।

ଏବେ ଉତ୍ସବର ସମୟ ହୋଇଥିଲେ ହେଁ କରୋନା ମହାମାରୀ ଯୋଗୁ ସେଗୁଡ଼ିକ ଫିକା ପଡ଼ିଯାଇଛି। ଭାରତୀୟ ଉତ୍ସବ ସହିତ ପରିବେଶର ଗଭୀର ସମ୍ପର୍କ ରହିଛି। ନିକଟରେ ବିଭିନ୍ନ ସ୍ଥାନରେ ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତି ସ୍ଥାପନ କରାଯାଇଥିଲା। କୃଷକମାନଙ୍କ ଅବଦାନକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। କରୋନା ମହାମାରୀ ସମୟରେ ସେମାନେ ଦୁଃସାହସର ପରିଚୟ ଦେଇଛନ୍ତି। ଗତବର୍ଷ ତୁଳନାରେ ଚଳିତ ଖରିଫ ଋତୁରେ ୭ ପ୍ରତିଶତ ଅଧିକ ଜମିରେ ଚାଷ କରାଯାଇଛି। ଧାନ ଚାଷ ଅଧିକ ୧୦ ପ୍ରତିଶତ ଜମିରେ ହୋଇଥିବାବେଳେ ଡାଲିଜାତୀୟ ଫସଲ ଚାଷ ୫ ପ୍ରତିଶତ ଏବଂ ତୈଳବୀଜ ପାଖାପାଖି ୧୩ ପ୍ରତିଶତ ଏବଂ କପା ଚାଷ ୩ ପ୍ରତିଶତ ବଢ଼ିଛି। ଭାରତର କୃଷି ପାଣ୍ଠି ଗଠନ କରାଯାଉଛି। ଏଥିରେ ପ୍ରତି ଜିଲାର ଫସଲ ଉତ୍ପାଦନ ଓ ସେଗୁଡ଼ିକର ପୌଷ୍ଟିକ ଗୁଣ ସମ୍ପର୍କିତ ସବିଶେଷ ତଥ୍ୟ ରହିବ। ଏହା କୃଷକମାନଙ୍କ ପାଇଁ ଖୁବ୍ ଦରକାରୀ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ବିଦେଶୀ କୁକୁର ନ ପାଳି ଭାରତୀୟ କୁକୁର ପାଳିବାକୁ ମୋଦି ପରାମର୍ଶ ଦେଇଥିଲେ। ଭାରତ ଜନ୍ମିତ କୁକୁର ସୁରକ୍ଷା ବଳରେ ଯୋଗଦେଇ ବହୁତ ବଡ଼ କାର୍ଯ୍ୟ କରୁଛନ୍ତି। ବୋମା ଠାବ କରି ସେମାନେ ଅନେକ ବିସ୍ଫୋରଣକୁ ପଣ୍ଡ କରିପାରିଛନ୍ତି। ଏପରିକି ଉଦ୍ଧାର ଓ ରିଲିଫ୍ ସମୟରେ ମଧ୍ୟ ଏହି ତାଲିମପ୍ରାପ୍ତ କୁକୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ସେ ସାମାଜିକ ଦୂରତ୍ୱ ରକ୍ଷା କରିବା ଓ ମାସ୍କ ପିନ୍ଧିବା ଆଦି କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

## ଖେଳନା ନୁହେଁ 'ପରୀକ୍ଷା ପେ ଚର୍ଚ୍ଚା' ଶୁଣିବାକୁ ଚାହାନ୍ତି ଛାତ୍ରୀଛାତ୍ର

**ନୂଆଦିଲ୍ଲୀ, ୩୦।୮ (ପି.ଟି.)**



ରାହୁଲ ଗାନ୍ଧୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଖେଳନା ଉପରେ ବହୁତ କଥା କହିଛନ୍ତି। ଷ୍ଟାର୍ଟଅପ୍‌ମାନେ ଖେଳନା ଉତ୍ପାଦନରେ ସାମିଲ ହେବା ଲାଗି ସେ ଆହ୍ୱାନ ଦେଇଥିଲେ। କରୋନା ମହାମାରୀ ସମୟରେ ଏନ୍‌ଇଇଟି ଏବଂ ଜେଇଇ ପରୀକ୍ଷା ହେବାକୁ ଯାଉଥିଲାବେଳେ ଛାତ୍ରୀଛାତ୍ର ପ୍ରଧାନମନ୍ତ୍ରୀଙ୍କ ମୁହଁରୁ 'ପରୀକ୍ଷା ପେ ଚର୍ଚ୍ଚା' ଶୁଣିବାକୁ ଚାହୁଁଥିଲେ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ମହାମାରୀ ଯୋଗୁ ଉପରୋକ୍ତ ପ୍ରବେଶିକା ପରୀକ୍ଷା ସ୍ଥଗିତ ରଖିବା ଲାଗି ଗୋଟିଏ ଗୋଷ୍ଠୀ ଦାବି କରୁଥିଲାବେଳେ ରାହୁଲ ଓ ତାଙ୍କ ଦଳ ଏହାକୁ ସମର୍ଥନ କରିଛନ୍ତି। ୬ଟି ଅଣଭାଜପା ଶାସିତ ରାଜ୍ୟ ପରୀକ୍ଷା ସ୍ଥଗିତ ରଖିବା ଲାଗି ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଏର କରିଛନ୍ତି।

## ରେଷ୍ଟୁରାଣ୍ଟ ଭୁଶୁଡ଼ି ୨୯ ମୃତ



**ବେଜିଂ, ୩୦।୮ (ପି.ଟି.)**

ଚାଇନାର ଶାଞ୍ଜି ପ୍ରଦେଶରେ ଏକ ରେଷ୍ଟୁରାଣ୍ଟ ଭୁଶୁଡ଼ିପଡ଼ିବାରୁ ୨୯ ଜଣଙ୍କ ମୃତ୍ୟୁ ଘଟିଛି। ଜିଆଙ୍ଗଫେନ୍ କାଉଣ୍ଟିସ୍ଥିତ ଚେନଝୁଆଙ୍ଗ ଗ୍ରାମର ଜୁଜିଆନ୍ ରେଷ୍ଟୁରାଣ୍ଟରେ ଶନିବାର ସକାଳେ ଜଣେ ୮୦ ବର୍ଷୀୟ ବ୍ୟକ୍ତିଙ୍କ ଜନ୍ମଦିନ ପାର୍ଟି ଚାଲିଥିବାବେଳେ ଏହି ଅଭାବନୀୟ ଘଟଣା ଘଟିଛି। ୨ ମହଲା ବିଶିଷ୍ଟ ରେଷ୍ଟୁରାଣ୍ଟ ହଠାତ୍ ଭୁଶୁଡ଼ିପଡ଼ିବାରୁ ସେଠାରେ ୫୭ ଜଣ ଚାପିହୋଇଯାଇଥିଲେ। ରବିବାର ସକାଳ ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ସେମାନଙ୍କ ମଧ୍ୟରୁ ୨୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜରୁରୀ ପରିଚାଳନା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରେଷ୍ଟୁରାଣ୍ଟ ଭୁଶୁଡ଼ିବାର କାରଣ ଜଣାପଡ଼ିନାହିଁ।

## ୨ ଯବାନ ଶହୀଦ, ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୩୦।୮:** ଜମ୍ମୁ-କଶ୍ମୀରର ରାଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଆରପଟୁ ପାକିସ୍ତାନୀ ସୈନ୍ୟଙ୍କ ଗୁଳିମାଡ଼ରେ ଭାରତୀୟ ସେନାର ଜଣେ ଜୁନିୟର କମିଶନ୍‌ଡ ଅଫିସର (ଜେସିଓ) ନାଏବ ସୁବେଦାର ରାଜୱିନ୍ଦର ସିଂ ଶହୀଦ ହୋଇଛନ୍ତି। ଜମ୍ମୁ-କଶ୍ମୀରରେ ଶନିବାର ବିଳମ୍ବିତ ରାତିରେ ସିଆର୍‌ପିଏଫ୍ ପାଟ୍ରୋଲିଂ ଟିମ୍ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ଶ୍ରୀନଗର ଜିଲାର ପନ୍ଥ ଚୌକ ଅଞ୍ଚଳରେ ଏଭଳି ଘଟିଛି।



ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଆକାଶମାର୍ଗରୁ ବନ୍ୟା ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ପ୍ରଶାନ୍ତଙ୍କ ରାୟର ପୁନର୍ବିଚାର ହେଉ

**ନୂଆଦିଲ୍ଲୀ, ୩୦।୮**

**ସୁପ୍ରିମକୋର୍ଟଙ୍କୁ ୧୨୨ ଆଇନ ଛାତ୍ରଙ୍କ ଅନୁରୋଧ**

ଅଦାଲତ ଅବମାନନା ମାମଲାରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ପ୍ରତି ହୋଇଥିବା ରାୟର ପୁନର୍ବିଚାର ଲାଗି ଅନୁରୋଧ କରି ୧୨୨ ଜଣ ଆଇନ ଛାତ୍ରୀଛାତ୍ର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ ଏବଂ ସୁପ୍ରିମକୋର୍ଟର ଅନ୍ୟ ବିଚାରପତିମାନଙ୍କୁ ପତ୍ର ଲେଖିଛନ୍ତି। ପ୍ରଶାନ୍ତଙ୍କ ନ୍ୟାୟପାଳିକା ବିରୋଧୀ ଟୁଇଟ୍ ପାଇଁ ସର୍ବୋଚ୍ଚ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରି ଦଣ୍ଡାଦେଶ ସଂରକ୍ଷିତ ରଖିଛନ୍ତି। ସୋମବାର ଦଣ୍ଡ ଘୋଷଣା କରିପାରନ୍ତି ଅଦାଲତ। ଏହା ପୂର୍ବରୁ ରାୟର ପୁନର୍ବିଚାର ଲାଗି ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ଜନସାଧାରଣଙ୍କ ଆସ୍ଥାର ସୁରକ୍ଷା ପାଇଁ ନ୍ୟାୟପାଳିକା ସମାଲୋଚନାର ଜବାବ ଦେବା ଆବଶ୍ୟକ। ତେବେ ଯେତେବେଳେ ସମାଲୋଚନା ମାନସିକ ବ୍ୟଥା ଓ ନ୍ୟାୟ ପ୍ରତି ଥିବା ଭଲପାଇବା କାରଣରୁ ହେଉଛି, ସେଠାରେ ନ୍ୟାୟପାଳିକା ଅଦାଲତ ଅବମାନନା ଅଭିଯୋଗ ଆଣିବା ଉଚିତ ନୁହେଁ ବୋଲି ଉକ୍ତ ପତ୍ରରେ ଲେଖାଯାଇଛି। ପ୍ରଶାନ୍ତ ଭୂଷଣ ଦୀର୍ଘବର୍ଷ ଧରି ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ପରିବେଶ ସୁରକ୍ଷା, ମାନବାଧିକାର ପାଇଁ ଏବଂ ଦୁର୍ନୀତି ବିରୋଧରେ ଅଦାଲତରେ ଲଢ଼ିଆସୁଛନ୍ତି। ଆଇନଜୀବୀମାନଙ୍କ ପ୍ରତି ଏବଂ ଦେଶ ଗଠନରେ ତାଙ୍କର ଅବଦାନ ପ୍ରଶଂସନୀୟ। ତାଙ୍କର ଟୁଇଟ୍ ଅଦାଲତର ପବିତ୍ରତାକୁ ଆଘାତ ଦେଉନାହିଁ ବୋଲି ଆଇନ ଛାତ୍ରୀଛାତ୍ର ଲେଖିଛନ୍ତି।

## ଯୁବକଙ୍କୁ ପିଟି ମାରିଦେଲେ

**ନୂଆଦିଲ୍ଲୀ, ୩୦।୮**

ପଶ୍ଚିମ ଦିଲ୍ଲୀର ନାରାଇନାରେ ମୋବାଇଲ୍ ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ପିଟି ପିଟି ମାରିଦିଆଯାଇଛି। ହତ୍ୟା ଅଭିଯୋଗରେ ପୋଲିସ ଘଟଣାସ୍ଥଳରୁ ୪ ଜଣଙ୍କୁ ଗିରଫ କରିଛି। ନାରାଇନାସ୍ଥିତ ଲୋହାମଣ୍ଡିରେ ଜଣେ ବ୍ୟକ୍ତି ଗୁରୁବାର ତାଙ୍କ ନିଖୋଜ ପୁଅଙ୍କୁ ଖୋଜୁଥିବାବେଳେ ୪ ଜଣ ଲୋକ ତାଙ୍କୁ ଲୁହାରଡ୍‌ରେ ପିଟି ମାରିଦେଇଥିଲେ। ଭୋର ୫ଟାରେ ମାଡ଼ ମାରିବାବେଳେ ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଉଠିଥିଲେ। ସେମାନେ ଏଥିରୁ ନିବୃତ୍ତ ରହିବାକୁ କହିଥିଲେ। ହେଲେ ଆକ୍ରମଣକାରୀମାନେ ସେମାନଙ୍କ କଥା ଶୁଣି ନ ଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ସେମାନଙ୍କ ଟ୍ରକ୍‌ରୁ ଏକ ମୋବାଇଲ ଫୋନ ଚୋରି କରିଥିବା ଆକ୍ରମଣକାରୀ କହିଥିଲେ।

## ଲତା ମଙ୍ଗେସ୍କରଙ୍କ ବିଲ୍ଡିଂ ସିଲ୍



**ମୁମ୍ବାଇ, ୩୦।୮ (ପି.ଟି.):** ସୁର ସମ୍ରାଜ୍ଞୀ ଲତା ମଙ୍ଗେସ୍କରଙ୍କ ବିଲ୍ଡିଂକୁ ବୃହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ ସିଲ୍ କରାଯାଇଛି। କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ୯୦ ବର୍ଷୀୟା ଗାୟିକା ଲତା ଦକ୍ଷିଣ ମୁମ୍ବାଇର ପେଦାର ରୋଡ୍‌ସ୍ଥିତ ପ୍ରଭୁକୁଞ୍ଜ ବିଲ୍ଡିଂରେ ରୁହନ୍ତି। ସେଠାରେ ଅନେକ ବରିଷ୍ଠ ନାଗରିକ ରହୁଥିବାରୁ ଏହାକୁ ସିଲ୍ କରାଯାଇଛି। ଲତା ଓ ତାଙ୍କ ପରିବାରର ସମସ୍ତ ସଦସ୍ୟ ସୁସ୍ଥ ଓ ସୁରକ୍ଷିତ ଥିବା ଜଣାପଡ଼ିଛି।

## 'ଆମେ କାହାର ସଖୀ କଣ୍ଢେଇ ନୋହୁଁ'

**ନୂଆଦିଲ୍ଲୀ, ୩୦।୮ (ପି.ଟି.)**



ଫାରୁକ୍ ଅବ୍‌ଦୁଲ୍ଲା

ପାକିସ୍ତାନର ଆଭିମୁଖ୍ୟକୁ ନେଇ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ସ୍ୱର ବଦଳିଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗରେ ନିକଟରେ ଜମ୍ମୁ-କଶ୍ମୀରର ୬ ରାଜନୈତିକ ଦଳ ମିଳିତ ଭାବେ ଲଢ଼େଇ କରିବା ପାଇଁ ଘୋଷଣା କରିଥିଲେ। ଏନ୍‌ସି, ପିଡିପି, କଂଗ୍ରେସ ଓ ଅନ୍ୟ ୩ ଦଳର ଏହି ଗୁପ୍‌କାର ଘୋଷଣାନାମା-୨କୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ପ୍ରଶଂସା କରିଥିଲେ। ଏହାକୁ ନେଇ ରବିବାର ଫାରୁକ୍ କହିଛନ୍ତି, ଜମ୍ମୁ-କଶ୍ମୀରର ପ୍ରମୁଖ ରାଜନୈତିକ ଦଳଗୁଡ଼ିକୁ ସବୁବେଳେ ଦୁର୍ବ୍ୟବହାର କରିଆସିଥିବା ପାକିସ୍ତାନ ଏବେ ହଠାତ୍ ଆମକୁ ପସନ୍ଦ କରିଛି। ଆମେ କାହାର ସଖୀ କଣ୍ଢେଇ ନୋହୁଁ। ନୂଆଦିଲ୍ଲୀ ହେଉ କି ପାକିସ୍ତାନ କାହା କଥାରେ ପଡ଼ି କାମ କରିବୁ ନାହିଁ। ଆମେ ଜମ୍ମୁ-କଶ୍ମୀରର ଲୋକଙ୍କ କଥା ଶୁଣିବୁ ବୋଲି ଏକ ଖବରଦାତା ସମ୍ମିଳନୀରେ ଫାରୁକ୍ କହିଛନ୍ତି। ଏହି ଅବସରରେ ସେ ଭାରତ ଓ ପାକିସ୍ତାନ ଉଭୟଙ୍କ ବୃହତ୍ ସ୍ୱାର୍ଥ ପାଇଁ ଆଲୋଚନା ଆରମ୍ଭ କରିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି।

## 'ମୋଦିଙ୍କ ବାୟୋପିକ୍ ନିର୍ମାତାଙ୍କ ଡ୍ରଗ୍ସ ଲିଙ୍କ୍'

**ନୂଆଦିଲ୍ଲୀ, ୩୦।୮**

**ଭାଜପା ଅଫିସକୁ ସନ୍ଦୀପ୍ ୫୩ ଥର ଫୋନ୍ କରିଛନ୍ତି: ସିଂଘଭି**



ସନ୍ଦୀପ୍ ସିଂ



ଅଭିଷେକ ସିଂଘଭି

ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ସହ ଡ୍ରଗ୍ସର ସମ୍ପର୍କ ଥିବା ନେଇ ତଦନ୍ତ ଜାରି ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାୟୋପିକ୍ ନିର୍ମାତା ସନ୍ଦୀପ୍ ସିଂଙ୍କ ବିରୋଧରେ ଡ୍ରଗ୍ସ କାରବାର ଅଭିଯୋଗ ଆସିଛି। ସନ୍ଦିପ୍‌ଙ୍କର ଭାଜପା ଏବଂ ଗୁଜରାଟ ସରକାରଙ୍କ ସହ ସମ୍ପର୍କ ରହିଛି। ନିକଟରେ ତାଙ୍କୁ ଗୁଜରାଟ ସରକାର ବହୁ କୋଟି ଟଙ୍କାର ଠିକା ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ଭାଜପାରୁ କିଏ ସନ୍ଦିପ୍‌ଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଛି ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ସିଂଘଭି ପ୍ରଶ୍ନ କରିଛନ୍ତି। ସୁଶାନ୍ତ ସିଂଙ୍କର ଘନିଷ୍ଠ ସହଯୋଗୀ ବୋଲି ଦାବି କରୁଥିବା ଏହି ଚଳଚ୍ଚିତ୍ର ନିର୍ମାତା ଗତ କିଛି ମାସ ମଧ୍ୟରେ ମହାରାଷ୍ଟ୍ର ଭାଜପା କାର୍ଯ୍ୟାଳୟକୁ ୫୩ ଥର ଫୋନ୍ କରିଥିବା ସିଂଘଭି କହିଛନ୍ତି। ସିବିଆଇ ତଦନ୍ତ ପାଇଁ ତତ୍ପରତା ଦେଖାଇବା ପଛରେ ସନ୍ଦିପ୍ ରହିଛନ୍ତି କି? ଭାଜପା ଏଭଳି ଲୋକଙ୍କ ସହ କ'ଣ ପାଇଁ ସମ୍ପର୍କ ରଖିଛି ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି। ସେ କ'ଣ ପାଇଁ ବାରମ୍ବାର ମହାରାଷ୍ଟ୍ର ଭାଜପା କାର୍ଯ୍ୟାଳୟକୁ ଫୋନ୍ କରୁଥିଲେ ବରିଷ୍ଠ ନେତା ଦେବେନ୍ଦ୍ର ଫଡ଼ନବିସ ଏବଂ ନୀତିନ ଗଡ଼କରୀ ଏହାର ଉତ୍ତର ଦେବାକୁ ସିଂଘଭି ଦାବି କରିଛନ୍ତି।

# 'ନିଜ ଅଞ୍ଚଳ ପରୀକ୍ଷାର୍ଥୀଙ୍କୁ ସାହାଯ୍ୟ କର'

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ନିଟ୍ ଓ ଜେଇଇ ପରୀକ୍ଷାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦଳୀୟ ବିଧାୟକମାନଙ୍କୁ ଭିଡିଓ କନ୍‌ଫରେନ୍ସରେ ସବୁ ପିଲା ଆମ ପରିବାରର ଜଣେ ଲେଖାଏ ସଦସ୍ୟ, ଏହି କଷ୍ଟ ସମୟରେ ସେମାନଙ୍କ ସାଙ୍ଗରେ ଆମେ ରହିବା ଦରକାର। ପିଲାମାନେ ଯେପରି ଭଲରେ ପରୀକ୍ଷା ଦେବେ ସେଥିଲାଗି ସମସ୍ତେ ସହଯୋଗ କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ବିଧାୟକମାନଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ଏବଂ ବନ୍ୟା ପରିସ୍ଥିତିରେ ପିଲାଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ନିଟ୍ ଓ ଜେଇଇ ପରୀକ୍ଷା ଘୁଞ୍ଚାଇବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ଏବେ ପରୀକ୍ଷା ପାଇଁ ୪୮ଘଣ୍ଟାରୁ କମ୍ ସମୟ ରହିଛି। ପିଲାମାନେ ହେଉଛନ୍ତି ଦେଶ ଓ ରାଜ୍ୟର ଭବିଷ୍ୟତ। ସେମାନଙ୍କ ସୁରକ୍ଷା ଆମ ଦାୟିତ୍ୱ। ତେଣୁ ପିଲାମାନେ ଯେପରି ଭଲରେ ପରୀକ୍ଷା ଦେବେ, ସେଥିପାଇଁ ରାଜ୍ୟ ସରକାର ମାଗଣାରେ ପରିବହନ ଓ ରହିବା ବ୍ୟବସ୍ଥା କରିଛନ୍ତି। ସବୁ ବିଧାୟକମାନଙ୍କ ଅଞ୍ଚଳରେ ପିଲାମାନେ ଯେପରି ଭଲରେ ପରୀକ୍ଷା ଦେବେ ସେଥିପ୍ରତି ସମସ୍ତେ ସହଯୋଗ କରନ୍ତୁ। ଓଡିଶା ମୋ ପରିବାର କାର୍ଯ୍ୟକ୍ରମରେ ଏ ସମୟରେ ପିଲାଙ୍କୁ ସହଯୋଗ ମିଳିବ। ସେହିପରି ଅଧିକ ରକ୍ତଦାନ କ୍ୟାମ୍ପ ପାଇଁ ସମସ୍ତେ କାମ କରନ୍ତୁ ବୋଲି ସେ କହିଛନ୍ତି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ବିଧାୟକମାନଙ୍କ ସହ ଆଲୋଚନା କରୁଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସମସ୍ତେ ଜାଣନ୍ତି କରୋନା ସଂକ୍ରମଣରେ ଭାରତ ବର୍ତ୍ତମାନ ସାରା ବିଶ୍ୱରେ ସବୁଠାରୁ ଉପରେ ରହିଛି। ପ୍ରତ୍ୟେକ ଦୁଇଦିନରେ ଲକ୍ଷେରୁ ଅଧିକ ଲୋକ ସଂକ୍ରମିତ ହେଉଛନ୍ତି। ଓଡିଶା ମଧ୍ୟ କରୋନା ବିରୋଧରେ କଡା ମୁକାବିଲା କରୁଛି। କୋଭିଡ୍ ଯୋଦ୍ଧାମାନଙ୍କ ତ୍ୟାଗ ଓ ପରିଶ୍ରମ ଏବଂ ଆପଣମାନଙ୍କ ସହଯୋଗ ଯୋଗୁ ରାଜ୍ୟରେ ଆରୋଗ୍ୟ ହାର ବଢୁଛି। ମୃତ୍ୟୁହାର କମ୍ ରହିଛି। ଏହି ସମୟରେ ଲୋକ ଏବଂ କୋଭିଡ୍ ଯୋଦ୍ଧାଙ୍କ ସାଙ୍ଗରେ ରହିବା ସହିତ ତାଙ୍କ କାମକୁ ପ୍ରଶଂସା କରିବା ପାଇଁ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। କୋଭିଡ୍‌ରେ ମୃତ୍ୟୁ ଘଟୁଥିବା ଲୋକଙ୍କ ମୃତଦେହ ସଂସ୍କାରରେ ସମସ୍ୟା ହେଉଛି। ଏନେଇ ଲୋକଙ୍କୁ ବୁଝାଇବା ସହିତ ଯେପରି ସମସ୍ୟା ନ ଉପୁଜିବ ସେଥିପାଇଁ ଦାୟିତ୍ୱ ନିଅ। ଗଞ୍ଜାମରେ ୫ କୋଭଡ୍ ସେଣ୍ଟର ବନ୍ଦ ହେଲା, ସେହି ଅଞ୍ଚଳରେ ପରିସ୍ଥିତିରେ ସୁଧାର ଆସିଛି। କିନ୍ତୁ ଖୋର୍ଦ୍ଧା-କଟକରେ ସ୍ଥିତି ସୁଧାରିବା ପାଇଁ ଆଗକୁ ଅଧିକ ପରିଶ୍ରମ କରିବାକୁ ପଡିବ ବୋଲି ସେ କହିଛନ୍ତି। କୋଭଡ୍ ଯୋଗୁ ବାହାର ରାଜ୍ୟରୁ ଓଡିଶାର ୧୦ଲକ୍ଷ ଲୋକ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଯେପରି କୌଣସି ଜଣେ ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହେବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ସେହିପରି ସେମାନଙ୍କୁ ନିର୍ମାଣ ଶ୍ରମିକ ଯୋଜନା ପାଇଁ ସୁବିଧାରେ ପଞ୍ଜୀକରଣ କରିପାରିବେ ସେଥିରେ ସାହାଯ୍ୟ କରନ୍ତୁ। ଲଘୁଚାପ ପରେ ରାଜ୍ୟରେ ବନ୍ୟା ଆସିଛି। ଲୋକଙ୍କ ଅସୁବିଧା ସମୟରେ ସେମାନଙ୍କୁ ସାହାଯ୍ୟ କରନ୍ତୁ। ବର୍ତ୍ତମାନ କେବଳ ରାଜ୍ୟ ନୁହେଁ ଦେଶର ଅର୍ଥନୀତି ଆହ୍ୱାନମୂଳକ ସମୟ ଦେଇ ଗତି କରୁଛି। ତଥାପି ଲୋକଙ୍କ କଲ୍ୟାଣ ପାଇଁ ବିଧାୟକ ପାଣ୍ଠିକୁ ଆଉ କୋଟିଏ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛି। ଏହି ଟଙ୍କା ସାହାଯ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀରୁ ମାସ୍କ କିଣାଯାଇପାରିବ। ଏହାଦ୍ୱାରା ସ୍ୱୟଂ ସହାୟିକା ଗୋଷ୍ଠୀର ରୋଜଗାର ବଢିବା ସହିତ ଲୋକମାନେ ନିରାପଦରେ ରହିବେ ବୋଲି ନବୀନ କହିଛନ୍ତି।

### ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

- ବିଧାୟକଙ୍କ ପାଣ୍ଠି କୋଟିଏ ବଢ଼ିବ
- କୋଭିଡ୍‌ରେ ମୃତକଙ୍କ ଶବ ସଂସ୍କାରରେ ସମସ୍ୟା ଦୂର କର
- ଲୋକ, କୋଭିଡ୍ ଯୋଦ୍ଧାଙ୍କ ସାଙ୍ଗରେ ରୁହ
- ଖୋର୍ଦ୍ଧା, କଟକ ପରିସ୍ଥିତି ସୁଧାରିବାକୁ ଅଧିକ ପରିଶ୍ରମ କର

# ଏସ୍‌ଆଇ, ଏଏସ୍‌ଆଇଙ୍କ ସମେତ ୪ ନିଲମ୍ବିତ

### ଲାଞ୍ଚ ନେଇ ଗଞ୍ଜେଇ ଗାଡ଼ି ଛାଡ଼ିବା ଘଟଣା

ମାଲକାନଗିରି/ଖଇରପୁଟ, ୩୦।୮(ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ମୁଦୁଲିପଡ଼ା ଥାନା ଅଞ୍ଚଳରେ ଗଞ୍ଜେଇ ଚୋରାଚାଲାଣବେଳେ ପୋଲିସ ଲାଞ୍ଚ ନେଇ ଗଞ୍ଜେଇ ଗାଡ଼ିକୁ ଛାଡ଼ିଦେବା ଅଭିଯୋଗରେ ଥାନା ଏସ୍‌ଆଇଙ୍କୁ ନିଲମ୍ବିତ କରାଯାଇଛି। ସେହିପରି ଜଣେ ଏଏସ୍‌ଆଇ ଏବଂ ୨ ପୋଲିସ ହୋମ୍‌ଗାର୍ଡଙ୍କ ନାମରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ୪ ଦିନ ତଳେ ରାତିରେ ମୁଦୁଲିପଡ଼ା ଥାନା ଦେଇ ଏକ ଗାଡ଼ିରେ ଗଞ୍ଜେଇ ଚାଲାଣ କରାଯାଉଥିଲା। ଏହି ସମୟରେ ଏଏସ୍‌ଆଇ ନାରାୟଣ ମାଝି ଏବଂ ୨ ହୋମଗାର୍ଡ ସୀତାକାନ୍ତ ପଟ୍ଟନାୟକ ଏବଂ ସୁଶାନ୍ତ ବେହେରା ଉକ୍ତ ଗାଡ଼ିକୁ ଅଟକାଇଥିଲେ। ଗଞ୍ଜେଇ ଚାଲାଣକାରୀଙ୍କଠାରୁ ଲାଞ୍ଚ ନେଇ ଗାଡ଼ିଟିକୁ ଛାଡ଼ିଦେଇଥିଲେ। ଏହି ଘଟଣାରେ ମୁଦୁଲିପଡ଼ା ଥାନା ଆଇଆଇସି ହରିଶ୍ଚନ୍ଦ୍ର ଗୋଲରି ମଧ୍ୟ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏ ନେଇ ମାଥିଲି ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ମାଲକାନଗିରିର ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଘଟଣାର ତଦନ୍ତ କରିଥିଲା। ଅଭିଯୋଗରେ ସତ୍ୟତା ରହିଥିବା ନେଇ ସମସ୍ତ ପ୍ରମାଣ ମିଳିବା ପରେ ଆଇଆଇସି ଗୋଲରି, ଏଏସ୍‌ଆଇ ଏବଂ ଦୁଇ ହୋମ୍‌ଗାର୍ଡଙ୍କୁ ନିଲମ୍ବନ କରାଯାଇଛି। ସେହିପରି ଏଏସ୍‌ଆଇ ଏବଂ ଦୁଇ ହୋମ୍‌ଗାର୍ଡଙ୍କୁ ଅଟକ ରଖି ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।






**ଆଜିର ମନ୍ତବ୍ୟ**

ଛାତ୍ରୀଛାତ୍ର ଖେଳଣାକୁ ନେଇ ଚର୍ଚ୍ଚା ନୁହେଁ, ବରଂ ପରୀକ୍ଷାକୁ ନେଇ ଚର୍ଚ୍ଚା ଶୁଣିବାକୁ ଚାହାନ୍ତି।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................


ରିଶ୍ମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ ନେବ ନାହିଁ**
**ପକେଇଲା ଛେପ ଢୋକିବ ନାହିଁ।**

ସାଧାରଣତଃ ଦାନ ଦେଲା ପରେ ସ୍ୱତଃ ଦାନ ଦିଆଯାଇଥିବା ବସ୍ତୁ ବା ଜିନିଷ ଉପରୁ ଅଧିକାର ହଟିଯାଇଥାଏ। ତେଣୁ ସେ ଦାନ ଛଡେଇଆଣିବା ବା ପ୍ରତ୍ୟାଖ୍ୟାନ କରିବା ଉଚିତ ହୋଇ ନ ଥାଏ। ସେହିପରି ଯେଉଁ ବିଷୟରେ କଥା ଦିଆହୋଇଛି ତାହା ନିଶ୍ଚୟ ପାଳନ କରିବା ଉଚିତ। ପ୍ରତିଶ୍ରୁତି ଭଙ୍ଗ କରିବା ଅନ୍ୟାୟ। ସ୍ୱୀକାରବଦ୍ଧ କଥାରୁ ଓହରି ଆସିବା ବା ହଟିଆସିବା ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଲେ ଦୋଷ**
**ନ ଦେଲେ ରୋଷ ।**

ଏପଟେ ଦେଲେ ସେଥିରେ ଦୋଷ ବାହାରିବା ପରି ନ ଦେଲେ ପାଇବା ଲୋକର ମନ ଊଣା ବା ରୋଷ ଅଭିମାନ। ବେଳେବେଳେ ବ୍ୟକ୍ତି ଦୋଛକିରେ ପଡିଯାଇଥାଏ। କେଉଁଟା କରିବ କେଉଁଟା ନ କରିବ ସ୍ଥିର କରି ନ ପାରି ଅଯଥା ଦ୍ୱନ୍ଦ୍ୱରେ ପଡି ଘାଣ୍ଟି ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ୪୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୩୦।୮ (ବ୍ୟୁରୋ)**

ହୀରାକୁଦ ଡ୍ୟାମ୍‌ର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବାବେଳେ ରବିବାର ସନ୍ଧ୍ୟା ସୁଦ୍ଧା ୬୨୭.୮୯ ଫୁଟ୍ ରହିଛି। ମୋଟ ୬୪ଟି ଗେଟ୍ ମଧ୍ୟରୁ ଶନିବାର ୪୬ଟି ଗେଟ୍ ଦେଇ ବନ୍ୟା ପାଣି ଛଡ଼ାଯାଉଥିଲା। ରବିବାର ଏଥିରୁ ପ୍ରଥମେ ୩ଟି ଗେଟ୍‌କୁ ବନ୍ଦ କରି ଦିଆଯାଇ ଥିବାବେଳେ ରାତି ୯ଟା ପରେ ଆଉ ୩ ଗେଟକୁ ମଧ୍ୟ ବନ୍ଦ କରାଯାଇଛି। ୪୦ଟି ଗେଟ୍‌ରେ ଡ୍ୟାମ୍‌ରୁ ଜଳ ନିଷ୍କାସନ କରାଯାଉଛି। ଡାହାଣ ପାର୍ଶ୍ୱର ୧୫ ଓ ବାମ ପାର୍ଶ୍ୱର ୨୫ଟି ସ୍ଲୁଇସ୍ ଗେଟ୍ ସହ ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୭ ଲକ୍ଷ

**ହୀରାକୁଦ ଡ୍ୟାମ୍ ଜଳସ୍ତର ୬୨୭.୮୯ ଫୁଟ୍**

୧୬ ହଜାର ୩୬୮ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଅପରପକ୍ଷେ ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୬ ଲକ୍ଷ ୮୮ ହଜାର ୯୮୯ କ୍ୟୁସେକ ଜଳ ପ୍ରବେଶ କରୁଛି। ବେଲଗାଁରେ ୩୦ ହଜାର, ପଥର୍ଲାରେ ୮୪ ହଜାର ୭୮୦, ଖଇରମାଲରେ ୯ ଲକ୍ଷ ୮୪ ହଜାର, ବରମୁଲାରେ ୯ ଲକ୍ଷ ୨୩ ହଜାର ୭୫୦, ମୁଣ୍ଡଲୀରେ ୧୦ ଲକ୍ଷ ୨ ହଜାର ୮୨୩ କ୍ୟୁସେକ ଜଳ ପ୍ରବାହିତ ହେଉଛି ବୋଲି ଡ୍ୟାମ୍ କଣ୍ଟ୍ରୋଲ ରୁମ୍ ପକ୍ଷରୁ ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ...

### ବନ୍ୟାବିପନ୍ନଙ୍କୁ ପୂର୍ଣ୍ଣମା ...

କ୍ୟୁସେକ ପାଣି ପ୍ରବେଶ କରୁଥିବାବେଳେ ଏବେ ୮ଲକ୍ଷ କ୍ୟୁସେକ ପାଣି ପ୍ରବେଶ କରୁଛି। ୪୦ଟି ଗେଟରେ ୭ ଲକ୍ଷ କ୍ୟୁସେକ ପାଣି ଛଡ଼ାଯାଉଛି। ରବିବାର ପୂର୍ବାହ୍ଣରେ ମୁଣ୍ଡଳୀଠାରୁ ୧୦ ଲକ୍ଷ କ୍ୟୁସେକ ପାଣି ପ୍ରବାହିତ ହେଉଛି। ଏହାଠାରୁ ଅଧିକ ବନ୍ୟା ପାଣି ଆସିବ ନାହିଁ। ଏହାର ପ୍ରଭାବରେ ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାର କେତେକ ଅଞ୍ଚଳ ଲୁଣା ଚିତ୍ରୋପ୍ତଳ ନଦୀର ମାର୍ଶାଘାଇ, ଗରଦପୁର, ପାଟକୁରା ଅଞ୍ଚଳରେ ବନ୍ୟା ହେବା ଆଶଙ୍କା ରହିଛି। ସେଠାରେ ଦୁଇଟି ଏନ୍‌ଡିଆର୍‌ଏଫ୍ ଟିମ୍ ରହିଛନ୍ତି। ସେଠାକୁ ଆଉ ଗୋଟିଏ ଓଡ୍ରାଫ ଟିମ୍ ପଠାଯାଉଛି। କେନ୍ଦ୍ରାପଡ଼ାରେ ୭ଟି ଓଡ୍ରାଫ ଓ ଏନଡିଆରଏଫ ଟିମ୍ , ଜିଲାର ଅଗ୍ନିଶମ ଟିମ ସଜାଗ ରହିଛନ୍ତି। କେନ୍ଦ୍ରାପଡ଼ା ଜିଲାର ବନ୍ୟା ପରିସ୍ଥିତିକୁ ଶିଳ୍ପ ସଚିବ ହେମନ୍ତ ଶର୍ମା ତଦାରଖ କରୁଛନ୍ତି। ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବନ୍ୟା ଯୋଗୁ ରାଜ୍ୟରେ ୧୭ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ ହଜାର ୩୮୨ ଘର ଭାଙ୍ଗିଛି । ସେହିପରି ୧ଲକ୍ଷ ୬୮ହଜାର ୯୦୪ ହେକ୍ଟର ଜମିରେ ପାଣି ମାଡ଼ିଯାଇଛି। ରାଜ୍ୟର ୨୦ଟି ଜିଲା ପ୍ରଭାବିତ ହୋଇଛି। ସେଗୁଡ଼ିକ ହେଲା ଅନୁଗୋଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼, ନୂଆପଡା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼। ଏହିସବୁ ଜିଲାର ୧୧୨ଟି ବ୍ଲକର ୮୯୬ ପଞ୍ଚାୟତର ୩୨୫୬ ଗ୍ରାମ ପ୍ରଭାବିତ ହୋଇଛି। ସେହିପରି ୨୧ଟି ସହରର ୭୫ଟି ୱାର୍ଡରେ ବନ୍ୟା ଜଳ ପ୍ରବେଶ କରିଛି। ବନ୍ୟା ଯୋଗୁ ୧୪ଲକ୍ଷ ୩୨ହଜାର ୭୦୧ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ୩୪୦ଟି ଗ୍ରାମର ୨ଲକ୍ଷ ୬୫ ହଜାର ୭୨୩ ଜଣ ଲୋକ ପାଣିଘେରରେ ରହିଛନ୍ତି। ୫୭ହଜାର ୮୨୪ଜଣଙ୍କୁ ମାଗଣାରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୧୪ ଏନ୍‌ଡିଆର୍‌ଏଫ୍ ଟିମ, ୧୭ ଓଡ୍ରାଫ ଟିମ୍ ଏବଂ ୨୨ଟି ଅଗ୍ନିଶମ ବାହିନୀ ନିୟୋଜିତ ଅଛନ୍ତି। ୫ଟି ଜିଲାରେ ୩୨ଟି ଘାଇ ହୋଇଥିବାବେଳେ ୧୧ଟି ଜିଲାରେ ୧୦୭ଟି ରାସ୍ତା ନଷ୍ଟ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବନ୍ୟା ସମ୍ପର୍କରେ ସୂଚନା ଦେଇ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ କହିଛନ୍ତି ଯେ, ଲଘୁଚାପ ଜନିତ ବର୍ଷା ଫଳରେ ୫ଟି ନଦୀରେ ଯେଉଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ସେଥିରେ ଅନେକ ସୁଧାର ଆସିଛି। ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ବୈତରଣୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ରେଙ୍ଗାଲି ଡ୍ୟାମ୍‌ର ଯେଉଁ ୪ଟି ଗେଟ୍ ଖୋଲା ଯାଇଥିଲା। ବର୍ତ୍ତମାନ ସେଥିରୁ ୩ଟି ଗେଟ୍ ବନ୍ଦ କରାଯାଇଛି। ଆଉ ଗୋଟିଏ ଗେଟ ମଧ୍ୟ ବନ୍ଦ କରିବାକୁ ଯୋଜନା ଚାଲିଛି। ମହାନଦୀରେ ପୂର୍ଣ୍ଣ ବନ୍ୟାଜଳ ପ୍ରବାହିତ ହେଉଛି। ହୀରାକୁଦ ଡ୍ୟାମ ଭିତରକୁ ଏବେ କମ୍ ବନ୍ୟା ଜଳ ପ୍ରବେଶ କରୁଛି। ହୀରାକୁଦର ୪୬ଟି ଗେଟ ଦେଇ ଜଳ ନିଷ୍କାସନ ହେଉଥିବାବେଳେ ସ୍ଥିତିକୁ ଦେଖି ରବିବାର ସନ୍ଧ୍ୟାରେ ୩ଟି ଗେଟ୍ ବନ୍ଦ କରାଯାଇଛି। ମୁଣ୍ଡଳୀରେ ୧୦ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଏହି ସ୍ତରରେ ବନ୍ୟା ପାଣି ମହାନଦୀରେ କିଛି ସମୟ ଧରି ପ୍ରବାହିତ ହେବ। ଅଧିକ ବନ୍ୟା ଆଶଙ୍କା ଥିବା ଜିଲାଗୁଡ଼ିକୁ ଅଭିଜ୍ଞତା ସମ୍ପନ୍ନ ଇଞ୍ଜିନିୟରଙ୍କୁ ପଠାଯାଇଛି। ସେମାନେ ମଧ୍ୟ ରାତିରେ ନଦୀ ବନ୍ଧରେ ପାଟ୍ରୋଲିଂ କରୁଛନ୍ତି ବୋଲି ଗର୍ଗ ସୂଚନା ଦେଇଛନ୍ତି।

ଏସ୍‌ଆର୍‌ସି ଜେନା କହିଛନ୍ତି ଯେ, ସୁବର୍ଣ୍ଣରେଖା ବିପଦ ସଙ୍କେତ ତଳେ ରହିଛି। ସେହିପରି ବୁଢାବଳଙ୍ଗ ନଦୀରେ ବନ୍ୟା ନାହିଁ। ଯେଉଁ ୧୦ଟି ଗ୍ରାମ ବନ୍ୟା ପାଣି ଘେରରେ ଥିଲା ସେଥିରେ ସୁଧାର ଆସିଛି। ବୈତରଣୀର ଆଖୁଆପଦାଠାରେ ବିପଦ ସଙ୍କେତସ୍ତର ୧୭.୮୩ ଥିବା ବେଳେ ୧୭.୪୩ ମିଟରରେ ବନ୍ୟା ପାଣି ପ୍ରବାହିତ ହେଉଛି। ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକ, ଭଦ୍ରକର ଧାମନଗର ବ୍ଲକରେ ବନ୍ୟା ପରିସ୍ଥିତି ସୁଧୁରୁଛି। ବ୍ରାହ୍ମଣୀ ଯୋଗୁ କେନ୍ଦ୍ରାପଡ଼ା ଜିଲାର ବରୀ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି। ଯାଜପୁରରେ ୨୬ଟି ଘାଇ ହୋଇଥିଲା। ସେଥିରୁ ବ୍ରାହ୍ମଣୀରେ ୨୧ଟି ଘାଇ ହୋଇଥିଲା। ବରୀ ଓ ଦଶରଥପୁର ଅଞ୍ଚଳକୁ ଜିଲା ପ୍ରଶାସନର ୧୭ଜଣ ଅଫିସର ରିଲିଫ ସାମଗ୍ରୀ ନେଇ ଯାଇଛନ୍ତି। ସେଠାରେ ଉଦ୍ଧାର ଓ ରିଲିଫ ବଣ୍ଟନ ଆରମ୍ଭ ହୋଇଛି। ଯେଉଁମାନଙ୍କ ଘର ଭାଙ୍ଗିଛି ସେମାନଙ୍କୁ ପଲିଥିନ ଦିଆଯାଉଛି। ଆଇଏଏସ୍ ଅଫିସର ଭି.ଭି. ଯାଦବ ଓ ଯାଜପୁର ଜିଲାପାଳ ବରୀ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବ୍ରହ୍ମଣୀ ଯୋଗୁ ଆଳି, ରାଜକନିକା, ଓଳାଭର ଧୋୟା ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବ୍ରାହ୍ମଣୀ ନଦୀର ଗୋଟିଏ ଘାଇ ବେଣିପୁର ପାଖରେ ହୋଇଛି। ସୋମବାର କେନ୍ଦ୍ରାପଡ଼ା ଜିଲାରେ ବ୍ରାହ୍ମଣୀନଦୀ ବନ୍ୟାରେ ସୁଧାର ଆସିବ। ଜଗତ୍‌ସିଂହପୁର ଜିଲାରେ ବନ୍ୟା ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ରହିଛି। ବରିଷ୍ଠ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁ ଜଗତ୍‌ସିଂହପୁର ଜଲା ବନ୍ୟା ତଦାରଖ କରୁଛନ୍ତି। ପୁରୀ ଜିଲାର ଦୟା ଓ ଭାର୍ଗବୀରେ ବନ୍ୟା ଆସି ବାଲିକୁଦା, ବାଲିପାଟଣା, କଣାସ, ଡେଲାଙ୍ଗର ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ପୁରୀ ଜିଲାରେ ଦୁଇଟି ଘାଇ ହୋଇଛି। ସେଠାରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। କଣାସ ପାଖରେ ବଡ଼ ଘାଇ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇଛି। ଜଳ ସମ୍ପଦ ବିଭାଗର ଇଞ୍ଜିନିୟରମାନେ ଶନିବାର ରାତି ସାରା କାମ କରି ସେହି ଘାଇକୁ ରୋକିବାରେ ସକ୍ଷମ ହୋଇଛନ୍ତି। ସେଠାରେ ଘାଇ ହୋଇଥିଲେ ପ୍ରାୟ ୩ରୁ ୪ଲକ୍ଷ ଲୋକ ପ୍ରଭାବିତ ହୋଇଥାନ୍ତେ ବୋଲି ଏସ୍‌ଆର୍‌ସି କହିଛନ୍ତି। ସେହିପରି ଖୋର୍ଦ୍ଧା ଜିଲାର ରାଜୁଆ ନଦୀରେ ୧୦ ମିଟର ଘାଇ ହୋଇଛି। ଭାର୍ଗବୀ ନଦୀ ନିୟନ୍ତ୍ରଣାଧୀନ ରହିଛି। ସେଠାରେ ଜଳ ସମ୍ପଦ ବିଭାଗର ୩ ଜଣ ବରିଷ୍ଠ ଇଞ୍ଜିନିୟର ସେଠାରେ ବନ୍ୟା ଉପରେ ନଜର ରଖିଛନ୍ତି। ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶାସନ ପ୍ରସ୍ତୁତ ହୋଇ ରହିଛି। ବନ୍ୟାପାଣି ଛାଡ଼ିବା ମାତ୍ରେ ଘାଇଗୁଡ଼ିକୁ ତୁରନ୍ତ ମରାମତି କରାଯିବ ବୋଲି ଏସ୍‌ଆର୍‌ସି ଜେନା ସୂଚନା ଦେଇଛନ୍ତି।

### ବିଦାହେବେ ଅପାରଗ, ...

ସେଣ୍ଟ୍ରାଲ ସିଭିଲ ସର୍ଭିସେସ୍ (କ୍ଲାସିଫିକେଶନ, କଣ୍ଟ୍ରୋଲ ଆଣ୍ଡ ଅପିଲ) ରୁଲ୍ସ, ୧୯୬୫ରେ ଥିବା 'ବାଧ୍ୟତାମୂଳକ ଅବସର'ଠାରୁ ଏହା ଭିନ୍ନ ବୋଲି ଶୁକ୍ରବାର ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ୫୦/୫୫ ବର୍ଷରେ ଉପନୀତ କିମ୍ବା ୩୦ ବର୍ଷ ଚାକିରି କରିସାରିଥିବା ଜଣେ ସରକାରୀ ଚାକିରିଆଙ୍କୁ ସରକାର କୌଣସି ସମୟରେ ଆଗୁଆ ଅବସର ଦେଇପାରିବେ। ସମ୍ପୃକ୍ତ ଅଧିକାରୀ ଚାକିରିରେ ରହିବେ ନା ତାଙ୍କୁ ଅବସର ଦିଆଯିବ ତାହା ତାଙ୍କର ପ୍ରଦର୍ଶନ ଆଧାରରେ ସ୍ଥିର କରାଯିବ। ପୂର୍ବରୁ ରହିଥିବା ନିୟମାବଳୀରେ ଅଧିକ ସ୍ୱଚ୍ଛତା ଆଣିବା ଓ ସମାନ ଭାବେ କାର୍ଯ୍ୟକାରୀ କରିବା ଲାଗି ସଦ୍ୟ ନିର୍ଦ୍ଦେଶନାମା ଜାରି କରାଯାଇଛି। କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗର ସଚିବମାନଙ୍କୁ ଏ ସମ୍ପର୍କିତ ପତ୍ର ପଠାଯାଇଛି।

ଏଫ୍‌ଆର୍ ୫୬(ଜେ) ଅନୁସାରେ ଗ୍ରୁପ୍ ଏ ଏବଂ ବି ବର୍ଗର ଅଫିସରଙ୍କ ସମୀକ୍ଷା କରାଯାଇପାରିବ ଯଦି ସେ ୫୦ ବର୍ଷରେ ଉପନୀତ ହୋଇସାରିଥିବେ (୩୫ ବର୍ଷ ବୟସ ପୂର୍ବରୁ ଚାକିରିରେ ଯୋଗଦେଇଥିଲେ) କିମ୍ବା ତାଙ୍କୁ ୫୫ ବର୍ଷ ହୋଇଥିବ (ଯଦି ସେ ୩୫ ବର୍ଷ ବୟସ ପରେ ଚାକିରି କରିଥିବେ)। ଏଫ୍‌ଆର୍ ୫୬(ଆଇ) ଅନୁସାରେ ପେନ୍‌ସନ ରୁଲ୍ସରେ ଆସୁ ନ ଥିବା ଗ୍ରୁପ୍ ସି ସେବା ବା ପଦବୀର ଜଣେ ସରକାରୀ କର୍ମଚାରୀ ୩୦ ବର୍ଷ ଚାକିରିରେ ରହିସାରିଥିଲେ ତାଙ୍କୁ ଅବସର ଦେବା ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିରଙ୍କୁଶ ଅଧିକାର ରହିଛି। ତେବେ ଏଥିପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ ୩ ମାସିଆ ଲିଖିତ ନୋଟିସ କିମ୍ବା ନୋଟିସ ବଦଳରେ ୩ ମାସର ଦରମା ଓ ଭତ୍ତା ଦିଆଯିବ ଜରୁରୀ। ସୂତ୍ରରୁ ମିଳିଥିବା ସୂଚନାନୁସାରେ ମନ୍ତ୍ରଣାଳୟ ପକ୍ଷରୁ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ଆଗକୁ ଗଠନ ହେବାକୁ ଥିବା ରିଭ୍ୟୁ ଆଣ୍ଡ ରିପ୍ରେଜେଣ୍ଟେଶନ କମିଟି ନିକଟକୁ ପଠାଯିବ। କେଉଁ ଅଫିସରମାନଙ୍କୁ ଚାକିରି ଅବଧି ଥାଉ ଥାଉ ଅବସର ଦିଆଯିବ ତାହା ଉକ୍ତ କମିଟି ନିଷ୍ପତ୍ତି ନେବ ବୋଲି ଜଣାପଡ଼ିଛି।

### ୟୁପିଆଇ, ରୁପେ ପେମେଣ୍ଟ ...

ହେଉଥିବା ନେଣଦେଣ ଉପରେ କୌଣସି ଚାର୍ଜ ନ ଲାଗୁ କରିବା ଲାଗି ବ୍ୟାଙ୍କଗୁଡ଼ିକୁ ଏଥିରେ ପରାମର୍ଶ ଦିଆଯାଇଛି। କୌଣସି ବାଣିଜ୍ୟିକ ସଂସ୍ଥା ବା ବ୍ୟକ୍ତିବିଶେଷ ବାର୍ଷିକ ୫୦ କୋଟି ଟଙ୍କାର କାରବାର, ବିକ୍ରି କିମ୍ବା ଅର୍ଥ ଗ୍ରହଣ କରୁଥିଲେ ତାଙ୍କୁ ତୁରନ୍ତ ଭିତ୍ତିରେ ଏହି ପ୍ଲାଟ୍‌ଫର୍ମଗୁଡ଼ିକରେ ନେଣଦେଣ ସୁବିଧା ପ୍ରଦାନ କରିବାକୁ କୁହାଯାଇଛି। ଏହା ମଧ୍ୟରେ ଭୀମ୍ ୟୁପିଆଇ, ରୁପେ ଏବଂ ୟୁପିଆଇ କ୍ୟୁଆର୍ କୋଡ୍ ସାମିଲ ରହିଛି। ଚଳିତ ବର୍ଷ ଜାନୁୟାରୀ ପହିଲାଠାରୁ ଉକ୍ତ ବର୍ଗରେ ହୋଇଥିବା ନେଣଦେଣ ଉପରେ ଲାଗୁ ଚାର୍ଜର ରିଫଣ୍ଡ ତୁରନ୍ତ ଭିତ୍ତିରେ କରିବାକୁ କୁହାଯାଇଛି। କେତେକ ନିର୍ଦ୍ଦିଷ୍ଟ ପ୍ଲାଟ୍‌ଫର୍ମରେ ଇ-ନେଣଦେଣ ଲାଗି ଜାନୁୟାରୀ ପହିଲାରୁ କୌଣସି ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଏମ୍‌ଡିଆର୍) ନ ଲାଗୁ କରିବାକୁ ପୂର୍ବରୁ ନିର୍ଦ୍ଦେଶ ରହିଛି। ମାତ୍ର କିଛି ବ୍ୟାଙ୍କ ୟୁପିଆଇରେ ହେଉଥିବା ନେଣଦେଣ ଉପରେ ଚାର୍ଜ ଲଗାଉଥିବା ସରକାରଙ୍କ ନଜରକୁ ଆସିଛି। କେତେକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଥର ନେଣଦେଣ ସୀମା ପରେ ଚାର୍ଜ ଲାଗୁ ହେଉଥିବା ଦେଖାଯାଉଛି। ବ୍ୟାଙ୍କଗୁଡ଼ିକର ଏଭଳି କାର୍ଯ୍ୟକଳାପ ସରକାରଙ୍କ ଆଇନକୁ ଅବମାନନା କରୁଥିବାରୁ ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ସିବିଡିଟି ପକ୍ଷରୁ ସୂଚନା ଦିଆଯାଇଛି।

### ରାଜ୍ୟରେ ସଂକ୍ରମଣ ...

ଏହି ଜିଲାରେ ମୋଟ ସଂକ୍ରମଣ ୧୫,୪୬୨ ଛୁଇଁଛି। ଅନ୍ୟପକ୍ଷରେ ରାଜ୍ୟରେ ନୂଆ ୧୨ ମୃତକଙ୍କ ମଧ୍ୟରୁ ଗଞ୍ଜାମ ଜିଲାରୁ ସର୍ବାଧିକ ୪ଜଣ ଥିବାବେଳେ ସୁନ୍ଦରଗଡ଼, ନବରଙ୍ଗପୁର, ରାୟଗଡ଼ା, ପୁରୀ, ମାଲକାନଗିରି, ଯାଜପୁର, କଟକ ଓ ଖୋର୍ଦ୍ଧାରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ଗଞ୍ଜାମ ଜିଲାରେ ସର୍ବାଧିକ ୧୮୯ଜଣଙ୍କ କରୋନା ମୃତ୍ୟୁ ହୋଇଥିବାବେଳେ ଏହା ତଳକୁ ଖୋର୍ଦ୍ଧାରେ ମୃତ୍ୟୁ ସଂଖ୍ୟା ୬୨ରେ ପହଞ୍ଚିଛି। ଇତିମଧ୍ୟରେ ରାଜ୍ୟର ୨୭ ଜିଲାରେ କରୋନା ମୁଣ୍ଡ ନେଇଥିବାବେଳେ ବାକି ଦେବଗଡ଼, ନୂଆପଡ଼ା ଓ ବୌଦ୍ଧ ଜିଲାରେ ଏ ପର୍ଯ୍ୟନ୍ତ କୌଣସି କରୋନାଜନିତ ମୃତ୍ୟୁ ଘଟିନାହିଁ। ସେହିଭଳି ଦେବଗଡ଼ରେ ମଧ୍ୟ ସଂକ୍ରମଣ ସର୍ବନିମ୍ନ ଅର୍ଥାତ୍ ମାତ୍ର ୨୦୪ଜଣ ପଜିଟିଭ୍ ବାହାରିଥିବାରୁ ଏବେବି ଗ୍ରୀନ୍ ଜୋନ୍‌ରେ ରହିଛି। ନୂଆପଡ଼ାରେ ୪୧୪ ଓ ବୌଦ୍ଧରେ ୬୦୦ ଆକ୍ରାନ୍ତ ରହିଥିବାରୁ ଏହି ଦୁଇଟି ଜିଲା ୟେଲୋ ଜୋନ୍‌ରେ ରହିଥିବା ସୂଚନା ଦିଆଯାଇଛି। ଏପଟେ ଆଉ ୨୫୧୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୭୩,୨୩୩ରେ ପହଞ୍ଚିଛି।

# ବିଧାୟକ ଦେବୀ ମିଶ୍ରଙ୍କୁ କରୋନା

ଭୁବନେଶ୍ୱର,୩୦।୮(ବ୍ୟୁରୋ): ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ରବିବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ମିଶ୍ର ଏନେଇ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ନମୁନା ଯାଞ୍ଚପରେ ତାଙ୍କର ପଜେଟିଭ ବାହାରିଥିବା ଜମାପଡିଛି। ତେବେ ତାଙ୍କ ପରିବାର ସଦସ୍ୟ ଓ ଷ୍ଟାଫଙ୍କ ରିପୋର୍ଟ ନେଗେଟିଭ ଆସିଛି। ଡ୍ରାଇଭରଙ୍କୁ କରୋନା ହେବାପରେ ଶନିବାରଠାରୁ ଆଇସୋଲେସନରେ ରହିଛି। ମୋର ଏବେ କୌଣସି ସଂକ୍ରମଣର ବାହ୍ୟ ଲକ୍ଷଣ ନାହିଁ। ତାପମାତ୍ରାଏବଂ ଅମ୍ଳଜାନ ସ୍ତର ଠିକ ଅଛି। କିନ୍ତୁ ସେ ପୁରୁଣା ଡାଇବେଟିସ ପୀଡିତ ଥିବାରୁ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବାବେଳେ ଜରୁରୀ କାମ ଟେଲିଫୋନ କନଫରେନ୍ସ ଜରିଆରେ କରୁଛନ୍ତି, ଆଗକୁ ଏହିପରି ମଧ୍ୟ ଚାଲିବ। କିନ୍ତୁ ତାଙ୍କୁ ବର୍ତ୍ତମାନ କିଛିଦିନ ପାଇଁ ଛୋଟ କଥାରେ ଯୋଗାଯୋଗ ନ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆପଣଙ୍କ ଅସ୍ୱାଭାବିକ ଚିନ୍ତାଧାରା ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ନିରୁତ୍ସାହିତ କରିବ। ଗୃହ, ଭୂମି, ଗାଡିମୋଟର,ବନ୍ଧୁସମ୍ପର୍କକୁ କେନ୍ଦ୍ରକରି କଳହର ସମ୍ଭାବନା ମଧ୍ୟ ରହିଛି। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ପାରିବାରିମ୍‌କ ସମସ୍ୟାର ସମାଧାନ ଘଟିବ ।

**ବୃଷ** – ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରି ମନକୁ ଅଶାନ୍ତ କରିପାରେ। ଘରେ ଅସାବଧାନତାବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟର ଆଶଙ୍କା ରହିଛି। ଅଫିସ୍‌କୁ ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହେବେ।

**ମିଥୁନ** – ଆଜି ପାରିବାରିକ ଅସ୍ଥିରତା ଓ ଅଶାନ୍ତି ହେତୁ ମଧ ମନ ବିଶେଷ ଭଲ ରହିବ ନାହିଁ । ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** – ଆଜି କର୍ମସ୍ଥ ମଙ୍ଗଳ ପାପଗ୍ରହ ଦୃଷ୍ଟିରୁ ଘରୋଇ କାମ ସଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଢିଯିବ, ଫଳରେ ବ୍ୟସ୍ତତା ମଧ୍ୟରେ ସମୟ କଟାଇବେ। ବନ୍ଧୁଙ୍କ ସହାୟତାରେ ବହୁତ ଦିନରୁ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବେ। କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ।

**ସିଂହ** – କିଛି ସାହାଯ୍ୟ କରିବାକୁ କହିଥିବା ବ୍ୟକ୍ତିଟି ନାସ୍ତିସୂଚକ ବାଣୀ ଶୁଣାଇପାରେ। ନିକଟସ୍ଥ ବ୍ୟକ୍ତି ବିଶେଷ ମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ଆଜି ତରବରିଆ ଯାତ୍ରା ନ କରିବା ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ । ପ୍ରଶାସନ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।

**କନ୍ୟା** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କର କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ତ ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ ।

**ତୁଳା** – କର୍ମକ୍ଷେତ୍ରର ଅଧିକାଂଶ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବିଶାଖା ନକ୍ଷତ୍ର କିନ୍ତୁ ମଧ୍ୟାହ୍ନରେ ଅଫିସ ଭିତରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ଲାଭବାନ୍ ହେବେ। ପ୍ରଶାସନିକ କ୍ଷେତ୍ର, ସାମ୍ବାଦିକତା ସକାଶେ ଚିନ୍ତା ବଢିପାରେ।

**ବିଛା** – କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡିବ । ଶତ୍ରୁ କବଳରୁ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ** – ସକାଳୁ ସକାଳୁ ସାଧାରଣ କଥାରେ ଯୁକ୍ତିତର୍କ ବୃଦ୍ଧି ପାଇ କଳହର ରୂପ ନେଇପାରେ । କାର୍ଯ୍ୟପଦ୍ଧତି ବଦଳାଇ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ଲାଭ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ । ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରି ଭୁଲ୍ ସ୍ୱୀକାର କରିବାକୁ ବାଧ୍ୟ ହୋଇପାରନ୍ତି ।

**ମକର** – ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଗୋପନ ରଖି ବନ୍ଧୁଙ୍କ ସହ ବାକ୍ୟାଳାପ କରି ସମାଲୋଚିତ ହେବାକୁ ପଡିପାରେ। ପରିବହନ,ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ହେତୁ ସାମୟିକ ଖୁସୀ ରହିପାରନ୍ତି। ବନ୍ଧୁଙ୍କ ଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଭାବନା ସୃଷ୍ଟି ହେବ।

**କୁମ୍ଭ** – ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। କେତେକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁଁ ମନୋବଳ କ୍ରମଶଃ ହ୍ରାସ ପାଇବ। ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଚେଷ୍ଟା କଲେ ଉପକାର ମିଳିବ । ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** – କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ । ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କୌଣସି ସମସ୍ୟା ସୃଷ୍ଟି ହେବାର ସୂଚନା ରହିଛି । ସାମାଜିକ ସ୍ତରରେ ପରର ଛିଦ୍ରକଥା ଶୁଣି ମନକୁ ବିଷାକ୍ତ କରିପାରନ୍ତି ।

ଆଜି ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ସୋମବାର, ଶ୍ରୀଲିଙ୍ଗରାଜଦେବଙ୍କ ପାର୍ଶ୍ୱପରିବର୍ତ୍ତନ ଉତ୍ସବ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା,ଅଗଷ୍ଟ ୩୧ ତାରିଖ,ସ୍ୱାୟତ୍ତ ଶାସନ ଦିବସ, ଜାତୀୟ କୃମିନାଶ ଦିବସ, ରାଶି ନକ୍ଷତ୍ର, ଦିବା ଘ.୦୩.୦୪ମି. ପର୍ଯ୍ୟନ୍ତ ଶ୍ରବଣା/ମକର, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୫ମି. ଗତେ ଘ.୦୭.୧୪ମି.ମଧ୍ୟେ, ଘ.୧୦.୩୩ମି.ଗତେ ଘ.୦୧.୦୧ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୪୫ମି.ଗତେ ଘ.୦୯.୦୪ମି.ମଧ୍ୟେ, ରାତ୍ରି ଘ.୧୧.୨୩ମି.ଗତେ ଘ.୦୨.୨୯ମି.ମଧ୍ୟେ ଅମୃତବେଳା। ଦିବା ଘ.୦୩.୩୦ମି.ଗତେ ଘ.୦୫.୦୯ମି.ମଧ୍ୟେ ମାହେନ୍ଦ୍ର ବେଳା। ପ୍ରାତଃ ଘ.୦୭.୦୭ମି. ଗତେ ଘ.୦୮.୪୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456. D-69153

2500sqft. boundarywall with borewel NH-5 Pahal, 4BHK flat at Vipulgarden, Bhubaneswar. 9437110746. D-69152

Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081. D-69142

ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି। 9090963952. D-69141

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027. D-69150

ଜଟଣୀ ଅରଗୁଳ ଷ୍ଟେଶନ ପାଖରେ scheduledcaste conversion boundary plot pitchuroad side 5000sqft. 12,50,000/-, 9439006524. D-69149



Fully furnished 1BHK in best natural atmosphere for office/ bachelor/family- 8249584100 D-69614

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Rent for constructed building Plot Area - 35,000, Length - 2050, Breadth - 1850, Facing - North East, Hi-Tech chhak left side 6 K.M. Barimund, Ph.: 9938125254. D-18045



Herbal full body massage by smart / expert therapist. Contact: 8338067247. D-69729

Newly open SPA centre smart therapist body massage, Bamikhal. 7205187702. D-59957

Newly open full body massage SPA in Bhubaneswar. Contact: 7205058838. D-69731

Newly open SPA centre smart therapist body massage, Rasulgarh. 7846814019. D-59958

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–**
classifieddharitri@gmail.com

Thailand Unisex Massage Refreshments Rejuvenation. 9853999966, 9123319079, 7750073898, 9853999966, Homeservices 9853999966@gmail.com. D-18047

Swarna SPA newly open positively health benefits with expert therapist. 7873794731. D-69734

Get refreshment body massage by expert therapist contact for. 9556978408. D-69733

**AFFIDAVIT**

ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, କଣାସଙ୍କ ପାଖରେ ଶପଥ କରୁଅଛୁ କି ମୁଁ ନିରଂଜନ ଜୟସିଂହ, ପି- ଶଙ୍କର ଜୟସିଂହ, ଗ୍ରା- ତେଲଙ୍ଗାପଡ଼ା, ପୋ- ଗଡଖାରଦ, ଥା- ଗଡିଶାଗୋଦା, ଜି- ପୁରୀ, ମୋର ଆଗ ନାମକୁ ବଦଳାଇ କହ୍ନେଇ ଜୟସିଂହ କରୁଅଛି, ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୧୮୦୮୦

ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, କଣାସଙ୍କ ପାଖରେ ଶପଥ କରୁଅଛି କି ମୁଁ ରୋବଶୀ ବଳିଆରସିଂହ, ସ୍ୱା- ନେତ୍ରାନନ୍ଦ ବଳିଆରସିଂହ, ଗ୍ରା- ଜଙ୍କିଆ, ପୋ- ଗଡସାହି, ଥା- କଣାସ, ଜି- ପୁରୀ, ମୋର ଆଗ ନାମକୁ ବଦଳାଇ ଉର୍ବଶୀ ବଳିଆରସିଂହ କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୧୮୦୮୧

**ହୀରାକୁଦରେ ଭିଡ଼ ନିୟନ୍ତ୍ରଣ ପାଇଁ ୧୪୪**

ସମ୍ବଲପୁର(ବ୍ୟୁରୋ): ହୀରାକୁଦ ଜଳ ଭଣ୍ଡାରର ୪୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବନ୍ୟା ପାଣି ଦେଖିବା ପାଇଁ ନଦୀକୂଳ, ବ୍ରିଜ ପ୍ରଭୃତି ବିଭିନ୍ନ ସ୍ଥାନରେ ଲୋକଙ୍କ ଭିଡ଼ ଜମୁଛି। ଯେଉଁଠି ପାରୁଛନ୍ତି ସେଠାରେ ଗାଡିମୋଟର ରଖିଦେଇ ବନ୍ୟା ପାଣି ଦେଖିବାରେ ବ୍ୟସ୍ତ ରହୁଛନ୍ତି। ଏହାଦ୍ୱାରା ଅଘଟଣ ଆଶଙ୍କା ଏଡାଇ ଦିଆଯାଇ ନ ପାରେ। ଏହାସହ ଏଭଳି ବିପଦ ସମୟରେ କାର୍ଯ୍ୟ ସମ୍ପାଦନ କରିବା ଓ ବନ୍ୟା ପରିସ୍ଥିତିରେ ଅନୁମାନ କାରିବାକୁ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ସମସ୍ୟା ହେଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମହାନଦୀ ଦ୍ୱିତୀୟ ସେତୁ, ରିଂରୋଡ, ଦୁର୍ଗାପାଲି ଓ ମଣ୍ଡଳିଆ ଛକରେ ୧୪୪ ଧାରା ଜାରି କରାଯାଇଛି।

# ମୁଣ୍ଡ ଗୁଞ୍ଜିବାକୁ ଠିକଣା ଖୋଜା

ଯାଜପୁର ଅଫିସ/ବରୀ, ୩୦।୮ (ଡି.ଏନ.ଏ.)



ବରୀ ବ୍ଲକ କାଇପଡାସ୍ଥିତ କାଶୀନାଥ ମହାବିଦ୍ୟାଳୟ ସମ୍ମୁଖରେ ଲୋକମାନେ ଡଙ୍ଗାରେ ଯାତାୟାତ କରୁଛନ୍ତି।

ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ଓ ବୈତରଣୀ ନଦୀର ଜଳପତ୍ତନ ହ୍ରାସ ହେବା ପରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଛି। ତେବେ ପ୍ରଳୟଙ୍କରୀ ବନ୍ୟା ଯୋଗୁ ଜିଲାରେ ସୃଷ୍ଟି ହୋଇଥିବା ୩୦ ଘାଇ ଦ୍ୱାରା ନିର୍ଗତ ବନ୍ୟାପାଣି ଲୋକଙ୍କ ଜୀବନଜୀବିକାକୁ ଦୁର୍ବିଷହ କରିଛି। ଜିଲାର ୧୦ ବ୍ଲକର ୧୪୩ ପଞ୍ଚାୟତର ୬୧୨ ଗ୍ରାମର ୭ ଲକ୍ଷ ୮୮ ହଜାର ୫୨୦ ଲୋକ ପ୍ରଭାବିତ ହୋଇଛନ୍ତି। ଏଥିରୁ ଅଧିକାଂଶ ବାସହରା ହୋଇ ପଡୋଶୀ, ବନ୍ଧୁବାନ୍ଧବଙ୍କ ଘରେ ଆଶ୍ରୟ ନେଇଛନ୍ତି। ଆହୁରି ଅନେକ ଲୋକ ମୁଣ୍ଡ ଗୁଞ୍ଜିବାକୁ ଠିକଣା ଖୋଜିବାରେ ଲାଗିଛନ୍ତି। ଏହାସହିତ ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀକୁ ମାଟିକାଦୁଅରୁ ଉଦ୍ଧାର କରିବାରେ ଲାଗିଛନ୍ତି। ବିଶେଷକରି ମାଟିଘରକୁ ସଜାଡ଼ିବାକୁ ଚେଷ୍ଟିତ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଯେଉଁ ଘର ବନ୍ୟା ପାଣିରେ ଭିଜି ରହିଛି ତାହା ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ିପଡ଼ିବା ଆଶଙ୍କା ରହିଛି। ଏଭଳିସ୍ଥିତିରେ ଘର ସାମଗ୍ରୀ ସହିତ ପିଲାଛୁଆଙ୍କୁ ନେଇ କେଉଁଠି ରହିବେ ସେହି ଚିନ୍ତା ସେମାନଙ୍କୁ ଘାରୁଛି। ସେହିପରି ନିଜ କଷ୍ଟ ଉପାର୍ଜିତ ଖାଦ୍ୟ ସାମଗ୍ରୀ ବନ୍ୟାଜଳରେ ନଷ୍ଟ ହୋଇଯାଇଛି। ସ୍ୱଳ୍ପବୃଷ୍ଟିପାତରେ ଯାହା କିଛି ଚାଷ କାମ ଆଗେଇ ଥିଲା ତାହା ଜଳମଗ୍ନ ହୋଇଛି। ତେଣୁ ଆଶ୍ରୟ ସାଙ୍ଗକୁ ଖାଦ୍ୟ ଓ ଜୀବିକା କଥା ଭାବି ବିପନ୍ନମାନେ ଭାଙ୍ଗି ପଡିଛନ୍ତି।

ଦୁର୍ବଳ ନଦୀବନ୍ଧ ନିର୍ମାଣ ଓ ମରାମତି ଯୋଗୁ ବୈତରଣୀ ଓ ବ୍ରାହ୍ମଣୀ ନଦୀ ଏବଂ ଏହାର ଶାଖା ନଦୀଗୁଡ଼ିକ ଦ୍ୱାରା ୩୦ ଘାଇ ସୃଷ୍ଟି ହୋଇ ଆଖପାଖ ଅଞ୍ଚଳକୁ ବୁଡ଼ାଇଛି। ଏଥିରେ ପ୍ରାୟ ୬୪,୨୩୨ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ଭାବେ କୁହାଯାଇଛି। ବିଶେଷକରି ବରୀ ବ୍ଲକରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଏହି ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ପ୍ରାୟ ୧୮ଟି ଜଳମଗ୍ନ ହୋଇରହିଛି। ରବିବାର ସକାଳେ ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଘାଇ ଦେଇ ବନ୍ୟା ଜଳ ପ୍ରବେଶ କରୁଥିବାରୁ ରତ୍ନଗିରି, କୃଷ୍ଣନଗର, କଳାମାଟିଆ ଓ ବାଲିଆ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ରୋଗୀସେବା ବାଧାପ୍ରାପ୍ତ ହୋଇଛି। ଗୋଲକୁଣ୍ଡ-ଶୁକଳ-ମହାକାଳପଡ଼ା ରାସ୍ତା ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗମ୍ଭୁ, ସେରପୁର, ମନ୍ଦାରୀ, ରତ୍ନଗିରି, ଗୋଲକୁଣ୍ଡ ସମେତ ୧୩ଟି ପଞ୍ଚାୟତର ଜନସାଧାରଣ ଜଳଘେରରେ ଫସି ରହିଛନ୍ତି। ଗୃହପାଳିତ ପ୍ରାଣୀଙ୍କୁ ନଦୀବନ୍ଧ ଓ ଛାତ ଉପରେ ସୁରକ୍ଷିତ ଭାବେ ରଖାଯାଇଥିବା ଦେଖିବାକୁ ମିଳିଛି। ତେବେ ସେମାନଙ୍କ ପାଇଁ ଗୋଖାଦ୍ୟ ମିଳି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ପ୍ରଶାସନ ତରଫରୁ ୩ ଦିନିଆ ରିଲିଫ ସାମଗ୍ରୀ ଦେବାକୁ ଘୋଷଣା କରାଯାଇଥିଲେ ମଧ୍ୟ ଅଦ୍ୟାବଧି ବିପନ୍ନଙ୍କ ପାଖରେ ତାହା ପହଞ୍ଚି ପାରିନାହିଁ। ରବିବାର ସକାଳେ ଉଦୟନାଥପୁର ପଞ୍ଚାୟତର ଜଣେ ଗର୍ଭବତୀ ବନ୍ୟା ଯୋଗୁ ହଟହଟା ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ସରପଞ୍ଚ ଏକ ବୋଟ୍ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାପରେ ସେଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ବନ୍ୟାଜଳ ହ୍ରାସ ପାଇଥିଲେ ଅଞ୍ଚଳକୁ ମେଡିକାଲ ଟିମ୍ ପହଞ୍ଚି ପାରିନାହିଁ। ଫଳରେ ବନ୍ୟାଞ୍ଚଳରେ ଦୂଷିତପାଣି ଜନିତ ରୋଗ ସଂକ୍ରମଣ ହେବାର ଆଶଙ୍କା ରହିଛି। ଯାଜପୁର ଜିଲାପାଳ ବରୀ ବ୍ଲକରେ ତୁରନ୍ତ ଉଦ୍ଧାର ଓ ରିଲିଫ ସାମଗ୍ରୀ ବଣ୍ଟନ କରିବାକୁ ଏକ ୧୭ ଜଣିଆ ଦଳ ଗଠନ କରିଛନ୍ତି। ଏହାବାଦ୍ ୨୨୪ଟି ରିଲିଫ କେନ୍ଦ୍ରରେ ୨୦୧୦୯.୨୭ କୁଇଣ୍ଟାଲ ଚାଉଳ, ୧୮୫୦.୭୮ କୁଇଣ୍ଟାଲ ଚୁଡା ଓ ୧୮୪.୯୬ କୁଇଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଛି। ୧୦ଟି ମେଡିକାଲ ଟିମ୍ ଓ ଭେଟେରିନାରି ଟିମ୍ ନିଯୁକ୍ତି କରାଯାଇ ଆବଶ୍ୟକ ଉଦ୍ଧାର କାର୍ଯ୍ୟ ହେଉଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

**ଯାଜପୁର ଜିଲାରେ ବନ୍ୟା ଯନ୍ତ୍ରଣା**
- ପ୍ରାୟ ୮ ଲକ୍ଷ ଲୋକ ପ୍ରଭାବିତ
- ବରୀ ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ
- ବ୍ରାହ୍ମଣୀ ଦକ୍ଷିଣ ପାର୍ଶ୍ୱରେ ଆଉ ଏକ ଘାଇ

## କରୋନା ସଂକ୍ରମଣ ସ୍ଥିତି

ରବିବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୫୨,୫୨,୬୭୩ | ୮,୪୭,୯୮୬ | ୧,୭୫,୯୫,୩୧୨ |
| ଭାରତ | ୩୫,୮୮,୦୯୮ | ୬୪,୧୨୯ | ୨୭,୫୧,୮୦୯ |
| ଓଡ଼ିଶା | ୧,୦୦,୯୩୪ | ୪୮୨(+୫୩) | ୭୫,୨୩୩ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମା'ଙ୍କୁ ଉଦ୍ଧାର ପାଇଁ କୂଅକୁ ଡେଇଁଲେ ପୁଅ

**ଉଦ୍ଧାର କଲା ଅଗ୍ନିଶମବାହିନୀ**

ଛତ୍ରପୁର,୩୦।୮ (ଡି.ଏନ୍.ଏ.)

ଅସାବଧାନତାରୁ ବୃଦ୍ଧା ମା' କୂଅରେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ପୁଅ ତୁରନ୍ତ କୂଅକୁ ଡେଇଁ ପଡ଼ିଥିଲେ। ଅଗ୍ନିଶମବାହିନୀ ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ପୋଡ଼ାପଦର ପଞ୍ଚାୟତ କୁମାରବେଗପଲ୍ଲୀ ଗ୍ରାମରେ ରବିବାର ସକାଳେ ଏହି ଘଟଣା ଘଟିଛି। ମା' ଅନ୍ନପୂର୍ଣ୍ଣା ଗୌଡ଼(୭୫) ଓ ପୁଅ ତିରୁପତି ଗୌଡ଼ (୫୫) ସୁସ୍ଥ ଥିବା ଜଣାପଡ଼ିଛି।

ତିରୁପତିଙ୍କ ଘର ପଛପଟେ ୩୦ ଫୁଟ ଗଭୀରର ଏକ ଖୋଲା କୂଅ ଅଛି। ସକାଳେ ତାଙ୍କ ମା' ଅନ୍ନପୂର୍ଣ୍ଣା ବାରିପଟକୁ ଯାଉଥିବା ବେଳେ ଅସାବଧାନତାରୁ କୂଅରେ ଖସି ପଡ଼ିଥିଲେ। ଏହାଦେଖି ବାରିରେ ଥିବା ତିରୁପତି ମା'ଙ୍କୁ ଉଦ୍ଧାର କରିବାକୁ କୂଅକୁ ଡେଇଁ ପଡ଼ିଥିଲେ। ପାଟି ଶୁଣି ପରିବାର ଲୋକେ ଓ ପଡ଼ୋଶୀ ସେଠାରେ ରୁଣ୍ଡ ହୋଇଥିଲେ।



କୂଅରୁ ତିରୁପତିଙ୍କୁ ଉଦ୍ଧାର କରାଯାଉଛି।

ଖବରପାଇ ଛତ୍ରପୁର ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ସୁରକ୍ଷିତ ଭାବେ ମା', ପୁଅଙ୍କୁ ଉଦ୍ଧାର କରିଥିଲେ। ପ୍ରାୟ ୨ଘଣ୍ଟା ଧରି କୂଅରେ ପଡି ରହିବା କାରଣରୁ ଅନ୍ନପୂର୍ଣ୍ଣା ଅଣନିଃଶ୍ୱାସୀ ହୋଇ ପଡିଥିଲେ। ତାଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନ୍ନପୂର୍ଣ୍ଣାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ଡାକ୍ତର ସୂଚନା ଦେଇଛନ୍ତି। ଅଗ୍ନିଶମ କେନ୍ଦ୍ରର ଅଭିରାମ ନାୟକ, ତପନ ବେହେରା, ଶ୍ରୀଚନ୍ଦନ ପରିଡା, କିଶୋର ମାଝୀ, ଜଗନ୍ନାଥ ଦାଶ, ରାକେଶ ମାନସିଂ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ।

## ୟୁଜି, ପିଜି ଶେଷ ସେମିଷ୍ଟର ପରୀକ୍ଷା ନେଇ ଆଜି ବୈଠକ

ଭୁବନେଶ୍ୱର, ୩୦।୮(ବ୍ୟୁରୋ): ୟୁଜି ଓ ପିଜି ଶେଷ ସେମିଷ୍ଟର ପରୀକ୍ଷା ନେଇ ସୋମବାର ବୈଠକ ବସିବ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସରେ ହେବାକୁ ଥିବା ଏହି ବୈଠକରେ ସବୁ ବିଶ୍ୱବିଦ୍ୟାଳୟ କୁଳପତି, ପରୀକ୍ଷା ନିୟନ୍ତ୍ରକ ଏବଂ ସମସ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକ ଯୋଗଦେଇ ଆଲୋଚନା କରିବେ। ଏହାପରେ ପରୀକ୍ଷା ପରିଚାଳନା ସଂକ୍ରାନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, କରୋନା ମହାମାରୀ ଯୋଗୁ ଏସବୁ ପରୀକ୍ଷା ବାତିଲ କରାଯାଇ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଇଣ୍ଟରନାଲ୍ ଫଳାଫଳ ଆଧାରରେ ଉତ୍ତୀର୍ଣ୍ଣ କରାଇବା ଦାବିରେ ସୁପ୍ରିମକୋର୍ଟରେ ଏକ ପିଟିଶନ ହୋଇଥିଲା। ହେଲେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶେଷବର୍ଷ ପରୀକ୍ଷା କରାଇବା ବାଧ୍ୟତାମୂଳକ ବୋଲି ଗତ ଶୁକ୍ରବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ନ କରି ଡିଗ୍ରୀ ସାର୍ଟିଫିକେଟ ଦିଆଯାଇପାରିବ ନାହିଁ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ତେବେ କୌଣସି ରାଜ୍ୟ ଚାହିଁଲେ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ ପରୀକ୍ଷାକୁ ସ୍ଥଗିତ ରଖିପାରିବେ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଫଳରେ ଏସବୁ ପରୀକ୍ଷା ହେବା ନିଶ୍ଚିତ ହୋଇଯାଇଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

## ୫ ପ୍ୟାକ୍ସ ସମ୍ପାଦକ ନିଲମ୍ବିତ, ୬ ରିଟେଲରଙ୍କ ଲାଇସେନ୍ସ ରଦ୍ଦ

**ସାର କଳାବଜାର ଉପରେ ଚଢ଼ାଉ**

ବୌଦ୍ଧ,୩୦।୮(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ୟୁରିଆ ସାରର ବ୍ୟାପକ କଳାବଜାର ଅଭିଯୋଗ ହେବା ପରେ ଏହାର ତଦନ୍ତ ପାଇଁ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏକ କମିଟି ଗଠନ କରି ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। କମିଟିର ରିପୋର୍ଟ ପ୍ରକାରେ ଜିଲାପାଳ ୫ ଜଣ ପ୍ୟାକ୍ସ ସମ୍ପାଦକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ପ୍ୟାକ୍ସ ସମ୍ପାଦକ ହେଲେ ମନୁପାଲି ପ୍ୟାକ୍ସ ସମ୍ପାଦକ ଯତିନ ଶେଖର ଭୋଇ, ମୁଣ୍ଡିପଦରର ରୋହିତାଶ୍ୱ ପଣ୍ଡା, ବାମଣ୍ଡାର ମହେଶ କୁମାର କ୍ଷେତୀ, ବିଳାଶପୁରର ପ୍ରଦୋଶ କୁମାର ଦନ୍ତା, ଲମ୍ବସରୀ ପ୍ୟାକ୍ସ ସମ୍ପାଦକ ମୁରଲୀ ମହାକୁଡ। ଆଡେଣୀଗଡ ପ୍ୟାକ୍ସ ସମ୍ପାଦକ ବିଭୂତି ଭୂଷଣ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ସେହିପରି ୬ ଜଣ ସାର ବିକ୍ରେତା ଲକ୍ଷ୍ମଣ ନାଏକ ଦୁର୍ଗା ପ୍ରସାଦ ବଘିଆପଡା, ମୋହନ ସାହୁ ଚନ୍ଦ୍ରପୁର ଲକ୍ଷ୍ମୀପ୍ରସାଦ, ତ୍ରିନାଥ ମେହେର ସାହାଜପାଲ, ଭୈରବୀ ଫର୍ଟିଲାଇଜର ଷ୍ଟୋର ସଦାନନ୍ଦ ଜେନା ରଇଠାଣୀ, ବିରଞ୍ଚି ମିଶ୍ର ଖଟଖଟିଆ, ଜୟ ମା ଏଣ୍ଟରପ୍ରାଇଜେସ ବସନ୍ତ ସାହୁ କଣ୍ଟାମାଳଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି।

ସୂଚନାଯୋଗ୍ୟ, ବୌଦ୍ଧ ଜିଲାରେ ବ୍ୟାପକ ସାର କଳାବଜାର ହେଉଥିବା ନେଇ ଚାଷୀ ସଙ୍ଗଠନ ଗୁଡିକ ଦାବି କରି ଆସୁଛନ୍ତି। ସରକାରୀ ଦରରେ ୟୁରିଆ ସାର ବସ୍ତା ପ୍ରତି ଦର ୨୬୬ ଟଙ୍କା ୫୦ ପଇସା ଥିବାବେଳେ ଜିଲାର ବିଭିନ୍ନ ସ୍ଥାନରେ ୫୦୦ରୁ ୬୦୦ ଟଙ୍କା ଚଢା ଦରରେ ବିକ୍ରି କରାଯାଉଛି। ଏବେ ସାରର କଳାବଜାର ଚାଷୀଙ୍କ ସମସ୍ୟାକୁ ବଢାଇ ଦେଇଛି। ଏଭଳି ପରିସ୍ଥିତିରେ ଜିଲାପାଳ ମିଶ୍ରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ, ଜିଲା ମୁଖ୍ୟ କୃଷି ଅଧିକାରୀ ଓ ସହକାରୀ ନିବନ୍ଧକ ସମବାୟ ସମିତି ସମୂହଙ୍କୁ ନେଇ ଏକ ତିନି ଜଣିଆ କମିଟି ଗଠନ କରାଯାଇଥିଲା। ଏହି କମିଟି ବିଭିନ୍ନ ପ୍ୟାକ୍ସ ଓ ରିଟେଲ ଦୋକାନ ଗୁଡିକରେ ଯାଞ୍ଚ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ।

## ସାଇକେଲରେ ବାପାଙ୍କ ମୃତଦେହ ବୋହିଲେ ପୁଅ

**ସୋସିଆଲ ମିଡିଆରେ ଭିଡ଼ିଓ ଭାଇରାଲ**

ବଲାଙ୍ଗୀର ଅଫିସ, ୩୦।୮



ଅଖା ବସ୍ତାରେ ମୃତଦେହ ଭର୍ତ୍ତି କରି ସାଇକେଲରେ ନିଆଯାଉଛି।

ଜଣେ ବୃଦ୍ଧଙ୍କ ମୃତଦେହକୁ ତାଙ୍କ ପୁଅ ଅଖା ବସ୍ତାରେ ଭର୍ତ୍ତି କରି ସାଇକେଲରେ ବାନ୍ଧି ସଂସ୍କାର ପାଇଁ ନେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭାଇରାଲ ହୋଇଥିବା ଭିଡିଓଟି ବଲାଙ୍ଗୀର ଜିଲା ଲୋଇସିଂହା ଥାନା କୁସମେଲ ପଞ୍ଚାୟତ ଲଙ୍କାବାହାଲ ଗ୍ରାମର ବୋଲି କୁହାଯାଉଛି। ମୃତ ବୃଦ୍ଧଙ୍କ ନାମ ଅକ୍ଷୟ ପାତ୍ର (୬୫)। ଏହି ବ୍ୟକ୍ତି ଦୀର୍ଘ ୮ରୁ ୧୦ ବର୍ଷ ହେଲା ଲଙ୍କାବାହାଲ ଗ୍ରାମରେ ଏକ କୁଡିଆରେ ଏକାକୀ ରହୁଥିଲେ। ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଥିଲା। ଏହି ଖବର ପାଇବା ପରେ ଘୁଙ୍ଗି ଗାଁରେ ରହୁଥିବା ତାଙ୍କ ପୁଅ ସେଠାକୁ ପହଞ୍ଚି ଏକ ଅଖା ବସ୍ତାରେ ମୃତଦେହକୁ ଭର୍ତ୍ତି କରି ସାଇକେଲ କ୍ୟାରିୟରରେ ବାନ୍ଧି ସୁକ୍‌ତେଲ ନଦୀ କୂଳକୁ ନେଇ ସଂସ୍କାର କରିଥିଲେ। ଏହି ବ୍ୟକ୍ତି ଜଣକ ମୂଳତଃ ଲୋଇସିଂହା ଥାନା ବଡଟିକା ଗ୍ରାମର। ସେ ତାଙ୍କ ସ୍ତ୍ରୀ ଓ ପୁତ୍ରଙ୍କଠାରୁ ଅଲଗା ହୋଇ ଲଙ୍କାବାହାଲ ଆସି ରହୁଥିଲେ। କୌଣସି ଲୋକ ତାଙ୍କୁ ଖାଇବାକୁ ଦେଲେ ସେ ଖାଉଥିଲେ। କିଛିମାସ ପୂର୍ବରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ତରଫରୁ ତାଙ୍କ ପାଇଁ ଏକ ତିନିଚକିଆ ସାଇକେଲ ବ୍ୟବସ୍ଥା କରାଯାଇଥିଲା। ସେଥିରେ ସେ ବୁଲାବୁଲି କରି ମାଗିଯାଚି ଚଳୁଥିଲେ। ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଗାଧୋଇବାବେଳେ ଭାସିଗଲେ ୪ ନାବାଳିକା

**ଜଣେ ମୃତ, ବର୍ତ୍ତିଲେ ୩**

ନୟାଗଡ ଅଫିସ/ଦଶପଲ୍ଲା, ୩୦।୮(ଡି.ଏନ.ଏ.): ଖୁଦୁରୁକୁଣୀ ଓଷା କରିଥିବା ୪ ନାବାଳିକା ରବିବାର ପୂର୍ବାହ୍ନରେ ବୃତ୍ତଙ୍ଗ ନଦୀରେ ଗାଧୋଉଥିବାବେଳେ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ଜଣ ବର୍ତ୍ତିଯାଇଛନ୍ତି। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକେରା ଗ୍ରାମରେ ଘଟିଛି ଏପରି ଦୁଃଖଦ ଘଟଣା। ମୃତକ ହେଲେ ଟାକେରା ବୁରୁସାହିର ପ୍ରମୋଦ ମାଝିଙ୍କ ଝିଅ ଶ୍ରଦ୍ଧାଞ୍ଜଳି(୧୩)। ବର୍ତ୍ତିଯାଇଥିବା ଅନ୍ୟ ୩ଜଣଙ୍କ ପରିଚୟ ମିଳି ପାରିନାହିଁ। ସୂଚନା ଅନୁସାରେ ଟାକେରା ବୁରୁସାହିର କେତେଜଣ ଯୁବତୀ ଖୁଦୁରୁକୁଣୀ ଓଷା କରିଥିଲେ। ଫଳରେ ଏମାନଙ୍କ ମଧ୍ୟରୁ ଶ୍ରଦ୍ଧାଞ୍ଜଳିଙ୍କ ସମେତ ୪ଜଣ ନଦୀକୁ ଗାଧୋଇବାକୁ ଯାଇଥିଲେ। ତେବେ ସ୍ରୋତ ପ୍ରଖର ଓ ବନ୍ୟାପାଣି ବଢୁଥିବାରୁ ଜଣକ ପରେ ଜଣେ ନଦୀରେ ଭାସିଯାଇଥିଲେ। ଖବର ପାଇ ଦଶପଲ୍ଲା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ସମସ୍ତ ୪ଜଣଙ୍କୁ ଉଦ୍ଧାର କରିଥିଲେ। ଶ୍ରଦ୍ଧାଞ୍ଜଳିଙ୍କୁ ୧କି.ମି. ଦୂରରୁ ଉଦ୍ଧାର କରାଯାଇଥିଲା। ପରେ ସେମାନଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଶ୍ରଦ୍ଧାଞ୍ଜଳିଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟମାନେ ସୁସ୍ଥ ଅଛନ୍ତି।

## ୩୧ରୁ ସେପ୍ଟେମ୍ବର ୨ ଯାଏ ବର୍ଷା

ଭୁବନେଶ୍ୱର,୩୦।୮(ବ୍ୟୁରୋ): ରାଜ୍ୟରେ ବନ୍ୟା ଦାଉ ସାଜିଥିବାବେଳେ ସୋମବାରଠାରୁ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ବିପନ୍ନଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିବ। ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏଥିସହିତ ମଧ୍ୟ ପ୍ରଦେଶ ଉପରେ ଏକ ଲଘୁଚାପ ବଳୟ ସୃଷ୍ଟି ହୋଇଛି। ଏଥିସହିତ ରାଜସ୍ଥାନର ଜୟଶାଲମାର ଉପରେ ଏକ ଟ୍ରଫଲାଇନ ରହିଛି। ଏହାର ପ୍ରଭାବରେ ସୋମବାର ରାତିରୁ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଗଜପତି, କନ୍ଧମାଳ ଏବଂ ରାୟଗଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୨ତାରିଖ ଯାଏ ରାଜ୍ୟର ବିଭନ୍ନ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ଜଳ ସମ୍ପଦ ମନ୍ତ୍ରୀ, ପ୍ରମୁଖ ସଚିବ

କଟକ ଅଫିସ୍,୩୦।୮



ମୁଣ୍ଡଳୀରେ ମନ୍ତ୍ରୀ ରଘୁନନ୍ଦନ ଦାସ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ଜଳ ସମ୍ପଦ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ରବିବାର କଟକସ୍ଥିତ ମୁଣ୍ଡଳୀ ବ୍ୟାରେଜ ପରିଦର୍ଶନ କରିଛନ୍ତି। ମହାନଦୀରେ ପ୍ରବାହିତ ବନ୍ୟାଜଳ, ଅଞ୍ଚଳରେ ଏହାର ପ୍ରଭାବ ଓ ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହ ଏନେଇ ସେ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ ଏବଂ ଅନ୍ୟ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ସେହିପରି ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଅନୁ ଗାର୍ଗ ନରାଜ ବ୍ୟାରେଜ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କାଠଯୋଡ଼ି ନଦୀରେ କେତେ ବନ୍ୟାଜଳ ନିଷ୍କାସନ ହେଉଛି, ତାହାର ମଧ୍ୟ ସମୀକ୍ଷା କରିଛନ୍ତି। ଏହାସହ ବିରୁପା ଓ ଯୋବ୍ରା ବ୍ୟାରେଜଠାରେ ସ୍ଥିତି ପରଖିଛନ୍ତି। ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକ, ବିଭାଗର ଉପଦେଷ୍ଟା ଯୁଗଳ କିଶୋର ତ୍ରିପାଠୀ, ବେଲେଶ୍ୱରନାଥ ସାହୁ, ଭାସ୍କର ଚନ୍ଦ୍ର ଦାଶ ପ୍ରମୁଖ ମଧ୍ୟ ସମସ୍ତ ବ୍ୟାରେଜର ଗେଟ୍ ପରିଚାଳନା ବ୍ୟବସ୍ଥା ଏବଂ କଣ୍ଟ୍ରୋଲ ରୁମ ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ପୋଲିସ ଗାଡ଼ିରେ ଗଞ୍ଜେଇ ଚାଲାଣ

ସମ୍ବଲପୁର/ରେଙ୍ଗାଲି, ୩୦।୮ (ବ୍ୟୁରୋ/ଡି.ଏନ.ଏ.)

- କନଷ୍ଟେବଲ ଗିରଫ, ୨୧ କେଜି ଗଞ୍ଜେଇ ଜବତ
- ନିଲମ୍ବିତ କଲେ ରାଉରକେଲା ଜିଆର୍‌ପି ଏସ୍‌ପି



ଜବତ ଗଞ୍ଜେଇକୁ ପୋଲିସ ଥାନାକୁ ନେଉଛି।

ସମ୍ବଲପୁର ଜିଲା ରେଙ୍ଗାଲିରେ ଜିଆର୍‌ପି ଗାଡ଼ି (ଓଡି-୦୫-ଏପି-୨୭୪୪)ରେ ଗଞ୍ଜେଇ ଚୋରା ଚାଲାଣ ବେଳେ ରେଙ୍ଗାଲି ଥାନା ପୋଲିସ ହାତରେ ଧରା ପଡ଼ିଛି। ଗାଡିରୁ ୨୧ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଝାରସୁଗୁଡା ଜିଆର୍‌ପି କାର୍ଯ୍ୟରତ ଉକ୍ତ ଗାଡିର ଡ୍ରାଇଭର ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସମ୍ବଲପୁର ସର୍କଲ ଜେଲ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ରାଉରକେଲା ଜିଆରପି ଏସ୍‌ପିଙ୍କ କାର୍ଯ୍ୟାଳୟରୁ କନଷ୍ଟେବଲ ପୂର୍ଣ୍ଣଚନ୍ଦ୍ରଙ୍କୁ ନିଲମ୍ବିତ କରାଯାଇଛି।

ଝାରସୁଗୁଡା ଜିଆର୍‌ପିର ଜଣେ ଅଧିକାରୀ ଏହି ଗାଡିକୁ ବ୍ୟବହାର କରନ୍ତି। ଶନିବାର ସନ୍ଧ୍ୟାରେ ଏକ ଧଳା ରଙ୍ଗର ବୋଲେରୋରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ରେଙ୍ଗାଲି ଥାନା ପୋଲିସକୁ ଖବର ମିଳିଥିଲା। ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ରାମପଡା ଛକରେ ଜଗି ରହିଥିଲା। ସେହିବାଟ ଦେଇ ଆସୁଥିବା ପ୍ରତ୍ୟେକ ବୋଲେରୋକୁ ପୋଲିସ ଯାଞ୍ଚ କରିବା ପରେ ଛାଡୁଥିଲା। ଶେଷରେ ଏହି ଜିଆରପି ଗାଡ଼ି ପୋଲିସ ହାବୁଡ଼ରେ ପଡ଼ିଥିଲା। ଯାଞ୍ଚବେଳେ ଏଥିରୁ ଗଞ୍ଜେଇ ମିଳିଥିଲା, ଯାହା ଉପସ୍ଥିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଚକିତ କରିଥିଲା। କାରଣ ଏହା ସାଧାରଣ ବୋଲେରୋ ନ ଥିଲା। ଖୋଦ୍ ଜିଆରପିର ଜଣେ ଅଧିକାରୀ ବ୍ୟବହାର କରୁଥିବା ଗାଡ଼ି ଥିଲା। ତୁରନ୍ତ ପୋଲିସ ଏ ନେଇ ରାଉରକେଲାସ୍ଥିତ ଜିଆରପିର ମୁଖ୍ୟାଳୟକୁ ଖବର ଦେଇଥିଲା। ତେବେ ଏହି ଗଞ୍ଜେଇ ଝାରସୁଗୁଡା ଦେଇ ରାଜ୍ୟ ବାହାରକୁ ପଠା ଯାଉଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ହେଲେ ଏତେ ମାତ୍ରାରେ ଗଞ୍ଜେଇ କେଉଁଠାରୁ ଆସୁଥିଲା ତାହା ତଦନ୍ତ କରାଯାଉଛି। ଘଟଣାରେ ଜଡ଼ିତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି।

ବର୍ତ୍ତମାନ ଯାହାକୁ ରାଜନୀତି କୁହାଯାଉଛି – ତାହା ଅତିମାତ୍ରାରେ ରାଜସିକ- ବିଭ୍ରାନ୍ତିକର- ଏବଂ ସର୍ବପ୍ରକାର ଅହଂସର୍ବସ୍ୱ ଉଦ୍ଦେଶ୍ୟରେ କ୍ଳେଦାକ୍ତ। ଆମର ପଥ ହେଉଛି ପୃଥିବୀର ଚେତନା ଉପରେ ଆତ୍ମାର ଚାପ ବା ପ୍ରଭାବ ପକାଇବା। ତା'ଫଳରେ ହିଁ ଏ ପୃଥିବୀର ପରିବର୍ତ୍ତନ ହେବ। -ଶ୍ରୀମା

# ଦୃଷ୍ଟି ପଡୁ ନାହିଁ

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ସଦ୍ୟ ପ୍ରକାଶିତ ତଥ୍ୟରେ ଭାରତରେ ଦଳିତ, ଆଦିବାସୀ ଓ ମୁସଲମାନଙ୍କ ପ୍ରତି ଅଧିକ ଅନ୍ୟାୟ ହେଉଥିବାର ପରିଲକ୍ଷିତ ହୋଇଛି। ଉଚ୍ଚଜାତି ଓ ଧନୀ ବର୍ଗଠାରୁ ଏହି ତିନି ଗୋଷ୍ଠୀର ନାଗରିକ ସବୁବେଳେ ବିଭିନ୍ନ ଅପରାଧରେ ଟଣା ହୋଇ ଜେଲ ପଠାଯାଉଛନ୍ତି। ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଆମେ କୌଣସି ଭାବେ ତଥାକଥିତ ଗରିବ କିମ୍ବା କୌଣସି ଗୋଟେ ବର୍ଗର ଲୋକଙ୍କୁ ନିରୀହର ଆଖ୍ୟା ଦେବାକୁ ଚେଷ୍ଟା କରୁନାହୁଁ। ଅନେକ ଧନୀ ଓ ଉଚ୍ଚଜାତିର ଲୋକ ଯେଉଁଭଳି ଭାବେ ଅପରାଧ ଘଟାନ୍ତି, ସେଭଳି ଭାବେ ବିଭିନ୍ନ ବର୍ଗର ଗରିବଙ୍କ ଦ୍ୱାରା ଅପରାଧ ଘଟାଯାଉଥିବାର ଦୃଷ୍ଟାନ୍ତ ଭାରତରେ ଦେଖିବାକୁ ମିଳୁଛି। ସହରରେ ଥିବା ବସ୍ତିବାସିନ୍ଦା କିମ୍ବା ଉପକଣ୍ଠରେ ଥିବା ଗ୍ରାମବାସୀ ସମସ୍ତେ ନିରୀହ ଏବଂ ଅସହାୟ ବୋଲି କହିବା ସମ୍ପୂର୍ଣ୍ଣ ମିଥ୍ୟା ହେବ। ଅପରପକ୍ଷରେ ଏନ୍‌ସିଆର୍‌ବିର ତଥ୍ୟ ଏକ ସମ୍ପୂର୍ଣ୍ଣ ଭିନ୍ନ ଦିଗକୁ ଦର୍ଶାଉଛି। ୨୦୧୯ ତଥ୍ୟ କହେ ଯେ, ଅବହେଳିତ ବର୍ଗ ମଧ୍ୟରେ ମୁସଲମାନ ବିଚାରାଧୀନ କଏଦୀଙ୍କ ସଂଖ୍ୟା ଦୋଷୀଙ୍କଠାରୁ ଅଧିକ ରହିଛି। ଦେଶର ସମୁଦାୟ ଦୋଷୀଙ୍କ ସଂଖ୍ୟାର ୧୬.୬ ପ୍ରତିଶତ ମୁସଲମାନ ଥିବା ବେଳେ ମୋଟ ବିଚାରାଧୀନ କଏଦୀଙ୍କ ମଧ୍ୟରୁ ୧୮.୭ ପ୍ରତିଶତ ମୁସଲମାନ ବିଚାରାଧୀନ କଏଦୀ ଅଛନ୍ତି। ସେହିପରି ଦେଶର ଜେଲରେ ଥିବା ସମୁଦାୟ ଦୋଷୀଙ୍କ ମଧ୍ୟରୁ ଦଳିତଙ୍କ ପ୍ରତିଶତ ରହିଛି ୨୧.୭ ଓ ଜେଲରେ ଥିବା ମୋଟ ବିଚାରାଧୀନ କଏଦୀଙ୍କ ମଧ୍ୟରୁ ୨୧ ପ୍ରତିଶତ ଦଳିତ ଅଛନ୍ତି। ଅନୁରୂପ ଭାବେ ସମୁଦାୟ ଦୋଷୀ ସଂଖ୍ୟାର ୧୩.୬ ପ୍ରତିଶତ ଏବଂ ମୋଟ ବିଚାରାଧୀନ କଏଦୀଙ୍କ ମଧ୍ୟରୁ ୧୦.୫ ପ୍ରତିଶତ ଆଦିବାସୀ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତ ଜନସଂଖ୍ୟାର ୧୬.୬ ପ୍ରତିଶତ ଦଳିତ ରହିଥିବା ବେଳେ ତଫସିଲଭୁକ୍ତ ଜାତିଙ୍କ ସଂଖ୍ୟା ୮.୬ ପ୍ରତିଶତ ଏବଂ ମୁସଲମାନଙ୍କ ଭାଗ ୧୪.୨ ପ୍ରତିଶତ ରହିଛି। ଅର୍ଥାତ୍ ତୁଳନାତ୍ମକ ଭାବେ ଦେଖିଲେ ଦେଶର ମୋଟ ଜନସଂଖ୍ୟାର ୧୪.୨ ପ୍ରତିଶତ ମୁସଲମାନ ଥିବା ବେଳେ ଜେଲରେ ୩୫.୩ ପ୍ରତିଶତ ମୁସଲମାନ ଅଛନ୍ତି। ସେହିଭଳି ଦେଶର ମୋଟ ଜନସଂଖ୍ୟାର ୮.୬ ପ୍ରତିଶତ ଆଦିବାସୀ ଥିବା ବେଳେ ୨୪.୧ ପ୍ରତିଶତ ଜେଲରେ ଅଛନ୍ତି। ଅନୁରୂପ ଭାବେ ଭାରତ ଜନସଂଖ୍ୟାର ୧୬.୬ ପ୍ରତିଶତ ଦଳିତ ରହିଥିବା ବେଳେ ୪୨.୭ ପ୍ରତିଶତ ଦଳିତ ଜେଲରେ ଅଛନ୍ତି।

ଉପରଲିଖିତ ପରିସଂଖ୍ୟାନକୁ ଦେଖିଲେ ଦେଶରେ ଅବହେଳିତ ବର୍ଗ ସବୁଠାରୁ ବେଶି ଜେଲଜୀବନ ବିତାଉଛନ୍ତି। ଏହାର ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମରେ ଦେଶରେ ଅପରାଧ ନ୍ୟାୟ ବ୍ୟବସ୍ଥା ବା କ୍ରିମିନାଲ ଜଷ୍ଟିସ୍ ସିଷ୍ଟମ ମନ୍ଥର ଗତିରେ ଚାଲୁଛି ଓ ଦ୍ୱିତୀୟରେ ଅବହେଳିତ ବର୍ଗଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ। ଯେଉଁମାନେ ନାମକରା ଆଇନଜୀବୀଙ୍କୁ ନେଇ ମାମଲା ଲଢ଼ିପାରୁଛନ୍ତି, ସେମାନେ ଶୀଘ୍ର ଜାମିନ ପାଇପାରୁଛନ୍ତି। ଅନ୍ୟପକ୍ଷରେ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଛୋଟ ଅପରାଧ କରି ଅନେକ ଗରିବ ଦୀର୍ଘଦିନ ଧରି ଜେଲରେ ରହୁଛନ୍ତି। ତେବେ ଅସହାୟ ଓ ଗରିବଙ୍କୁ ବିନାମୂଲ୍ୟରେ ଆଇନ ସେବା ଯୋଗାଇ ଦେବା ପାଇଁ ଭାରତରେ ବ୍ୟବସ୍ଥା ଥିଲେ ମଧ୍ୟ ତାହାର ସୁଫଳ ସେମାନଙ୍କୁ ଠିକ୍ ଭାବେ ମିଳିପାରୁ ନାହିଁ। ଦିଲ୍ଲୀସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୧୯ରେ କରାଯାଇଥିବା ଏକ ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି ଯେ, ଆଇନ ସହାୟତା ପରାମର୍ଶ ବା ଲିଗାଲ ଏଡ୍ କାଉନ୍‌ସେଲ୍ (ଏଲ୍‌ଏସି)ର ସେବା ଉପରେ ଲୋକଙ୍କ ବିଶ୍ୱାସ ତୁଟିଯାଇଛି। ଏଲ୍‌ଏସି ସମ୍ପୂର୍ଣ୍ଣ ମାଗଣା ସେବା ଯୋଗାଇବା ଲାଗି ଉଦ୍ଦିଷ୍ଟ। ହେଲେ ବିନାମୂଲ୍ୟରେ ସେବା ପାଇବା ପାଇଁ ଏଲ୍‌ଏସିର ଦ୍ୱାରସ୍ଥ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୧୬ ପ୍ରତିଶତ କହିଛନ୍ତି ଯେ, ସେମାନଙ୍କ ମାମଲା ପରିଚାଳନା କରିବା ସକାଶେ ଅର୍ଥ ମଗାଯାଇଛି। ଏଥିରୁ ବୁଝିବାକୁ ହେବ ଯେ, ଦଳିତ, ଆଦିବାସୀ, ମହିଳା, ଶିଶୁ, ମାନବ ଚାଲାଣର ଶିକାର ହୋଇଥିବା ପୀଡ଼ିତ, ଭିନ୍ନକ୍ଷମ, ଶିଳ୍ପ ଶ୍ରମିକ ଏବଂ ଗରିବମାନେ ଆଜିର କ୍ରିମିନାଲ ଜଷ୍ଟିସ୍ ସିଷ୍ଟମ୍‌ରୁ ଠିକ୍ ଭାବେ ନ୍ୟାୟ ପାଇପାରୁ ନାହାନ୍ତି। ଏମିତିରେ ଭାରତୀୟ ନ୍ୟାୟ ବ୍ୟବସ୍ଥାକୁ ଦେଖିଲେ ସାଧାରଣ ବର୍ଗର ସବୁ ବ୍ୟକ୍ତି ଠିକ୍ ସମୟରେ ଓ ସମାନ ଭାବେ ନ୍ୟାୟ ପାଇପାରି ନ ଥାଆନ୍ତି। ବଡ଼ବଡ଼ିଆଙ୍କ ମାମଲାକୁ ଶୀଘ୍ର ପଞ୍ଜୀକରଣ କରାଯାଇ ତୁରନ୍ତ ନ୍ୟାୟ ଦିଆଯାଇପାରୁଛି। ଅନ୍ୟପକ୍ଷରେ ଅସଂଖ୍ୟ ମାମଲା ଦୀର୍ଘବର୍ଷ ଅଦାଲତରେ ପଡ଼ି ରହିଥିଲେ ମଧ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରେ ନାହିଁ। ନାମୀଦାମୀ ଓକିଲମାନେ ଯେଉଁ ମାମଲାରୁ ଅଧିକ ଅର୍ଥ ମିଳିପାରିବ ତା' ପଛରେ ଧାଇଁଥାଆନ୍ତି। ଆର୍ଥତ୍ ଗରିବ ଓ ଅସହାୟଙ୍କ ପାଇଁ ସମାଜର କୌଣସି ସ୍ତରରୁ ଦରଦ ନ ଥିବା ଭଳି ମନେହେଉଛି।

ଏଠାରେ କେବଳ ଓକିଲଙ୍କୁ ଦୋଷ ଦେଲେ ହେବ ନାହିଁ। ଆମ ନ୍ୟାୟାଳୟରେ ନିଯୁକ୍ତି ପାଉଥିବା ବିଚାରପତି ଓ ଅଧିକାରୀମାନେ ନିଜକୁ ଅସାଧାରଣ ବୋଲି ସାଧାରଣରେ ଛବି ତିଆରି କରିଦେଇଛନ୍ତି। ସେଥିପାଇଁ ଅରୁଣ ମିଶ୍ରଙ୍କ ଭଳି ବିଚାରପତି ସୁପ୍ରିମକୋର୍ଟରେ ସବୁ ବଡ଼ କମ୍ପାନୀର ମାମଲା ଶୁଣାଣି କରିବାରେ ସକ୍ଷମ ହୋଇ ନିଜର ସୁବିଧା କୋରି ନେଇପାରୁଛନ୍ତି। ଭାରତୀୟ ବ୍ୟବସ୍ଥାରେ ଏଭଳି ବିଚାରପତିମାନେ ଏକ ନୂଆ ରାସ୍ତା ଦେଖାଇବାକୁ କେବେ ହେଲେ ଚେଷ୍ଟା କରୁନାହାନ୍ତି। ଉଦାହରଣ ସ୍ୱରୂପ, ଛବିରାଣୀ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ସୁପ୍ରିମକୋର୍ଟ ଯାଏ ନିଷ୍ପତ୍ତି ହେବା ପାଇଁ ଦୀର୍ଘ ୨୨ ବର୍ଷ ଲାଗିଗଲା। ସେହି ସମୟ ମଧ୍ୟରେ ଘଟଣାରେ ସମ୍ପୃକ୍ତ ଅନେକ ଅପରାଧୀଙ୍କ ମୃତ୍ୟୁ ମଧ୍ୟ ଘଟିଯାଇଥିଲା। ଯଦି ଟାଟା, ରିଲାଏନ୍ସ କିମ୍ବା ପ୍ରଶାନ୍ତ ଭୂଷଣଙ୍କ ମାମଲା ଆସେ ତେବେ ସର୍ବୋଚ୍ଚ ବିଚାରପତିମାନଙ୍କ ତତ୍ପରତା କୌତୂହଳପୂର୍ଣ୍ଣ ମନେହୁଏ। ସାଧାରଣ ନାଗରିକ ପ୍ରତି ଘଟୁଥିବା ଅନ୍ୟାୟକୁ ସଜାଡ଼ିବା ଏହି ବିଚାରପତିଙ୍କ ଦୃଷ୍ଟିକୁ କେବେ ହେଲେ ଆସୁ ନାହିଁ।

## ସାପ୍ତାହିକ ପଞ୍ଜିକା

**ଅଗଷ୍ଟ ୨୩:** ରାଜ୍ୟରେ କରୋନା ମୃତ୍ୟୁ ୪ ଶହ ଟପିଲା।
**ଅଗଷ୍ଟ ୨୪:** ସୋନିଆ ଗାନ୍ଧୀ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ରହିଲେ।
**ଅଗଷ୍ଟ ୨୫:** ଆମେରିକାରେ ତେଜିଲା ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ।
**ଅଗଷ୍ଟ ୨୬:** ପୂଜା ଛୁଟି ଯାଏ ରାଜ୍ୟରେ ସ୍କୁଲ, କଲେଜ ବନ୍ଦ। ସ୍କୁଲ ପାଠ୍ୟକ୍ରମ ୩୦% କମିଲା।
**ଅଗଷ୍ଟ ୨୭:** ଲଘୁଚାପଜନିତ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟରେ ୭ ମୃତ ଓ ୨ ନିଖୋଜ।
**ଅଗଷ୍ଟ ୨୮:** ଉଷା ପାଢ଼ିଙ୍କୁ ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋର ମହାନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।
**ଅଗଷ୍ଟ ୨୯:** ବ୍ଲାକ୍ ପାନ୍ଥର ଅଭିନେତା ବୋସ୍‌ମାନଙ୍କ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 5 | | 0 | | | | | | | 6 | |
| 6 | | 0 | | B | | 5 | | C | | 4 | | 2 | | |
| | | B | | | | | | | | 1 | 8 | A | | |
| | E | | | | A | | D | 1 | | B | 2 | | 7 | 5 |
| D | | | 0 | | 4 | | | | E | | 9 | 8 | | |
| 2 | | | | 1 | | | | | | 7 | B | 5 | 8 | |
| | | | | 6 | 7 | B | A | 2 | | | | | | |
| E | | | | | 5 | 4 | | | | 3 | 0 | | | |
| 8 | 9 | | | | | | | 3 | 6 | D | | | | |
| | | 4 | | | D | | 7 | | | | | | | |
| 9 | | | 2 | | | D | 3 | | | | A | | B | |
| | | | | 9 | B | 6 | 4 | | | | | 0 | | 8 |
| | 0 | | E | | | | | | 4 | | | 7 | | |
| A | | | 4 | | C | | E | | | 9 | | | 5 | 2 |
| 5 | | 8 | | | | | | A | 1 | | | E | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | E | 4 | 5 | 0 | C | 8 | 7 | 2 | 1 | B | 3 | 6 | D | 9 |
| C | 3 | 2 | 9 | 8 | 7 | B | 6 | D | A | 5 | E | 4 | 1 | 0 |
| 8 | D | 5 | 6 | B | 1 | 9 | A | 3 | 0 | 7 | 4 | E | 2 | C |
| 0 | 1 | 6 | 4 | 3 | D | E | C | 5 | 9 | 2 | 8 | A | B | 7 |
| 9 | B | 7 | A | 2 | E | 4 | 0 | 1 | D | 6 | C | 8 | 3 | 5 |
| E | A | 8 | 3 | C | 2 | 5 | 4 | 0 | 7 | D | B | 1 | 9 | 6 |
| 7 | C | 0 | B | 4 | 9 | 3 | 2 | 8 | E | 1 | 6 | D | 5 | A |
| B | 4 | D | 1 | 6 | 0 | A | E | 9 | 2 | 8 | 5 | 7 | C | 3 |
| 3 | 5 | 1 | 8 | 7 | A | 6 | D | B | 4 | C | 9 | 0 | E | 2 |
| 6 | 2 | 9 | E | D | 5 | C | 1 | 7 | 3 | A | 0 | B | 4 | 8 |
| D | 0 | E | C | A | B | 2 | 5 | 4 | 6 | 9 | 7 | 3 | 8 | 1 |
| 1 | 8 | 3 | 7 | 5 | 6 | D | 9 | E | C | 4 | A | 2 | 0 | B |
| 2 | 7 | C | 0 | 9 | 3 | 1 | 8 | A | B | E | D | 5 | 6 | 4 |
| 4 | 9 | B | 2 | E | 8 | 7 | 3 | 6 | 5 | 0 | 1 | C | A | D |
| 5 | 6 | A | D | 1 | 4 | 0 | B | C | 8 | 3 | 2 | 9 | 7 | E |

ଗତକାଲିର ଉତ୍ତର

# କରୋନା କାଳରେ ମୃତକ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ରିଷି କପୁର (୧୯୫୨-୨୦୨୦) ଜଣେ ପ୍ରସିଦ୍ଧ ଅଭିନେତା ଥିଲେ। ଅତି କମ୍ ବୟସରେ ସେ ଫିଲ୍ମ 'ବବି'ରେ ଅଭିନୟ କରି ଦର୍ଶକମାନଙ୍କ, ବିଶେଷତଃ ଯୁବ ସମାଜ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଥିଲେ। ସେ ବଲିଉଡ୍‌ର ଶୋ-ମ୍ୟାନ୍ ଭାବେ ପରିଚିତ ରାଜ କପୁରଙ୍କ ପୁତ୍ର। କରୋନା କାଳରେ ସେ ୩୦ ଏପ୍ରିଲ୍ ୨୦୨୦ରେ ମୁମ୍ବାଇ ନଗରରେ ଇହଲୀଳା ସାଙ୍ଗ କରିଥିଲେ। ତାଙ୍କ ଶବ ଶୋଭାଯାତ୍ରାରେ କୋଭିଡ୍ ସଂକ୍ରମଣ ବିପକ୍ଷେ ସରକାର ଯେଉଁ ନିର୍ଦ୍ଦେଶ ଦେଇଥିଲେ, ତଦନୁସାରେ ଖୁବ୍ ସୀମିତ ଲୋକ ଉପସ୍ଥିତ ଥିଲେ। ତନ୍ମଧ୍ୟରେ ଥିଲେ ତାଙ୍କ ପରିବାରର ପୁତ୍ର ରଣବୀର କପୁର, ପତ୍ନୀ ନିତୁ କପୁର, ରଣଧୀର କପୁର, ଅଭିନେତା ଅଭିଷେକ ବଚ୍ଚନ, କରୀନା କପୁର, ସୈଫ ଅଲ୍ଲୀ ଖାନ୍। କିନ୍ତୁ ତାଙ୍କ ଅତି ଆଦରର କନ୍ୟା ରିଧିମା କପୁର ତାଲାବନ୍ଦ କଟକଣା ଯୋଗୁ ଦିଲ୍ଲୀରୁ ପହଞ୍ଚିପାରି ନ ଥିଲେ।

ରିଷି ତାଙ୍କ ସହକର୍ମୀ ବିନୋଦ ଖାନାଙ୍କ ଶବ ଶୋଭାଯାତ୍ରାରେ କମ୍ ସଂଖ୍ୟକ ଲୋକଙ୍କ ସମାଗମ ସକାଶେ ଗଭୀର ଭାବେ କ୍ଷୁବ୍ଧ ହୋଇଥିଲେ। ବିନୋଦ ଖାନା(୧୯୪୬-୨୦୧୭) ୨୭ ଏପ୍ରିଲ୍ ୨୦୧୭ରେ ମୃତ୍ୟୁବରଣ କରିଥିଲେ। ସେତେବେଳେ ଶ୍ମଶାନକୁ ଶବ ଅନୁସରଣକାରୀଙ୍କ ସଂଖ୍ୟା ବିଷୟରେ କୌଣସି ନିଷେଧାଦେଶ ନ ଥିଲା। ତଥାପି ତାହା ଥିଲା ନୈରାଶ୍ୟଜନକ। ବିନୋଦ ଅଭିନୟ ପାଇଁ ଏକାଧିକ ଥର ଶ୍ରେଷ୍ଠ ଅଭିନେତା ଭାବେ ମନୋନୀତ ହୋଇଥିଲେ। ପୁଣି ଚାରି ଥର ସଂସଦ ସଦସ୍ୟ ହୋଇ କେନ୍ଦ୍ରମନ୍ତ୍ରୀର କାର୍ଯ୍ୟ ନିର୍ବାହ କରିଥିଲେ। ତଥାପି ଶେଷ ଯାତ୍ରାରେ ଆଶାନୁରୂପ ଜନସମାଗମ(ବିଶେଷତଃ ଯୁବବର୍ଗ) ଦେଖିବାକୁ ମିଳିଲା ନାହିଁ।

ରିଷି ଏହି ଅବସରରେ ଲେଖିଥିଲେ ଯେ, ଏହା ଜଣେ ମୃତକଙ୍କ ପ୍ରତି ଘୋର ଅପମାନ। ବିନୋଦଙ୍କ ବଲିଉଡ୍‌ରେ ଅନେକ ଚଳଚ୍ଚିତ୍ର-ବ୍ୟକ୍ତିତ୍ୱ ସମେତ ଅଗଣିତ ପ୍ରଶଂସକ ଅଛନ୍ତି। ତଥାପି ଜୀବନର ଏକ ଅନ୍ତିମ ମହତ୍ତ୍ୱପୂର୍ଣ୍ଣ ଘଟଣାରେ ସେମାନେ ଯୋଗଦାନ କରି ନାହାନ୍ତି। ତେବେ ଏହି ପରିପ୍ରେକ୍ଷୀରେ ରିଷି ଆହୁରି ଆଶଙ୍କା ପ୍ରକାଶ କରିଥିଲେ ''ମୁଁ ମଲା ବେଳେ ମୋର ଦୁର୍ଦ୍ଦଶା ଏପରି ହୋଇପାରେ। ଫିଲ୍ମ ସହ ସମ୍ପୃକ୍ତ ବ୍ୟକ୍ତିମାନେ ଚଉଥ ବେଳେ ଦାମିକା ପୋଷାକ ପରିଧାନ କରି ବାତାନୁକୂଳିତ ପରିବେଶରେ ଭିଡ଼ ଜମାନ୍ତି। କିନ୍ତୁ ଶବ ସହ ଅନ୍ତିମ-ଯାତ୍ରାକୁ ଏଡ଼ାଇ ଦିଅନ୍ତି।''



ଉଲ୍ଲେଖନୀୟ ଯେ, ରିଷିଙ୍କ ଭବିଷ୍ୟବାଣୀ ତାଙ୍କ ଜୀବନରେ ଦୁର୍ଭାଗ୍ୟବଶତଃ ଘଟିଲା। ଅବଶ୍ୟ ଅନେକ ସାମଞ୍ଜସ୍ୟ ମଧ୍ୟରେ ଉଭୟଙ୍କ କାରଣ ଭିନ୍ନ। ଉଭୟେ କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କଲେ। ଉଭୟଙ୍କ ମୃତ୍ୟୁର ଦୁରାରୋଗ୍ୟ ବ୍ୟାଧି ସମ୍ବନ୍ଧରେ ଲୋକେ ଅବଗତ। ଏପରି କି ରିଷିଙ୍କ ନ୍ୟୁୟର୍କରେ ଦୀର୍ଘଦିନ ଚିକିତ୍ସା ଖବର ଥରକୁ ଥର ପ୍ରକାଶିତ ହୋଇଥିଲା। କରୋନାରୁ ମରଣ ନ ହେଲେ ମଧ୍ୟ କରୋନା କଟକଣା ରିଷିଙ୍କ ଅନୁଗାମୀଙ୍କୁ ଗୃହବନ୍ଦୀ କରିଥିଲା। ଜୀବଦଶାରେ ସେ ଜଣେ ଦୂରଦ୍ରଷ୍ଟା ପରି ଆତଙ୍କିତ ହୋଇଥିଲେ ଯେ, ଲୋକେ ତାଙ୍କ ମୃତଦେହ କାନ୍ଧେଇବାକୁ ଆଗଭର ହୋଇ ନ ପାରନ୍ତି। ଏହି ଦୃଶ୍ୟ ମୋଟାମୋଟି ଭାବେ ରିଷିଙ୍କ ପ୍ରସଙ୍ଗରେ ବାସ୍ତବରେ ରୂପାୟିତ ହେଲା। ସେ ବିନୋଦଙ୍କ ଶେଷ ଯାତ୍ରା ସମ୍ପର୍କରେ ଯେଉଁ କ୍ରୋଧ ପ୍ରକଟ କରିଛନ୍ତି, ଏହା ଆମ ସାମାଜିକ ସଂସ୍କାରର ଅନୁକୂଳ। ଚାଣକ୍ୟ ନୀତିରେ ଉଲ୍ଲେଖ ହୋଇଛି:-''ଆତୁରେ ବ୍ୟସନ ପ୍ରାପ୍ତେ ଦୁର୍ଭିକ୍ଷଃ ଶତ୍ରୁ ସଙ୍କଟେ, ରାଜଦ୍ୱାରେ ଶ୍ମଶାନ ଚ ଯତିଷ୍ଠତି ସବାନ୍ଧବଃ।''ପ୍ରକୃତ ବନ୍ଧୁ କିଏ ? ଉକ୍ତ ଚାରି ଶ୍ରେଣୀ ମଧ୍ୟରେ ଜଣକର ମୃତ୍ୟୁ ପରେ ଶ୍ମଶାନ ଭୂମିରେ ଯିଏ ରହେ, ତାକୁ ବନ୍ଧୁ ଭାବେ ଚାଣକ୍ୟ ସମ୍ମାନ ଦେଇଛନ୍ତି। ତେଣୁ ଉକ୍ତ ଘଟଣା ଦ୍ୱାରା ଆମେ ଜାଣିପାରିବା ଯେ, ଆମର ସଚ୍ଚା ବନ୍ଧୁ କିଏ। ଅବଶ୍ୟ ବିନୋଦଙ୍କ ଅସଂଖ୍ୟ ଉପରଠାଉରିଆ ବନ୍ଧୁମାନଙ୍କ ଅସଲ ପରିଚୟ ଏଥିରୁ ଆମେ ଜାଣି ପାରିବା। ରିଷିଙ୍କ କ୍ଷେତ୍ରରେ କିନ୍ତୁ ଏମିତି ବନ୍ଧୁ-ନିରୂପଣ ଭ୍ରମାତ୍ମକ। ରିଷିଙ୍କ ମୃତଦେହ ପଛରେ କମ୍ ବ୍ୟକ୍ତି ଯିବାର କାରଣ ହେଉଛି କୋଭିଡ୍-୧୯ ସଂକ୍ରମଣ। ତାଙ୍କର ମାରାତ୍ମକ ରୋଗ ନୁହେଁ। ସମକାଳରେ ଅନ୍ୟ ଏକ ଘଟଣା ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ। 'ପାନ୍ ସିଂ ତୋମାର', 'ହିନ୍ଦୀ ମିଡିୟମ୍' ଚଳଚ୍ଚିତ୍ରରେ ଫିଲ୍ମ ଫେୟାର ଶ୍ରେଷ୍ଠ ଅଭିନେତା ରୂପେ ପୁରସ୍କୃତ ହୋଇ ଅପାର ଜନପ୍ରିୟତା ହାସଲ କରିଥିବା ଇର୍‌ଫାନ୍ ଖାନ (୧୯୬୭-୨୦୨୦) ୨୯ ଏପ୍ରିଲ୍ ୨୦୨୦ରେ ଅଣ-କରୋନା ରୋଗ(ନ୍ୟୁରୋ-ଏଣ୍ଡୋକ୍ରାଇନ୍ ଟ୍ୟୁମର)ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏଥିପାଇଁ ସେ ଦୀର୍ଘଦିନ ୟୁକେରେ ଚିକିତ୍ସିତ ହୋଇଥିଲେ। କିନ୍ତୁ ତାଙ୍କର ବିଷାଦମୟ ଅନ୍ତିମ ଯାତ୍ରାବେଳେ ମଧ୍ୟ ଫ୍ୟାନ୍‌ଙ୍କ ସଂଖ୍ୟା ନଗଣ୍ୟ ଥିଲା। ଏହା ପଛରେ ଖଳନାୟକ ହେଉଛି ସଂକ୍ରାମକ କୋଭିଡ୍-୧୯ର ସର୍ବସାଧାରଣରେ ଭୟ।

ତେଣୁ ଆମର ହୃଦ୍‌ବୋଧ ହୁଏ ଯେ, ସଂପ୍ରତି ଜଣେ ସାଧାରଣ ରୋଗରୁ ମଧ୍ୟ ଦୁର୍ଭାଗ୍ୟବଶତଃ ପ୍ରାଣ ହରାଇଲେ, ସେ ହତଭାଗା। ହୁଏତ କେହି କେହି କହିପାରନ୍ତି ଯେ, ଏହି ରୋଗରେ କେବଳ ବୃଦ୍ଧମାନଙ୍କ(ଯଥା: ରିଷି କପୁର) ସମସ୍ୟା। କିନ୍ତୁ ଏହା ବିଭିନ୍ନ ବୟସ ବର୍ଗ ଉପରେ ନିର୍ଭର କରେନାହିଁ। ପାଶ୍ଚାତ୍ୟ ଦେଶରେ ପରିସ୍ଥିତି ଭିନ୍ନ ହୋଇପାରେ। କିନ୍ତୁ ଆମ ଦେଶର ଗୋଟିଏ ପରିସଂଖ୍ୟାନ ସୂଚାଏ ଯେ, ବରିଷ୍ଠମାନଙ୍କ ମଧ୍ୟରୁ ଶତକଡ଼ା ୬୩.୨ ଆରୋଗ୍ୟ ହେଉଥିବା ବେଳେ ଯୁବପିଢ଼ିର ଏହି ହାର କମ୍, ଅର୍ଥାତ୍ ୪୦ ଭାଗ। ଇଣ୍ଡିଆ ଟୁଡେରେ ମଧ୍ୟ ଏହି ସମ୍ଭାବନା ସୂଚିତ: ୟଙ୍ଗ ଇଣ୍ଡିଆନ୍ସ କମ୍ପ୍ରାଇଜ୍ ମୋର ଦାନ ହାଫ୍ ଅଫ୍ କନ୍‌ଫାର୍ମଡ କୋଭିଡ୍-୧୯ କେସେସ୍-ଡିଆର୍‌ୟୁ। ତେଣୁ ଏହି ମୃତକଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଏକ ଗୁରୁତର ପ୍ରସଙ୍ଗ ସାଂପ୍ରତିକ ସମୟରେ।

ଦୁର୍ଭାଗ୍ୟର ବିଷୟ ଯେ, ଅଣ-କୋଭିଡ୍ ବ୍ୟକ୍ତିଙ୍କ ଦେହାବସାନ ହେଲେ ମଧ୍ୟ ଲକ୍‌ଡାଉନ୍ ଫଳରେ ମୃତକମାନେ ସମାଜର ଆଶାନୁରୂପ, ଉଚିତ ସହୃଦୟତାରୁ ବଞ୍ଚିତ ହୋଇଥାନ୍ତି, ଯଦିଚ ଏହି ତୁଙ୍ଗ ବ୍ୟକ୍ତିମାନଙ୍କ ନିଜର କୌଣସି ଭୁଲ୍ ନାହିଁ। ଦୃଷ୍ଟାନ୍ତସ୍ୱରୂପ, ନିର୍ଦ୍ଦେଶକ ବାସୁ ଚାଟାର୍ଜୀ(ବୟସ ୯୦, ମୃତ୍ୟୁ ୪ ଜୁନ୍ ୨୦୨୦), କୋରିଓଗ୍ରାଫର ସରୋଜ ଖାନ(ବୟସ ୭୧/୩ ଜୁଲାଇ), କ୍ରିକେଟ ଖେଳାଳି ଓ ୟୁପି କ୍ୟାବିନେଟ୍ ଚେତନ ଚୌହାନ(ବୟସ ୭୩/୧୬ ଅଗଷ୍ଟ)। ଏହି ବରିଷ୍ଠମାନେ ଯଥାକ୍ରମେ ବାର୍ଦ୍ଧକ୍ୟଜନିତ ରୋଗ, ହୃଦ୍‌ଘାତ ଓ ଶ୍ୱାସରୁଦ୍ଧ, କିଡ୍‌ନୀ ବେମାରରେ ପୀଡ଼ିତ ଥିଲେ। ଆମ ରାଜ୍ୟର ଓଡ଼ିଆ ଫିଲ୍ମର ଟାଇଟନ୍ ଭାବେ ପରିଚିତ ଅଭିନେତା ବିଜୟ ମହାନ୍ତି ୨୦ ଜୁଲାଇ ୨୦୨୦ରେ ସତୁରି ବର୍ଷ ବୟସରେ ହୃଦ୍‌ଘାତର ଶିକାର ହେଲେ। ତାଙ୍କ ବିଦାୟ ଦ୍ୱାରା ଓଡ଼ିଆ ଫିଲ୍ମରେ ଗୋଟିଏ ଯୁଗର ଅବସାନ ଘଟିଲା। ତେବେ ତାଙ୍କୁ ଆମେ କ'ଣ ଉପଯୁକ୍ତ ଭାବେ ଅନ୍ତିମ ମର୍ଯ୍ୟାଦା ଦେଇପାରିଲେ ? ଏହାର କାରଣ ହେଉଛି ଲକ୍‌ଡାଉନ୍। କୋଭିଡ୍-୧୯ ସଂଭୂତ କଠୋର କଟକଣା ଓ କଡ଼ା ନୀତିନିୟମ।

ଅବିଶ୍ୱାସ ଓ ଭୟର ପ୍ରଭାବ ଏବେ ଏତେ ଉତ୍କଟ ଓ ତିକ୍ତ ଯେ, ଲୋକେ ମୃତକର କରୋନା ଟେଷ୍ଟ ରିପୋର୍ଟ ନ ଆସିଲେ ମୃତଦେହକୁ ଦୀର୍ଘ ସମୟ ପକାଇ ରଖୁଛନ୍ତି। ଅନ୍ତିମ ସଂସ୍କାର କରୁନାହାନ୍ତି। ଏହା ଯେଉଁ ଅସନ୍ତୋଷକୁ ଜନ୍ମ ଦେଲା, ଏହାକୁ ନଜରରେ ରଖି ରାଜ୍ୟ ସରକାର ଜିଲାପାଳ, ଏସ୍‌ପି, ପୌର ନିଗମ କମିଶନର, ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଜୁଆଡ଼େ ୨୮, ଜୁଲାଇ ୨୦୨୦ରେ ନିର୍ଦ୍ଦେଶ ଦେଇଥିବା ପ୍ରକାଶ, ସନ୍ଦେହଯୁକ୍ତ କୋଭିଡ୍-୧୯ ମୃତକଙ୍କ ପରୀକ୍ଷା ରିପୋର୍ଟକୁ ଜଗିବା ଅନାବଶ୍ୟକ।

ମୋ: ୯୪୩୭୦୨୬୬୫୧

# ପିଲାଦିନର କ୍ରୀଡ଼ା ଓ ଆଜିର ମୁହୂର୍ତ୍ତ



ଡା. ବିରଞ୍ଚି ନାରାୟଣ ମଲ୍ଲିକ

ଭାରତ କେଉଁ ଖେଳରେ ବିଶ୍ୱ ଚାମ୍ପିୟନ ବୋଲି ପଚାରିଲେ ଚଟ୍ କିନା ଉତ୍ତର ଆସିବ କ୍ରିକେଟରେ। କିନ୍ତୁ ଭାରତ ମଧ୍ୟ କବାଡ଼ି ଖେଳରେ ଅପ୍ରତିଦ୍ୱନ୍ଦ୍ୱୀ ବିଶ୍ୱ ଚାମ୍ପିୟନ। କବାଡ଼ି କଥା ଏଇଥିପାଇଁ ଆମ ମନକୁ ଆସେନା ଯେ ଏହା ଏକ ଗ୍ରାମୀଣ ଖେଳ । କ୍ରିକେଟ ତ ଏବେ କି ଗ୍ରାମ କି ସହର ସବୁଠାରେ ଲୋକଙ୍କ ମନକୁ ଆଚ୍ଛନ୍ନ କରି ରଖିଛି । କିନ୍ତୁ କ୍ରିକେଟ ପରେ ହକି, ଫୁଟବଲ୍, ଭଲିବଲ୍ ବା ବାସ୍କେଟବଲ ଭଳି ଖେଳ କଥା ଆମେ କହିବା କିନ୍ତୁ କବାଡ଼ିକୁ ଭୁଲିଯିବା । ଗ୍ରାମୀଣ କ୍ରୀଡ଼ା ଭଳି ଗ୍ରାମସ୍ତରର ଖେଳାଳିମାନେ ମଧ୍ୟ ଉଦାସୀନତାର ଶିକାର ହୁଅନ୍ତି । ସତ କହିଲେ ସହର ଅପେକ୍ଷା ଗ୍ରାମରେ କ୍ରୀଡ଼ା ପ୍ରତିଭାଙ୍କ ସଂଖ୍ୟା ଅଧିକ । ଗାଁ ପିଲାମାନେ ସ୍ୱାଭାବିକ ଭାବେ ଖେଳାଳି। କିନ୍ତୁ ସେମାନେ କ୍ୱଚିତ ଜିଲା, ରାଜ୍ୟ ବା ଜାତୀୟ ସ୍ତରକୁ ଉଠନ୍ତି ବା ଲୋକଲୋଚନକୁ ଆସନ୍ତି। ସେଇଭଳି କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରିବାକୁ ପ୍ରୋତ୍ସାହନ ଦେବାକୁ ତଥା ଗ୍ରାମ ସ୍ତରରେ କ୍ରୀଡ଼ାର ଭିତ୍ତିଭୂମିର ବିକାଶ କରିବା ସକାଶେ ୨୦୦୮ ମସିହାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଛି ପଞ୍ଚାୟତ ଯୁବ କ୍ରୀଡ଼ା ଓ ଖେଳ ଅଭିଯାନ। ପିୱାଇକେକେଏ ବା ପିକା ଏହି ଅଭିଯାନରେ ୨୦୨୧ ସୁଦ୍ଧା ଭାରତର ଅଢ଼େଇ ଲକ୍ଷ ଗ୍ରାମପଞ୍ଚାୟତ ଏବଂ ୬୪୦୦ ବ୍ଲକ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯିବ। ୨୦୧୮ ସୁଦ୍ଧା ଏହି ଅଭିଯାନରେ ୫୧,୭୬୯ଟି ଗ୍ରାମପଞ୍ଚାୟତ ଏବଂ ୧୫୩୮ଟି ବ୍ଲକ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇ ସାରିଛି। ଏହି ଅଭିଯାନରେ ଗ୍ରାମ, ଜିଲା ରାଜ୍ୟ ଓ ଜାତୀୟ ସ୍ତରର ଗ୍ରାମୀଣ କ୍ରୀଡ଼ା ଟୁର୍ନାମେଣ୍ଟର ଆୟୋଜନ ସକାଶେ ଶତପ୍ରତିଶତ କେନ୍ଦ୍ରୀୟ ଅର୍ଥ ସାହାଯ୍ୟ ଦିଆଯାଉଛି। ଗ୍ରାମରେ ଖେଳପଡ଼ିଆର ବିକାଶ, ପଞ୍ଚାୟତ ସ୍ତରରେ କ୍ରୀଡ଼ାଶ୍ରୀ ଭାବେ ସମ୍ମାନିତ ଖେଳାଳିମାନଙ୍କ ସକାଶେ ଅର୍ଥ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ। ତେବେ ଅନେକ ରାଜ୍ୟରେ ଏହି କାର୍ଯ୍ୟକ୍ରମ ପଛରେ ପଡ଼ିଥିବାରୁ ୨୦୨୧ର ଲକ୍ଷ୍ୟ ପୂରଣ ସକାଶେ ପିକା ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ଓ ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି। ଏ କ୍ଷେତ୍ରରେ ସିକିମ ଏକ ଭଲ ଦୃଷ୍ଟାନ୍ତ ଭାବେ ନିଜକୁ ସାବ୍ୟସ୍ତ କରିଛି । ୨୦୦୮ରୁ ୨୦୧୨ ଭିତରେ ସିକିମକୁ ୬.୮୭କୋଟି ଟଙ୍କାର ଆର୍ଥିକ ଅନୁଦାନ ଦିଆସାରିଲାଣି। ଗତ ଅଗଷ୍ଟ ମାସରେ ସିକିମ୍ ପାଇଥିଲା ୨.୫୧ କୋଟିର ଅନୁଦାନ। ଏଥିରେ ରାଜ୍ୟର ୭୦ଟି ଗ୍ରାମପଞ୍ଚାୟତ ଓ ୩୫ଟି ବ୍ଲକ ପଞ୍ଚାୟତରେ କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମିଗତ ବିକାଶ ଅଣାଯିବାଠାରୁ ଆରମ୍ଭ କରି କ୍ରୀଡ଼ା ପ୍ରତିଭା ଅନ୍ୱେଷଣ, ଚିହ୍ନଟ ଓ ଟୁର୍ଣ୍ଣାମେଣ୍ଟ ଆୟୋଜନ ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶ୍ୱସ୍ତରୀୟ କ୍ରୀଡ଼ା କ୍ଷେତ୍ରରେ ଭାରତର ପ୍ରଦର୍ଶନ ନିରାଶାଜନକ ହୋଇ ରହିଆସିଛି। ଯଦି ଗ୍ରାମୀଣ ସ୍ତରରୁ କ୍ରୀଡ଼ାକ୍ଷେତ୍ରରେ ଭିତ୍ତିଭୂମି ଗତ ବିକାଶ ଓ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ଠିକଣା ଭାବେ ପରିଚାଳିତ କରାଯାଏ, ତେବେ ତାହା ନିଶ୍ଚିତ ଭାବେ ଭାରତର ପ୍ରଦର୍ଶନକୁ ଉଚ୍ଚତର ସୋପାନକୁ ନେଇପାରିବ। ସେଇ ମର୍ମରେ ପିକା ଏକ ସୁନ୍ଦର ପ୍ରୟାସ। ତେବେ ଲକ୍ଷ୍ୟ ପୂରଣ ସକାଶେ ସବୁ ରାଜ୍ୟ ଆଗଭର ହୋଇ କେନ୍ଦ୍ରର ଏ କାର୍ଯ୍ୟକ୍ରମକୁ ସଫଳ କରିବା ଦରକାର।

ଏହା ସ୍ୱାଭାବିକ କଥା ଦିନ ଥିଲା ବାଗୁଡ଼ିଠାରୁ ଫୁଟବଲ, କବାଡ଼ିଠାରୁ ଭଲିବଲ ପରି ଖେଳର ଢେର ଆଦର ଥିଲା ; ଯାହା କି ସଂପ୍ରତି ବସ୍ତୁବାଦୀ ଜୀବନରେ ଆଉ ଦେଖିବାକୁ ମିଳୁନାହିଁ। ବିଦେଶୀ ଖେଳକୁ ସ୍ୱଦେଶୀ ଢାଞ୍ଚାରେ ପୂରାଇ ବାହାଦୁରି ନେଉଥିବା ତଥାକଥିତ କ୍ରିକେଟ ଆଜି ସମସ୍ତଙ୍କୁ ବାୟା କରୁଥିବା ବେଳେ କ୍ରିକେଟିୟରମାନେ କୋଟିପତି। ଅଭିଯୋଗ ବି ଉଠେ ବିସିସିଆଇ ପରି ଧନାଢ଼୍ୟ କ୍ରିକେଟ ସାମ୍ରାଜ୍ୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସିଆଇକୁ ପ୍ରଭାବିତ କରିବାର କ୍ଷମତା ରଖିଛି । ଏହି ଲେଖକ କ୍ରିକେଟ ଖେଳକୁ ଅବମାନନା କରୁନି କିନ୍ତୁ କ୍ରିକେଟ ପାଇଁ ବିତୁଥିବା ସମୟ ଓ କ୍ରିକେଟ ପାଇଁ ଖଟୁଥିବା ପୁଞ୍ଜି କେଉଁ ରାଜସ୍ୱରୁ ଯାଉଛି ତାହା ସହୃଦୟ ପାଠକମାନଙ୍କୁ ଜଣା! ଗାଁର ଖେଳାଳିଟି ଦିନେ ଯେ ତେନ୍ଦୁଲକର କିମ୍ବା ସାନିଆ ମିର୍ଜା ନ ହେବ କିଏ ବା କହିବ ? କିନ୍ତୁ ନାଁ ସେମାନଙ୍କୁ ପ୍ରୋତ୍ସାହନ ଥାଏ ନାଁ ସେମାନଙ୍କୁ ସହଯୋଗ। ପଙ୍କରୁ ପଦ୍ମ ଫୁଟେ କିନ୍ତୁ ବଣମଲ୍ଲୀ ପରି ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିବା ସୁଯୋଗ ନ ଥାଏ। ତେବେ ଗଣମାଧ୍ୟମକୁ ଧନ୍ୟବାଦ କେବଳ ଗଣମାଧ୍ୟମ ଦ୍ୱାରା ହିଁ ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆସିବାରେ ସକ୍ଷମ ହୋଇ ସେମାନଙ୍କ ପ୍ରତିଭା ପ୍ରତିଭାତ ହୋଇପାରିଥାଏ। ଦିନକୁ ଦିନ ବ୍ୟସ୍ତବହୁଳ ବସ୍ତୁବାଦୀ ସମାଜରେ ଗାଁ ଜୀବନ ଓ ଗାଁରେ ପ୍ରତିଭା ଥାଇ ବି ଖେଳାଳିଟିକୁ ପ୍ରାୟତଃ ଅଣଦେଖା କରାଯାଏ। ଦିନଥିଲା ଏହି ଲେଖକ ପିଲାଦିନରେ ଗାଁ ସାଥୀମାନଙ୍କୁ ନେଇ ଭଲିବଲଠାରୁ ବାଗୁଡ଼ି, ଫୁଟ୍‌ବଲଠାରୁ ଲଙ୍ଗଜମ୍ପ ଓ ହାଇଜମ୍ପରେ ସାମିଲ ହେଉଥିଲା କିନ୍ତୁ ଆଜିର ସମୟରେ ସେହି ପ୍ରତିଭାମାନଙ୍କୁ ଆଉ ଦେଖିବାକୁ ମିଳୁନାହିଁ । ତେଣୁ ଗାଁର ଖେଳକୁ ପ୍ରୋତ୍ସାହନ ମିଳୁ ଖେଳାଳିଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଲେ ଭାରତରେ ଅନେକ ସଚିନ୍ ତେନ୍ଦୁଲକର ହୁଅନ୍ତୁ ବା ଲେଣ୍ଡର ପାଏସ୍ ସୃଷ୍ଟି ହୋଇପାରିବେ ଆଉ ଯେଉଁମାନେ ସେହି ସଚ୍ଚିରାଉତରାୟଙ୍କ କାହାଣୀ ପରି 'ଛୋଟ ମୋର ଗାଁ ଟି'ର ତେନ୍ଦୁଲକର ନ ପାଲଟିବେ ତାହା କିଏ ବା କହିବ?

ସର୍ଜରି ବିଶେଷଜ୍ଞ, କଟକ
ମୋ : ୯୪୩୭୨୭୭୭୪୮

## ଏଇ ଭାରତରେ

ନିଯୁକ୍ତି ସୃଷ୍ଟି କରିବା ସହ କୃଷକଙ୍କୁ ସଶକ୍ତ କରିବାରେ ଲାଗିଛନ୍ତି ମୁମ୍ବାଇର ଶ୍ରୀୟା ନହେଟା। ସେ ମୁମ୍ବାଇର ଲୋକମାନଙ୍କୁ ଅର୍ଗାନିକ ଫୁଡ୍ ଡେଲିଭରି କରୁଛନ୍ତି। ଶ୍ରୀୟା ଏହିସବୁ ଫୁଡ୍ କୃଷକମାନଙ୍କଠାରୁ ଆଣୁଛନ୍ତି ଓ ଏଥିରେ ୫୦,୦୦୦ କୃଷକ ଲାଭ ପାଉଛନ୍ତି। ଦେଶର ବିଭିନ୍ନ ସ୍ଥାନରୁ ଏତେ ସଂଖ୍ୟକ କୃଷକଙ୍କଠାରୁ ସେମାନଙ୍କ ଉତ୍ପାଦ ସଂଗ୍ରହ କରି ଲୋକଙ୍କ ଘରେ ପହଞ୍ଚାଇବା ପ୍ରକ୍ରିୟାରେ ବହୁ ନିଯୁକ୍ତି ମଧ୍ୟ ସୃଷ୍ଟି କରିଛନ୍ତି। 'ଜାମା ଅର୍ଗାନିକ' ସଂସ୍ଥା ମାଧ୍ୟମରେ ସେ ଏହା କରୁଛନ୍ତି। ଶ୍ରୀୟା ଏହି ସଂସ୍ଥାକୁ ୨୦୧୭ରେ ପ୍ରତିଷ୍ଠା କରିଥିଲେ। ସଂସ୍ଥା ମିଡିଲ୍‌ମ୍ୟାନ୍ ଭାବେ କାର୍ଯ୍ୟ କଲେ ମଧ୍ୟ କୃଷକମାନେ ଏହା ମାଧ୍ୟମରେ ଖାଉଟିଙ୍କ ସହ ସିଧା ସମ୍ପର୍କ ପ୍ରତିଷ୍ଠା କରିବାକୁ ସକ୍ଷମ ହେଉଛନ୍ତି। କୃଷକମାନେ ବଜାର ଦରଠାରୁ ୧୦ରୁ ୧୫ ପ୍ରତିଶତ ଅଧିକ ଲାଭ ପାଉଛନ୍ତି। ସେମାନେ ସମସ୍ତେ ଜୈବିକ କୃଷି କରୁଛନ୍ତି। ଖାଉଟିମାନଙ୍କଠାରୁ ଅର୍ଡର ଗ୍ରହଣ କରିବା ପରେ 'ଜାମା ଅର୍ଗାନିକ୍' ୱେବ୍‌ସାଇଟ୍‌ରେ କେଉଁ ଉତ୍ପାଦ କେତେ ପରିମାଣରେ ଦରକାର ତାହା କୃଷକମାନଙ୍କୁ ଜଣାଇ ଦିଆଯାଏ ଓ ସେମାନଙ୍କଠାରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଉତ୍ପାଦଗୁଡ଼ିକୁ ସଂଗ୍ରହ କରାଯାଏ। ସବୁ ଉତ୍ପାଦ ରାତି ଭିତରେ ମୁମ୍ବାଇରେ ପହଞ୍ଚିବା ପରେ ତା'ର ଯାଞ୍ଚ କରାଯାଇ ସକାଳ ହେବା କ୍ଷଣି ଲୋକଙ୍କ ଘରେ ପହଞ୍ଚାଇ ଦିଆଯାଏ। ପରିବା, ଶସ୍ୟ ହେଉ କି ମସଲା ତାହା ଗୋଟିଏ ଦିନରୁ ଅଧିକ ଷ୍ଟୋର୍‌ରେ ରଖାଯାଏ ନାହିଁ। ଜୈବିକ ପଦ୍ଧତିରେ ଉତ୍ପାଦିତ ତଟ୍‌କା ପନିପରିବା ଓ ଶସ୍ୟ ଖାଇ ଲୋକେ ସୁସ୍ଥ ଜୀବନଶୈଳୀ ଆପଣାନ୍ତୁ ବୋଲି କହନ୍ତି ୨୭ ବର୍ଷୀୟା ଶ୍ରୀୟା।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଅଗଷ୍ଟ ୧୯୯୫**

- ହିନ୍ଦୁସ୍ଥାନୀ ଆନ୍ଦୋଳନର ଜାତୀୟ ଆବାହକ ମଧୁ ମେହେଟ୍ଟାଙ୍କର ପରଲୋକ।
- ଏନ୍.ଟି. ରାମାରାଓଙ୍କୁ ହଟାଇ ଚନ୍ଦ୍ରବାବୁ ନାଇଡୁ ସର୍ବସମ୍ମତ କ୍ରମେ ତେଲୁଗୁ ଦେଶମ୍ ପାର୍ଟି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ

ମହାଶୟ,

ନିଶାଖୋର ବ୍ୟକ୍ତିମାନଙ୍କର ଦର୍ଶନ କହେ- ଏକାଠି ବସି ନିଶା ପାନରେ ଆନନ୍ଦ ଓ ବନ୍ଧୁତା ନିଆରା। କରୋନା ଭୂତାଣୁ ସଂକ୍ରମଣର ମାର୍ଗ ଓ କ୍ଷତିକାରୀ ଗୁଣ ସମ୍ବନ୍ଧରେ ଗଣମାଧ୍ୟମରେ ଘନ ଘନ ପ୍ରଚାର ଓ ତୁଣ୍ଡ ବାଇଦ ଯୋଗୁ ଶିକ୍ଷିତ ଅଶିକ୍ଷିତ ସମସ୍ତେ ଅବଗତ ଅଛନ୍ତି। ତଥାପି ଗୋଟିଏ ଚିଲମରେ ଗଞ୍ଜେଇ ଟାଣିବା ଓ ଏକାଠି ବସି ତରଳ ନିଶାଦ୍ରବ୍ୟ ପାନ କରିବାରେ ପ୍ରତିବନ୍ଧକ ଲାଗିପାରି ନାହିଁ ବା ପ୍ରବୃତ୍ତି କମିନାହିଁ। ସେମାନଙ୍କର ଯୁକ୍ତି ନିଆଁ ଓ ଆଲ୍‌କୋହଲ ପ୍ରଭାବରେ କରୋନା ଭୂତାଣୁର ସଂକ୍ରମଣ ଅସମ୍ଭବ। ଏବେ ଯାନବାହନରେ ଗମନାଗମନ ପ୍ରତିବନ୍ଧକ ଥିବା ଯୋଗୁ ଅଧିକାଂଶ ବ୍ୟକ୍ତି କର୍ମ ବିହୀନ। ଏହା ନିଶାପ୍ରେମୀମାନଙ୍କୁ ଖଟିରେ ଏକାଠି ହେବାରେ ସାହାଯ୍ୟ କରୁଛି। ଏମାନଙ୍କର ଯୁକ୍ତି ଓ ଦର୍ଶନ ଭୁଲ ଜାଣି ମଧ୍ୟ କରୋନା ସଂକ୍ରମଣର ଭୟକୁ ବେଖାତିର ଦୁର୍ଯୋଗକୁ ନିମନ୍ତ୍ରଣ ନୁହେଁ କି ?

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

## ଚିରନ୍ତନୀ

କେଉଁ ପଥେ ଚାଲିଛି ମୁଁ
ଜାଣେ ନାହିଁ ନିଜେ,
ଜାଣେ ନାହିଁ ଅଛି ଏଥି
କ୍ଷତି ଲାଭ କି ଯେ ! (ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଲୁଆଖାଇରେ ଜଳସ୍ତର ବୃଦ୍ଧି

**ବାଲିଆ:** ବିରିଡି ବ୍ଲକର ବିଲୁଆଖାଇ ଓ ଦେବୀନଦୀର ଜଳସ୍ତର କ୍ରମଶଃ ବଢ଼ିବାରେ ଲାଗିଛି। ରବିବାର ଏହି ନଦୀରେ ୯ ଲକ୍ଷ ୭୨ ହଜାର ଘନଫୁଟ ପାଣି ପ୍ରବାହିତ ହେଉଛି। ଦଳେଇଘାଇଠାରେ ବିପଦସଂକେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଦଳେଇଘାଇ ନଦୀବନ୍ଧକୁ ଜଗତ୍‌ସିଂହପୁର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତାପଚନ୍ଦ୍ର ଶତପଥୀ ପହଞ୍ଚି ନିରୀକ୍ଷଣ କରିଛନ୍ତି। ଦଳେଇଘାଇ ଓ ବାଲିଆ କେନାଲ ଡିଭିଜନର ସହକାରୀ ଯନ୍ତ୍ରୀ ସୁବୋଧ ମହାପାତ୍ରଙ୍କ କହିଛନ୍ତି, ମଧ ରାତ୍ରି ସୁଧା ୧୦ ଲକ୍ଷ ଘନଫୁଟରେ ଜଳ ପ୍ରବାହିତ ହେବ। ତେଣୁଜଳସ୍ତର ଆଉ ୨ ଫୁଟ ବଢ଼ିବାର ସମ୍ଭାବନା ଦେଖାଦେଇଛି।

# ୩ ଲକ୍ଷରୁ ଊର୍ଦ୍ଧ୍ୱ ଜଳବନ୍ଦୀ

କେନ୍ଦ୍ରାପଡା ଅଫିସ/ ଡେରାବିଶ/ **ପଟ୍ଟାମୁଣ୍ଡାଇ/ ରାଜନଗର/ ରାଜକନିକା/ ମାର୍ଶାଘାଇ/ ମହାକାଳପଡା/ ପାଟକୁରା (ସ୍ୱ.ପ୍ର./ଡି.ଏନ୍.ଏ.),୩୦।୮**

କେନ୍ଦ୍ରାପଡା ଜିଲାରେ ପ୍ରବାହିତ ବିରୂପା, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବନ୍ୟା ଜଳସ୍ତର କମିଛି । ମାତ୍ର ଏହା ପ୍ରଭାବରେ ୨୦୩ ଗ୍ରାମର ୩ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବେ ଜଳବନ୍ଦୀ ରହିଛନ୍ତି। ଆଳି, ରାଜନଗର, ପଟ୍ଟାମୁଣ୍ଡାଇ, ଡେରାବିଶ ଆଦି ବ୍ଲକର ୧୦୯ ଗ୍ରାମରେ ବନ୍ୟା ଜଳ ପଶି ଜନ ଜୀବନକୁ ବେହାଲ କରିଦେଇଛି। ସେହିପରି ମହାନଦୀ ସିଷ୍ଟମରେ ଥିବା ପାଇକା, ମହାନଦୀ, ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା ଆଦି ନଦୀରେ ଜଳସ୍ତର ବଢ଼ି ସ୍ଥିତି ଗମ୍ଭୀର ହୋଇଛି । ଡେରାବିଶ, କେନ୍ଦ୍ରାପଡା, ଗରଦପୁର, ମାର୍ଶାଘାଇ ଓ ମହାକାଳପଡା ବ୍ଲକର ୯୪ଟି ଗ୍ରାମ ବନ୍ୟାପ୍ଲାବିତ ହୋଇଛି। ତଳକୁସୁମା, ପାଟକୁରା, ମଙ୍ଗରାଜପୁର, ବଟିରା, ରତନପୁର, ଦଶମାଣକୂଳ ଆଦି କେତେକ ସ୍ଥାନରେ ନଦୀବନ୍ଧରେ ଘଳିଆ ସୃଷ୍ଟି ହୋଇଛି । ଡେରାବିଶ ବ୍ଲକ ଦେଇ ପ୍ରବାହିତ ବିରୂପା ନଦୀବନ୍ଧରେ ଘାଇ ସୃଷ୍ଟି ହୋଇ ବେଣୀପୁର ଗ୍ରାମର ୫ଟି ୱାର୍ଡ଼ର ୩୦୦୦ରୁ ଊର୍ଦ୍ଧ୍ୱ ଲୋକେ ଜଳବନ୍ଦୀ ହୋଇଯାଇଛନ୍ତି । ଗ୍ରାମର ବହୁ ଏକମହଲା ବିଶିଷ୍ଟ କୋଠାଘର ପାଣିରେ ବୁଡ଼ି ରହିଛି। ଜିଲାପାଳ ସମର୍ଥ ବର୍ମାଙ୍କ ଉପସ୍ଥିତିରେ ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେହିପରି ମାର୍ଶାଘାଇ ବ୍ଲକ ଆୟଡପୁର ପଞ୍ଚାୟତ, ଲୁଣା କରାଣ୍ଡିଆ ଦ୍ୱିପାଞ୍ଚଳର କେତେକ ଗ୍ରାମରେ ନଦୀବନ୍ଧ ଉପର ଦେଇ ବନ୍ୟା ଜଳ ପ୍ରବାହିତ ହେଉଛି।

ଜିଲା ପ୍ରଶାସନ ପକ୍ଷରୁ ୮ଟି ଓଡ୍ରାଫ୍ ଓ ଏନଡିଆର୍ଏଫ୍ ଟିମ୍, ଅଗ୍ନିଶମ ବାହିନୀ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସ୍ଥାନୀୟ ବିଧାୟକଙ୍କ ସମେତ କଂଗ୍ରେସ ନେତା ଗଣେଶ୍ୱର ବେହେରା, ଭାଜପା ନେତା ଭୂବନମୋହନ ଜେନା, ଗଣେଷ ଚନ୍ଦ୍ର ସାମଲ ଓ ସ୍ୱେଚ୍ଛାସେବୀମାନେ ଏଥିରେ ସହଯୋଗ କରୁଛନ୍ତି। ଇତିମଧ୍ୟରେ ୬୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଇଛି। ତାଳସଙ୍ଗା ଗ୍ରାମର ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ କହିବାନୁସାରେ, ତରଡିପାଳ, ମହିଷାଁଢ଼ିଅ ଆଦି ବନ୍ୟାପ୍ଲାବିତ ଗ୍ରାମରେ ଏପର୍ଯ୍ୟନ୍ତ ପ୍ରଶାସନ ପହଞ୍ଚି ପାରି ନାହିଁ। ଫଳରେ ବହୁଲୋକ ଖାଦ୍ୟ ଓ ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି। ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀଙ୍କ ସୂଚନା ଅନୁଯାୟୀ, କଟକସ୍ଥିତ ମୁଣ୍ଡଳୀ ବ୍ୟାରେଜ ନିକଟ ମହାନଦୀରେ ପ୍ରାୟ ୧୦ ଲକ୍ଷ ଘନଫୁଟ ଜଳ ପ୍ରତିସେକେଣ୍ଡରେ ପ୍ରବାହିତ ହେଉଛି। ଫଳରେ ଏହି ସିଷ୍ଟମରେ ଥିବା ପ୍ରତ୍ୟେକ ନଦୀର ଜଳସ୍ତର ବିପଦ ସଙ୍କେତଠାରୁ ଊର୍ଦ୍ଧ୍ୱରେ ରହିଛି। ଜିଲା ପ୍ରଶାସନ ପକ୍ଷରୁ ରାତ୍ରକାଳୀନ ଜଗୁଆଳି ବ୍ୟବସ୍ଥା ସହ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ବିପନ୍ନମାନଙ୍କୁ ପାଲ, ଗୋଖାଦ୍ୟ, ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ସେହିପରି ପାନୀୟ ଜଳ, ଔଷଧ ବଣ୍ଟନ କରାଯାଉଛି । ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଜଳସ୍ତର କମିବା ଫଳରେ କେତେକ ଗ୍ରାମରୁ ବନ୍ୟା ଜଳ ନିଷ୍କାସିତ ହୋଇଛି । ଏସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ କହିଛନ୍ତି, ମହାନଦୀର ଜଳସ୍ତର ଉପରମୁଣ୍ଡରେ କମ୍ ହେଉଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବନ୍ୟାର ପ୍ରଭାବ କମିବାର ସମ୍ଭାବନା ରହିଛି। ବିଭିନ୍ନ ନଦୀବନ୍ଧରେ ହୋଇଥିବା ଘଳିଆଗୁଡ଼ିକୁ ମରାମତି କରାଯିବା ସହ ଦୁର୍ବଳ ସ୍ଥାନରେ ବାଲିବସ୍ତା ପ୍ୟାକିଂ ହୋଇଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଜିଲାର ବନ୍ୟା ସ୍ଥିତି ଏବେ ଗମ୍ଭୀର ରହିଛି । ବିଭାଗୀୟ ଅଧିକାରୀମାନେ ଏହାର ନିରାକରଣରେ ଲାଗିଛନ୍ତି।

**କେନ୍ଦ୍ରାପଡ଼ା ଜିଲା**
- ୨୦୩ରୁ ଊର୍ଦ୍ଧ୍ୱ ଗ୍ରାମ ଜଳ ଘେରରେ
- ଓଡ୍ରାଫ, ଏନ୍‌ଡିଆର୍‌ଏଫ, ଅଗ୍ନିଶମ ବାହିନୀ ମୁତୟନ
- ୬୦୦୦ରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତର


କେନ୍ଦ୍ରାପଡ଼ା ଜିଲାର ବଟିରା ଗ୍ରାମରେ ଘରଗୁଡ଼ିକ ବନ୍ୟା ଜଳରେ ବୁଡିଯାଇଛି।


ବରୀ ବ୍ଲକ ବାଲିବିଲ ଗ୍ରାମରେ ବନ୍ୟା ଯୋଗୁ ଛାତ ଉପରେ ଗୃହପାଳିତ ପ୍ରାଣୀ।


ବିଞ୍ଝାରପୁର ବ୍ଲକ ଅଧୀନ ଜରୀ ପଞ୍ଚାୟତ ନାଉବାଙ୍କ ଗ୍ରାମରେ ବନ୍ୟା ପାଣି ଭର୍ତ୍ତି ହୋଇରହିଛି।


କେନ୍ଦ୍ରାପଡ଼ା ଜିଲାର ନୀଳକଣ୍ଠପୁର ଗାଁରେ ବନ୍ୟା ଜଳ ଜମିଛି।

## ସମବାୟ ସଚିବଙ୍କ ବନ୍ୟା ସମୀକ୍ଷା

**ଚଣ୍ଡିଖୋଲ, ୩୦।୮ (ଡି.ଏନ୍.ଏ.)**

ଯାଜପୁର ଜିଲା ବନ୍ୟା ପରିଚାଳନା ଦାୟିତ୍ୱରେ ଥିବା ସମବାୟ ବିଭାଗ ସଚିବ ବୀରବିକ୍ରମ ଯାଦବ ରବିବାର ବଡ଼ଚଣା ଓ ବରୀ ବ୍ଲକ ବନ୍ୟା ସ୍ଥିତି ସମ୍ପର୍କରେ ଚଣ୍ଡିଖୋଲଠାରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ବନ୍ୟା ବିପନ୍ନଙ୍କ ନିକଟରେ ପ୍ରଶାସନ କିପରି ପହଞ୍ଚିବ ସେ ସମ୍ପର୍କରେ ସମସ୍ତ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଡଙ୍ଗା ଯୋଗାଇ ଦେବା ସହ ରିଲିଫ ପରିଚାଳନା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୂର୍ଣ୍ଣ ବରୀ ବ୍ଲକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ବଡ଼ଚଣାର ବହୁ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଥିବା ସେ କହିଥିଲେ। ଘାଇ ଯୋଗୁ କେତେକ ରାସ୍ତା, ପୋଲ ଓ ବନ୍ଧ ବାଡ଼ର କ୍ଷତି ହୋଇଛି। ବନ୍ୟା କମିବା ପରେ ସେସବୁକୁ ତୁରନ୍ତ କିପରି ମରାମତି କରାଯିବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ବିଧାୟକ ଅମର ପ୍ରସାଦ ଶତପଥୀ, ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଏଡିଏମ ମିହିର ପ୍ରସାଦ ମହାନ୍ତି, ବିଡିଓ ଅଜିତ ନାରାୟଣ ଗିରି, ତହସିଲଦାର ବରଣ୍ୟେନ୍ଦୁ ମହାନ୍ତିଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ସଚିବ ଯାଦବ ପ୍ରଶାସନିକ ଅଧିକାରୀଙ୍କ ସହ ବଡ଼ଚଣା ଓ ବରୀର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ।


ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅଧୀନ ଦେବୀନଦୀର ଶିଖରପୁରଠାରୁ ଅଙ୍ଗେଶ୍ୱରପଡ଼ା ପର୍ଯ୍ୟନ୍ତ ବନ୍ଧରେ ବାଲିବସ୍ତା ପକାଯାଇଛି।


ଦଳଇଘାଇଠାରେ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ବିପଦ ସଙ୍କେତ ଉପରେ ୫ ସ୍ଥାନ

ଜଗତ୍‌ସିଂହପୁର ଅଫିସ,୩୦।୮

**କୌଣସି ସ୍ଥାନରେ ବିପଦ ନ ଥିବା ସୂଚନା**

**୯ ପଞ୍ଚାୟତର ୨୦ ହଜାର ଲୋକ ପ୍ରଭାବିତ**

ଜଗତ୍‌ସିଂହପୁର ଜିଲାର ମହାନଦୀ, ଦେବୀ, ପାଇକା, ବିଲୁଆଖାଇ ନଦୀର ଜଳପତ୍ତନ ବୃଦ୍ଧି ପାଇଥିଲେ ସୁଦ୍ଧା କୌଣସି ସ୍ଥାନରେ ଘାଇ ସୃଷ୍ଟି ହୋଇନାହିଁ। ଯେଉଁ କାରଣରୁ ସେଭଳି ବିପଦ ନ ଥିବା କୁହାଯାଇଛି। କିନ୍ତୁ ବନ୍ୟା ଯୋଗୁ ଜିଲାର ବିଶେଷକରି କୁଜଙ୍ଗ ବ୍ଲକ ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଛି। ଏହି ବ୍ଲକର ୯ଟି ପଞ୍ଚାୟତର ୨୪ଟି ଗାଁ ଜଳମଗ୍ନ ହେବା ସହ ୨୦,୨୩୮ ଲୋକ ପ୍ରଭାବିତ ହୋଇଛନ୍ତି। ୧୬୫ଜଣ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯାଉଛି। ସେହିପରି ତିର୍ତ୍ତୋଲ ବ୍ଲକର ୫ଟି ଗାଁ ପ୍ରଭାବିତ ହୋଇଥିବାବେଳେ ୪୧୨ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ୪ଟି କେନ୍ଦ୍ରରେ ରନ୍ଧାଖାଦ୍ୟ ସହ ୧୨୩ କିଲୋଗ୍ରାମ ଚୂଡ଼ା ଓ ୪୨ କିଲୋଗ୍ରାମ ଗୁଡ଼ ବଣ୍ଟନ କରାଯାଇଛି। ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ଜିଲାର ମହାନଦୀ, ଦେବୀ, ପାଇକା ଓ ବୁଲୁଆଖାଇ ନଦୀର ୫ଟି ସ୍ଥାନରେ ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହୋଇଥିବା ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କଟକସ୍ଥିତ ମହାନଦୀ ସାଉଥ ଡିଭିଜନ୍ ନଂ. ୧ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀର ତାରପୁରଠାରେ ବିପଦ ସଙ୍କେତ ୯.୮୦ ଥିବାବେଳେ ସେଠାରେ ୧୧.୦୭ ମିଟର ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ତିର୍ତ୍ତୋଲଠାରେ ବିପଦ ସଙ୍କେତ ୪.୯୩୫ ମିଟର ଥିବାବେଳେ ବନ୍ୟାଜଳ ପ୍ରବାହ ୫.୨୯ ମିଟର ଥିଲା। ପାଇକା ନଦୀର ଶଙ୍ଖେଶ୍ୱରଠାରେ ଗେଜ୍ ଲେଭୁଲ୍ ୨୨.୭୫ ଫୁଟ୍ ଥିବାବେଳେ ସେଠାରେ ୨୬.୭୦ ଫୁଟର ଜଳ ପ୍ରବାହିତ ହୋଇଥିଲା। ଦେବୀ ନଦୀର ଦଳେଇ ଘାଇ ଓ ମାଛଗାଁଠାରେ ବିପଦସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଛ। ଦଳେଇଘାଇଠାରେ ବିପଦ ସଙ୍କେତ ୫୫ ଫୁଟ ଥିବାବେଳେ ସେଠାରେ ୫୭.୧୦ ଫୁଟ, ମାଛଗାଁଠାରେ ବିପଦ ସଙ୍କେତ ୧୧ ଫୁଟ ଥିବାବେଳେ ୧୪.୪୦ ଫୁଟରେ ଜଳ ପ୍ରବାହିତ ହେଉଛି। ଆଳିପିଙ୍ଗଳଠାରେ ବିପଦ ସଙ୍କେତ ୧୦.୮୫ ଥିବାବେଳେ ଜଳ ପ୍ରବାହ ୧୧.୧୬ ମିଟର ରହିଛି। ବିଲୁଆଖାଇ ନଦୀର ଶଙ୍ଖାରିସାହିଠାରେ ବିପଦ ସଙ୍କେତ ୧୭.୫୦ ମିଟର ଥିବାବେଳେ ସେଠାରେ ୧୬.୩୨ ମିଟର ବନ୍ୟା ଜଳ ପ୍ରବାହିତ ହେଉଛି। ଏହି ନଦୀର ବୀରବରପାଟଣାଠାରେ ବିପଦ ସଙ୍କେତ ୧୪.୪୦ ମିଟର ଥିବାବେଳେ ସେଠାରେ ୧୪.୮୫ ମିଟର ଜଳ ପ୍ରବାହିତ ହେଉଥିବା ସୂଚନା ଦିଆଯାଇଛି। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ନଦୀ ବନ୍ଧଗୁଡିକ ଉପରେ ସତର୍କ ଦୃଷ୍ଟି ରଖିବାକୁ ଜିଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ ଆଲର୍ଟ ରହିବା ସହ ରାତ୍ରୀକାଳୀନ ପାଟ୍ରୋଲିଂ ଜୋରଦାର କରିବାକୁ କୁହାଯାଇଛି।

## କମୁଛି ବନ୍ୟାଜଳ, ବଢୁଛି ଦୁର୍ଦ୍ଦଶା

**ଚଣ୍ଡିଖୋଲ, ୩୦।୮ (ଡି.ଏନ୍.ଏ.)**

ବିରୂପା, କେଲୁଅ ଓ ଗେଙ୍ଗୁଟି ନଦୀରେ ବନ୍ୟା ଯୋଗୁ ବଡ଼ଚଣା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଦୁଇ ଦିନ ଧରି ବହୁ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ରବିବାରଠାରୁ ବନ୍ୟାପାଣି ଛାଡୁଥିବା ଦେଖାଯାଇଛି। ମାତ୍ର ମହାନଦୀରେ ବନ୍ୟାଜଳ ଆସିବା ଫଳରେ ଶାଖାନଦୀ ବିରୂପା ଓ ଗେଙ୍ଗୁଟିରେ ପୁନର୍ବାର ବନ୍ୟା ଜଳ ବୃଦ୍ଧି ପାଇବା ଆଶଙ୍କା ରହିଛି। ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବିଧାୟକ ଅମର ପ୍ରସାଦ ଶତପଥୀ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନାଙ୍କ ସହିତ ଆଲୋଚନା କରିଛନ୍ତି। ତୁରନ୍ତ ବନ୍ୟା ବିପନ୍ନମାନଙ୍କୁ ଡଙ୍ଗା ଓ ଗୋଖାଦ୍ୟ ଯୋଗାଇଦେବାକୁ ସେ ଦାବି କରିଛନ୍ତି। ଏହାସହିତ ଚଳିତ ବନ୍ୟାରେ ୨୬ ପଞ୍ଚାୟତର ୧୧୧ ଗାଁ କ୍ଷତିଗ୍ରସ୍ତ ହୋଇଛି। ୩୬ ହଜାର ହେକ୍ଟର ଚାଷଜମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ପ୍ରଭାବିତଙ୍କୁ ଉଚ୍ଚ ସ୍ଥାନରେ ଥଇଥାନ କରାଯାଇଥିବା ବେଳେ ତୁରନ୍ତ ସେମାନଙ୍କୁ ପଲିଥିନ ଓ ରିଲିଫ ଯୋଗାଇଦେବାକୁ ବିଧାୟକ ଶତପଥୀ କମିଶନରଙ୍କୁ ଅନୁରୋଧ କରିଛନ୍ତି। ବନ୍ୟା ଯୋଗୁ ବହୁଲୋକ ଜାତୀୟ ରାଜପଥ ଓ ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଥିବା ବେଳେ ସେମାନେ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ବ୍ଲକ ଅଧୀନ ବାଲିପଡିଆ ପଞ୍ଚାୟତର ଦେକୁରୀ ଗ୍ରାମ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବେଣୀପୁରଠାରେ ଘାଇ ଭାଙ୍ଗିବା ଦ୍ୱାରା ସେମାନଙ୍କର ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଏପରିକି ଏକତାଲା ପର୍ଯ୍ୟନ୍ତ କୋଠାଘର ସବୁ ପାଣିରେ ବୁଡି ରହିଛି। ସମସ୍ତ କଚ୍ଚା ଘର ଭାଙ୍ଗି ଯାଇଛି। ପ୍ରଶାସନ ତରଫରୁ ସେମାନଙ୍କୁ କେବଳ ପଲିଥିନ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ କୌଣସି ସହାୟତା ଦିଆଯାଇ ନ ଥିବା ବିପନ୍ନମାନେ ପ୍ରକାଶ କରିଛନ୍ତି।


ବଡ଼ଚଣା ବ୍ଲକ ବାଲପଡ଼ିଆ ପଞ୍ଚାୟତସ୍ଥିତ ଆଖଣ୍ଡଳମଣି ମନ୍ଦିର।

### ଭାସିଯାଇ ୨ ନିଖୋଜ

ବନ୍ୟାପାଣିରେ ଭାସିଯାଇ ରବିବାର ବଡ଼ଚଣା ବ୍ଲକ ଅଞ୍ଚଳର ଦୁଇ ଜଣ ନିଖୋଜ ହୋଇଛନ୍ତି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜା ଖୋଜି ଜାରି ରହିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନଙ୍କ ପତ୍ତା ମିଳିପାରି ନ ଥିବା ସୂଚନା ମିଳିଛି। ସେମାନେ ହେଲେ ସାଉଡିଆ ପଞ୍ଚାୟତ ଅଧୀନ ମୁଷାଟିକିରି ଗ୍ରାମର ଅମିତ ଦାସ(୧୯) ଓ ସାଉଡିଆ ଗ୍ରାମର କନ୍ଦ ମଳିକ (୬୫)। ରବିବାର ଭୋରରୁ ଅମିତ ଓ ତାଙ୍କ ଭାଇ ଅସିତ ଗାଁ ମଧ୍ୟରୁ କୃଷ୍ଣଦାସପୁର-ରତ୍ନଗିରି ରାସ୍ତାକୁ ଆସୁଥିବା ସମୟରେ ବନ୍ୟାସ୍ରୋତରେ ଭାସିଯାଇଥିଲେ। ଅସିତ ଏକ ଗଛକୁ ଧରି ବର୍ତ୍ତିଯାଇଥିବା ବେଳେ ଅମିତ ଭାସି ଯାଇଥିଲେ। ସେହିପରି ସାଉଡିଆ ଗ୍ରାମର କନ୍ଦ ମଳିକ (୬୫) କେଲୁଅ ନଦୀ ସ୍ରୋତରେ ଭାସିଯାଇଥିବା ଜଣାଯାଇଛି।

# ଜଳ ଘେରରେ ରାଜ୍ୟ



ରବିବାର ସମ୍ବଲପୁର ଗୋବିନ୍ଦତୋଲା ଡ୍ରାଇଭର କଲୋନୀ ବନ୍ୟାଜଳ ଘେରରେ।


ସମ୍ବଲପୁର ମାରୱାଡି ପଡାଘାଟସ୍ଥିତ ସୂର୍ଯ୍ୟ ମନ୍ଦିର ବନ୍ୟାଜଳରେ ବୁଡିଛି।


ଭଦ୍ରକ ଜିଲା ତିହିଡ଼ି-କାଁପଡ଼ା ରାସ୍ତାରେ ଲୋକେ ପାଣିରେ ପଶି ଯାଉଛନ୍ତି।


ପୁରୀ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।


ରବିବାର ସମ୍ବଲପୁର ଭତରା ନିକଟସ୍ଥ ଡୁରିପଡା ବନ୍ୟା ଘେରରେ ରହିଥିବା ବେଳେ ଜଣେ ଶିଶୁଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।


ବନ୍ୟା ଜଳରେ ବୁଡି ରହିଛି ଯାଜପୁର ଜିଲା ବରୀ ବିଦ୍ୟୁତ୍ ଉପଖଣ୍ଡ ଷ୍ଟକ୍ଚର।


ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ପଣ୍ଡିଆବିଲି ସ୍କୁଲ ପାଣି ଘେରରେ।


ପୁରୀ ଜିଲା କଣାସ ବ୍ଲକର ଦୋକନ୍ଦା ଗ୍ରାମରେ ବନ୍ୟାଜଳ।


ପାଣି ଘେରରେ ଥିବା ପୁରୀ ଜିଲା କଣାସ ବ୍ଲକର ବାଲିପାଟଣା ଗ୍ରାମ।


କଟକ ସହରସ୍ଥିତ ଚାନ୍ଦିନୀଚୌକ ଗୁଣ୍ଡିଚାମନ୍ଦିର ପାର୍ଶ୍ୱସ୍ଥ ବସ୍ତିରେ ବନ୍ୟାଜଳ ପଶିଛି।


କଟକ ଜିଲାର ପ୍ରସିଦ୍ଧ ଧବଳେଶ୍ୱର ପୀଠସ୍ଥିତ ମହାନଦୀରେ ପ୍ରବାହିତ ବନ୍ୟାଜଳ।

**ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ ଅର୍ଥମନ୍ତ୍ରୀ**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସେପ୍ଟେମ୍ବର ୩ରେ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ବୈଠକରେ ଋଣ ପୁନର୍ଗଠନ ଯୋଜନା ଉପରେ ସମୀକ୍ଷା ହେବ ବୋଲି ଜଣାପଡିଛି। ଋଣ ପୁନର୍ଗଠନ ଯୋଜନା କାର୍ଯ୍ୟକାରୀ ହେଲେ ଏହା ଦ୍ୱାରା ଲୋକମାନେ ଲାଭବାନ ହେବେ ବୋଲି କୁହାଯାଉଛି।

# କ୍ଷତିପୂରଣ ବିକଳ୍ପକୁ ନେଇ ବିରୋଧ

କୋଲ୍‌କାତା,୩୦।୮



କୋଭିଡ୍-୧୯ ଯୋଗୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ସଂଗ୍ରହ ଅଢ଼େଇ ଲକ୍ଷ କୋଟି କମିବ। ଅପରପକ୍ଷରେ ରାଜ୍ୟଗୁଡ଼ିକ କ୍ଷତିପୂରଣ ଦେବା ଲାଗି ୩ ଲକ୍ଷ କୋଟି ଟଙ୍କା ନିଅଣ୍ଟ ପଡ଼ିବ। ରାଜ୍ୟଗୁଡ଼ିକ କ୍ଷତିପୂରଣ ବାବଦ ଅର୍ଥ ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ଅକ୍ଷମତା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହାକୁ ନେଇ କେନ୍ଦ୍ର-ରାଜ୍ୟ ମଧ୍ୟରେ ଟଣାଓଟରା ଲାଗି ରହିଛି। ଜିଏସ୍‌ଟି ପରିଷଦ ବୈଠକରେ ଏ ପ୍ରସଙ୍ଗରେ ଆଲୋଚନା ହୋଇଛି। ୨ଟି ବିକଳ୍ପରେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ପ୍ରଦାନ ନେଇ ଯୋଜନା ରଖାଯାଇଛି। ଏ ନେଇ ବିସ୍ତୃତ ପ୍ରସ୍ତାବ ଶନିବାର ରାଜ୍ୟଗୁଡ଼ିକୁ ଅବଗତ କରାଯିବା ସହ ଏହା ଉପରେ ମତ ରଖିବାକୁ କେନ୍ଦ୍ର ୭ ଦିନର ସମୟ ପ୍ରଦାନ କରିଛି। ଯଦି କୌଣସି ପ୍ରସଙ୍ଗରେ ସମସ୍ୟା ଉପୁଜେ ତେବେ ତା'ର ସମାଧାନ ଲାଗି ଅର୍ଥ ସଚିବ ଏବଂ କେନ୍ଦ୍ର ଅର୍ଥ ଏବଂ ରାଜସ୍ୱ ସଚିବଙ୍କ ଏକ ବୈଠକ ଅନୁଷ୍ଠିତ କରାଇବାକୁ ଯୋଜନା ରଖାଯାଇଛି। ଏଭଳି ସ୍ଥିତିରେ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଥିବା ବିକଳ୍ପକୁ ନେଇ ବିରୋଧ ଦେଖାଗଲାଣି। ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର ରବିବାର କହିଛନ୍ତି ଯେ, କେନ୍ଦ୍ର ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ନେଇ ଯେଉଁ ବିକଳ୍ପ ପ୍ରଦାନ କରିଛି ତାହା ସମ୍ପୂର୍ଣ୍ଣ ଗ୍ରହଣଯୋଗ୍ୟ ନୁହେଁ। ଏହା ଦ୍ୱାରା ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାସ୍ଥ୍ୟ ଖରାପ ହେବା ଆଶଙ୍କା କରାଯାଇଛି। ଜିଏସ୍‌ଟି ଋଣ ରାଜ୍ୟ ଉପରେ ଲଦିଦେବା କେନ୍ଦ୍ରର ବର୍ବରତା ହେବ ବୋଲି ସେ ମତ ରଖିଛନ୍ତି।

ସୂଚନାଯୋଗ୍ୟ, ଚଳିତ ମାସ ୨୭ ତାରିଖରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ୪୧ତମ ବୈଠକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ ଯେ, କରୋନା ମହାମାରୀ 'ଆକ୍ଟ ଅଫ୍ ଗଡ୍' ବା ଦୈବୀକୃତ। ଏହାଦ୍ୱାରା ଜିଏସ୍‌ଟି ସଂଗ୍ରହ ବାଧାପ୍ରାପ୍ତ ହୋଇଛି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦେବା ସ୍ଥିତିରେ ନାହାନ୍ତି। ଟିକସ ସଂଗ୍ରହ ହ୍ରାସକୁ ଭଗବାନଙ୍କ କାର୍ଯ୍ୟ ବୋଲି ଦୋଷ ଦେଇ ବୃହତ୍ ପରିମାଣର ଋଣ ଭାରକୁ ରାଜ୍ୟଗୁଡ଼ିକ ଉପରେ ଲଦିଦେବା ଭଳି କାର୍ଯ୍ୟ ଦ୍ୱାରା କେନ୍ଦ୍ର ସରକାର କିଛି ଠିକ୍ କାମ କରୁନାହାନ୍ତି। ଏହାଦ୍ୱାରା ରାଜ୍ୟଗୁଡ଼ିକ ବିତ୍ତୀୟ ସ୍ୱାସ୍ଥ୍ୟ ଏବଂ ସଂଘୀୟ ଢାଞ୍ଚା ଉପରେ ପ୍ରଭାବ ପଡ଼ିଥିବା ମିତ୍ର ମତ ରଖିଛନ୍ତି। ଏହା ଗ୍ରହଣଯୋଗ୍ୟ ହୋଇ ନ ପାରେ। ରାଜ୍ୟଗୁଡ଼ିକ ଋଣ କରିବା ପ୍ରସଙ୍ଗକୁ ଦେଶର ୧୫ ବଡ଼ ରାଜ୍ୟ ବିରୋଧ କରୁଛନ୍ତି। ଏହା ମଧ୍ୟରେ ଭାଜପା ଶାସିତ ରାଜ୍ୟ ମଧ୍ୟ ସାମିଲ ରହିଛନ୍ତି। ଜିଏସ୍‌ଟି ନେଟ୍‌ୱର୍କ ପ୍ରତିଷ୍ଠାତା ନନ୍ଦନ ନିଲେକାନୀଙ୍କର ଏକ ମତକୁ ଉଦ୍ଧାରକରି ମିତ୍ର ପୁଣି କହିଛନ୍ତି, ୭୦ ହଜାର କୋଟି ଟଙ୍କାର ଜିଏସ୍‌ଟି ଜାଲ୍ ନେଣଦେଣ ଦେବାରୁ ରାଜସ୍ୱ ହ୍ରାସ ଘଟିଛି। ଏହାକୁ ଭଗବାନଙ୍କ କାର୍ଯ୍ୟ ନା 'ଆକ୍ଟ ଅଫ୍ ଫ୍ରଡ୍' କୁହାଯିବ।

> **ଜିଏସ୍‌ଟି ଋଣ ଭାର ରାଜ୍ୟ ଉପରେ ଲଦିବା କେନ୍ଦ୍ରର ବର୍ବରତା ହେବା।**
>
> **-ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ**

ରାଜ୍ୟଗୁଡ଼ିକୁ କ୍ଷତିପୂରଣ ପ୍ରଦାନ କରିବା କେନ୍ଦ୍ରର ଦାୟିତ୍ୱ ବୋଲି କୋଭିଡ୍ ପୂର୍ବରୁ ମିତ୍ର ଅର୍ଥମନ୍ତ୍ରୀ ସୀତାରାମନଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ଏହାର ଠିକ୍ ଓଲଟା କଥା କେନ୍ଦ୍ର ସରକାର କହୁଛନ୍ତି। ଏହାକୁ ଛଳନା କୁହାଯାଇପାରିବ। ରାଜ୍ୟଗୁଡ଼ିକ ଯଦି ଋଣ କରନ୍ତି ତାକୁ ଶୁଝିବାକୁ ବିଭିନ୍ନ ସମସ୍ୟା ସାମ୍ନା କରିବେ ବୋଲି ସେ ମତ ରଖିଛନ୍ତି। କେନ୍ଦ୍ର ସରକାର ଏକା ଏହି ଋଣ କରିପାରିବେ ବୋଲି ରିଜର୍ଭ ବ୍ୟାଙ୍କ ମଧ୍ୟ ସ୍ପଷ୍ଟ କରି ସାରିଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦେବା ଲାଗି ମୋଟ ୩ ଲକ୍ଷ କୋଟି ଟଙ୍କା ନିଅଣ୍ଟିଆ ପଡିବ। ମାତ୍ର ସେସ୍ ଲାଗୁ ଦ୍ୱାରା କେନ୍ଦ୍ର ସରକାର ମାତ୍ର ୬୬ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହେବେ। ମୋଟ ୨.୩୫ ଲକ୍ଷ କୋଟି ନିଅଣ୍ଟ ମଧ୍ୟରୁ ଜିଏସ୍‌ଟି ଲାଗୁ ଯୋଗୁ ୯୭ ହଜାର କୋଟି ଏବଂ ଅନ୍ୟ କ୍ଷତି କୋଭିଡ୍ ପ୍ରଭାବ ଯୋଗୁ ହୋଇଥିବା ସରକାର ସ୍ପଷ୍ଟ କରିଛନ୍ତି। ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ୨ଟି ବିକଳ୍ପ ପ୍ରଦାନ କରିଛନ୍ତି। ରାଜ୍ୟଗୁଡ଼ିକ ମୋଟ ୨.୩୫ ଲକ୍ଷ କୋଟି ଟଙ୍କା ଋଣ ଉଠାଇପାରିବେ। ଦ୍ୱିତୀୟ ବିକଳ୍ପ ଭାବେ ସ୍ୱତନ୍ତ୍ର ୱିଣ୍ଡୋରୁ ରାଜ୍ୟ ୯୭ ହଜାର କୋଟି ଟଙ୍କାର ପାଣ୍ଠି ଉଠାଣ କରିପାରନ୍ତି। ଏହି ୱିଣ୍ଡୋକୁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯିବ। ଏଭଳି ଋଣ ଉଠାଣ କରି ରାଜ୍ୟ ସେମାନଙ୍କ ରାଜସ୍ୱ ନିଅଣ୍ଟ ସ୍ଥିତି ସମ୍ଭାଳିପାରିବେ। ମିତ୍ର ପରିଶେଷରେ କହିଛନ୍ତି, ବର୍ତ୍ତମାନ ବିତ୍ତୀୟ ଉତ୍ତରଦାୟିତ୍ୱ ଏବଂ ବଜେଟ ପରିଚାଳନା (ଏଫ୍‌ଆର୍‌ବିଏମ୍)ରେ ରହିଥିବା ନିୟମ ପରିବର୍ତ୍ତନ କରାଯାଇନାହିଁ। କେନ୍ଦ୍ର ଭଳି ରାଜ୍ୟ ସରକାର ଋଣ କରିବାକୁ ସମକ୍ଷ ହୋଇପାରିବେ ନାହିଁ। ରାଜସ୍ୱ କମିବା ଯୋଗୁ ପଶ୍ଚିମବଙ୍ଗ ବର୍ତ୍ତମାନ ସୁଦ୍ଧା ୧୫ ହଜାର କୋଟି ଟଙ୍କା ଋଣ କରି ସାରିଥିବା ବେଳେ ଏଫ୍‌ଆର୍‌ବିଏମ୍ ସୀମାକୁ ଏହା ଟପିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାର ପ୍ରଦାନ କରିଥିବା ବିକଳ୍ପର ବିଭିନ୍ନ ଦିଗକୁ ବିଚାରକରି ଏକ ମିଳିତ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଏହି ପ୍ରସଙ୍ଗକୁ ଅଧିକ ସ୍ପଷ୍ଟ କରାଯାଉ ବୋଲି ସେ ଦାବି କରିଛନ୍ତି।

## ଏନ୍‌ସିଏଲ୍‌ଟି ମାମଲାରେ ଅନୀଲ ଅମ୍ବାନୀଙ୍କୁ ଆଶ୍ୱସ୍ତି



**ନୂଆଦିଲ୍ଲୀ,୩୦।୮:** ଅନୀଲ ଅମ୍ବାନୀଙ୍କ ଗ୍ରୁପ କମ୍ପାନୀକୁ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)କୁ ପଠାଇବା ମାମଲାରେ ତାଙ୍କୁ ବର୍ତ୍ତମାନ ଆଶ୍ୱସ୍ତି ମିଳିଛି। ଅନୀଲଙ୍କର ଗ୍ରୁପ କମ୍ପାନୀର ରିଲାଏନ୍ସ ହୋମ୍ ଫାଇନାନ୍ସ ଲିମିଟେଡ(ଆର୍‌ଏଚ୍‌ଏଫ୍‌ଏଲ୍) ଏବଂ ରିଲାଏନ୍ସ କମର୍ସିଆଲ ଫାଇନାନ୍ସ ଲିମିଟେଡ(ଆର୍‌ସିଏଫ୍‌ଏଲ୍) ଭଳି ୨ କମ୍ପାନୀକୁ ଏନ୍‌ସିଏଲ୍‌ଟିକୁ ପଠାଇବା ଲାଗି ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ନିବେଦନ କରାଯାଇଥିଲା। ଏହି ପ୍ରସ୍ତାବକୁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ରବିବାର ଅଗ୍ରାହ୍ୟ କରି ଦିଆଯାଇଛି। ଦେବାଳିଆ ଆଇନ ଧାରା ୨୨୭ ଅଧୀନରେ ଏହି କମ୍ପାନୀଗୁଡିକୁ ଏନ୍‌ସିଏଲ୍‌ଟି ପଠାଇବା ଲାଗି ବିଓବି ପ୍ରକ୍ରିୟା କରିଥିଲା। ଏଥିରେ ବ୍ୟାଙ୍କକୁ ଧକ୍କା ଲାଗିଥିବା ଜଣାପଡିଛି। ସୂଚନା ଯୋଗ୍ୟ ଏହା ପୂର୍ବରୁ ବିଓବି ସହ ଅନ୍ୟ ବ୍ୟାଙ୍କଗୁଡିକର କାର୍ଯ୍ୟଧାରା ଉପରେ ଦିଲ୍ଲୀ ହାଇକୋର୍ଟ ରହିତାଦେଶ ଜାରି କରିଥିଲେ।

## ସଂକ୍ଷେପରେ

### ପ୍ରଥମ ତ୍ରୈମାସ ଜିଡିପି ୩୫% ଖସିପାରେ

**ନୂଆଦିଲ୍ଲୀ,୩୦।୮:** ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ୩୫% ଖସିପାରେ ବୋଲି ବଜାର ବିଶେଷଜ୍ଞ ଆଶଙ୍କା ପ୍ରକଟ କରିଛନ୍ତି। ମାତ୍ର ପରିସଂଖ୍ୟାନ କାର୍ଯ୍ୟାଳୟ ଏହାକୁ ୧୫ରୁ ୧୬% ଦର୍ଶାଇପାରେ। କୋଭିଡ୍ ଯୋଗୁ ଅଣସଙ୍ଗଠିତ କ୍ଷେତ୍ର ଡାଟା ଠିକ୍ ଭାବେ ଉପଲବ୍ଧ ହୋଇ ନ ଥିବା କାରଣରୁ ଏଭଳି ହୋଇପାରେ ବୋଲି କୁହାଯାଉଛି। ଏ କ୍ଷେତ୍ରରେ ପ୍ରକ୍ସି ମଧ ବ୍ୟବହାର କରାଯାଇପାରେ। ଏହା ପୂର୍ବରୁ ଭାରତର ଜିଡିପି ଅଭିବୃଦ୍ଧି ୪ ଦଶନ୍ଧି ନିମ୍ନରେ ରହିଥିଲା। ପୂର୍ବତନ ମୁଖ୍ୟ ପରିସଂଖ୍ୟାନବିତ ପ୍ରଣବ ସେନ୍ କହିଛନ୍ତି ଯେ, ଏହି ସମୟରେ ଜିଡିପି ଅନ୍ତତଃ ପକ୍ଷେ ୨୫% ହ୍ରାସ ହେବା ଆଶଙ୍କା ରହିଛି। ଏହା ୩୫% ପର୍ଯ୍ୟନ୍ତ ମଧ ଯାଇପାରେ। ମାତ୍ର ପରିସଂଖ୍ୟାନ କାର୍ଯ୍ୟାଳୟ ଏହାକୁ କିଭଳି ଦେଖାଉଛି ତାହା ଦେଖିବାକୁ ବାକି ରହିଛି।

### ଟାଟା ସ୍କାଏରେ ପ୍ରସାରଣ ହେବ 'ସାଂସ୍'

**ଭୁବନେଶ୍ୱର,୩୦।୮:** ୯୦ ଦଶକର ପ୍ରମୁଖ ସୋ 'ସାଂସ୍' ପୁଣି ଥରେ ଟାଟା ସ୍କାଏ ସିନିୟର୍ସ- ୫୦୫ ଚ୍ୟାନେଲ ରେ ପୁନଃପ୍ରସାରିତ ହେବ ବୋଲି ସୂଚନା ମିଳିଛି। ସମ୍ପର୍କ ଏବଂ ବିବାହ ବିଚ୍ଛେଦ ଉପରେ ଆଧାରିତ ଏହି ପ୍ରତିଷ୍ଠିତ ସେତେ ବେଳେ ସମୟର ଟେଲିଭିଜନ ଦର୍ଶକଙ୍କ ପାଇଁ ଏକ ଲୋକପ୍ରିୟ କାର୍ଯ୍ୟକ୍ରମ ଥିଲା। ଏହି ସୋ ମାଧମରେ ବିବାହ, ଧୋକା ଓ ପ୍ରେମ ଭଳି ବିଷୟବସ୍ତୁକୁ ବିଶ୍ଳେଷଣ କରାଯାଇଥିଲା। ସେହି ପୁରୁଣା ସ୍ମୃତିକୁ ପୁଣି ଥରେ ଫେରାଇ ଆଣିବା ପାଇଁ ଟାଟା ସ୍କାଏ ସିନିୟର୍ସ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଜାତୀୟ ପୁରସ୍କାର ବିଜେତା ଅଭିନେତ୍ରୀ ନୀନା ଗୁପ୍ତାଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ଏହି ସୋରେ ନୀନା ଗୁପ୍ତା ମୁଖ୍ୟ ଚରିତ୍ରରେ ଅଭିନୟ କରୁଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା କନୱଲଜିତ ସିଂହ, କବିତା କାପୁର, ସଗୁଫ୍ତା ଅଲ୍ଲୀ, ସସ୍ମିତା ଦାନ ଏବଂ ଭାରତ କପୁର ପ୍ରମୁଖ ଅଭିନୟ କରିଛନ୍ତି। ଏହି ସୋ ପ୍ରତି ସୋମବାର ରୁ ଶୁକ୍ରବାର ମଧ୍ୟାହ୍ନ ୧୨ ଟା ଓ ରାତି ୯ଟାରେ ପ୍ରସାରିତ ହେବ ବୋଲି ସୂଚନା ମିଳିଛି।

## ଖୁବ୍‌ଶୀଘ୍ର ଏଜିଆର୍ ଶୁଣାଣି

**ନୂଆଦିଲ୍ଲୀ,୩୦।୮:** ଚଳିତ ସପ୍ତାହରେ ଟେଲିକମ୍ କମ୍ପାନୀଗୁଡିକର ଆଡ୍‌ଜଷ୍ଟେଡ ଗ୍ରସ ରେଭେନ୍ୟୁ(ଏଜିଆର୍) ମାମଲାର ଶୁଣାଣି ହୋଇପାରେ ବୋଲି ଆଶା କରାଯାଉଛି। ଏହି ମାମଲା ଭୋଡାଫୋନ-ଆଇଡିଆ କମ୍ପାନୀର ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି। କମ୍ପାନୀ ବର୍ତ୍ତମାନ କ୍ଷତିରେ ଚାଲୁଛି। ସୁପ୍ରିମକୋର୍ଟଙ୍କ ଶୁଣାଣି ପରେ କମ୍ପାନୀ ଏହାର ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବ। ଏଜିଆର୍ ଦେୟ ଦେବା ଲାଗି କମ୍ପାନୀଗୁଡିକ ୨୦ ବର୍ଷର ଏକ ସୀମା ପ୍ରଦାନ କରିବାକୁ ଟେଲିକମ୍ ବିଭାଗ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ନିବେଦନରେ କହାଯାଇଥିଲା। ଏହାକୁ ନ୍ୟାୟାଳୟ ଅଗ୍ରାହ୍ୟ କରି ଦେଇଥିଲେ। ମାମଲା ଉପରେ ବିଚାର କରିବା ଉପରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। ଋଣ ଭାରତରେ ବୁଡି ରହିଥିବା ଭୋଡାଫୋନ ଆଇଡିଆ ଭଳି କମ୍ପାନୀ କିଭଳି କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ତାହା ସୁପ୍ରିମକୋର୍ଟଙ୍କ ଶୁଣାଣି ପରେ ଜଣାପଡିବ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## କ୍ଷୁଦ୍ରଶିଳ୍ପକୁ ସହାୟତା ଦେବ ପିଏନ୍‌ବି

**ଭୁବନେଶ୍ୱର,୩୦।୮:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସ ବ୍ୟାଙ୍କ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ 'ପିଏନ୍‌ବି ସେବା ସ୍କିମ' ନାମରେ ଏକ ଆକର୍ଷଣୀୟ ଅଫର ଆରମ୍ଭ କରାଯାଇଛି। କରୋନା ମହାମାରୀ କାରଣରୁ ବିଭିନ୍ନ କ୍ଷୁଦ୍ର ଶିଳ୍ପସଂସ୍ଥା ଗୁଡିକର ଆର୍ଥିକ ଅବସ୍ଥା ଖରାପ ହେବ ସହ ମାନ୍ଦାବସ୍ଥା ସ୍ଥିତି ମଧ ଜାରି ରହିଛି। ଏହି ସହାୟତା ଜରିଆରେ ଉକ୍ତ ସଂସ୍ଥା ଗୁଡିକର



ସ୍ଥିତିରେ ସୁଧାର ଆସିପାରିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପିଏନ୍‌ବି ଏହି ମହାମରୀ ସମୟରେ ବିଭିନ୍ନ କ୍ଷୁଦ୍ର ଶିଳ୍ପ ସଂସ୍ଥା ଓ ଋଣ ଗ୍ରହୀତାଙ୍କ ସହ ଛିଡା ହୋଇରହିଛି। ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଏସଏମ୍‌ଇ ଏବଂ ଏମ୍‌ଏସ୍‌ଏମ୍‌ଇଗୁଡିକର ମାନ୍ଦାବସ୍ଥା ଦୂରୀକରଣ ପାଇଁ ସରକାରଙ୍କ ବିଭିନ୍ନ ସ୍କିମ ମାଧ୍ୟମରେ ଋଣ ଯୋଗାଇ ଦିଆଯାଉଛି। ଫଳରେ ଶିଳ୍ପ ସଂସ୍ଥା ଗୁଡିକର ସ୍ଥିତିର ବ୍ୟାପକ ପରିବର୍ତ୍ତନ ସହ ନିଯୁକ୍ତି ଓ ଆର୍ଥିକବସ୍ଥାର ସୁଧାର ଆସିପାରିବ। ଏହି ସ୍କିମ୍ ଜରିଆରେ ବିଭିନ୍ନ ପ୍ରକାରର ସହଯୋଗ ସଂସ୍ଥା ଗୁଡିକ ସଠିକ ସମୟରେ ପାଇପାରିବେ। ଏହି ସ୍କିମରେ ଋଣ ଉଠାଉଥିବା ସଂସ୍ଥାମାନଙ୍କୁ ଅତିକମ୍‌ରେ ୬ମାସର ରିହାତି ପ୍ରଦାନ ସହ ପ୍ରାୟ ୭ବର୍ଷ ସମୟସୀମା ମଧ୍ୟରେ ଋଣ ପରିଶୋଧ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି।

# ଖେଳ ଖବର

## ଜୋକୋଭିଚ୍‌ଙ୍କୁ ୩୫ତମ ମାଷ୍ଟର୍ସ ଟାଇଟଲ

ନ୍ୟୁୟର୍କ,୩୦।୮(ଏପି)

ଅଭିଜ୍ଞ ସର୍ବୀୟ ଟେନିସ ତାରକା ନୋଭାକ ଜୋକୋଭିଚ ଶନିବାର ଆଉ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ଏଠାରେ ଖେଳାଯାଇଥିବା ଏଟିପି ୱେଷ୍ଟର୍ନ ଓ ସଦର୍ନ ଓପନ୍‌ରେ ସେ ଟାଇଟଲ ହାସଲ କରିଛନ୍ତି। ଫାଇନାଲ ମୁକାବିଲାରେ ସେ କାନାଡ଼ାର ମିଲୋସ ରାଓନିକଙ୍କୁ ୧-୬, ୬-୩, ୬-୪ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ୩୩ ବର୍ଷୀୟ ଜୋକୋଭିଚ୍ କ୍ୟାରିୟରର ୮୦ତମ ଟାଇଟଲ ହାସଲ କରିଛନ୍ତି। ଏଥିସହିତ ସେ ୩୫ତମ ଏଟିପି ମାଷ୍ଟର୍ସ ଟାଇଟଲ ଜିତି ସ୍ପେନର ରାଫାଲ ନାଡ଼ାଲଙ୍କ ସର୍ବକାଳୀନ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଉ ମାତ୍ର ୨ ଦିନ ପରେ ସେ ୟୁଏସ୍ ଓପନ୍ ମ୍ୟାଚ୍ ଖେଳିବାକୁ ଯାଉଥିବା ବେଳେ ସେ ତାଙ୍କ ପ୍ରସ୍ତୁତି ଜୋରଦାର କରିଛନ୍ତି। ଏହି ଟାଇଟଲ ମୋ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ଟୁର୍ନାମେଣ୍ଟ ଖେଳିବା ମଧ ମୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ଥିଲା ବୋଲି ସେ କହିଛନ୍ତି। ଚଳିତ ବର୍ଷ ସେ ଅପରାଜେୟ ରହିଛନ୍ତି। ଏହା ମଧ ଏକ ବଡ଼ କଥା। ଜୋକୋଭିଚ୍ ପୂର୍ବରୁ ୨୦୧୮ରେ ୱେଷ୍ଟର୍ନ ଓ ସଦର୍ନ ଓପନ୍ ଟାଇଟଲ ଜିତିଥିଲେ। ୨୦୨୦ରେ ସେ କ୍ରମାଗତ ୨୩ତମ ବିଜୟ ହାସଲ କରିଛନ୍ତି।

**ୱେଷ୍ଟର୍ନ ଆଣ୍ଡ ସଦର୍ନ ଓପନ୍**



ନୋଭାକ ଜୋକୋଭିଚ



ଭିକ୍ଟୋରିଆ ଆଜାରେଙ୍କା

### ମହିଳା ବିଭାଗରେ ଆଜାରେଙ୍କା ଚାମ୍ପିୟନ

ମହିଳା ବିଭାଗ ଟୁର୍ନାମେଣ୍ଟରେ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ଟାଇଟଲ ଜିତିଛନ୍ତି। ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ଫାଇନାଲରୁ ଜାପାନର ନାଓମି ଓସାକା ଓହରିବା ଫଳରେ ଆଜାରେଙ୍କା ବାଜି ମାରିଛନ୍ତି। ଏଥି ସହିତ ଆଜାରେଙ୍କା କ୍ୟାରିୟରର ୨୧ତମ ଡବ୍ଲ୍ୟୁଟିଏ ଟୁର୍ ଟାଇଟଲ ହାସଲ କରିଛନ୍ତି। ଫାଇନାଲ ମ୍ୟାଚ୍‌ରୁ ଓହରିଯାଉଥିବାରୁ ଓସାକା ନିଜ ପ୍ରଶଂସକଙ୍କୁ କ୍ଷମା ମାଗିଛନ୍ତି। ସେମିଫାଇନାଲ ମ୍ୟାଚ୍ ଖେଳିବା ଅବସରରେ ସେ ଆଘାତ ପାଇଥିଲେ ବୋଲି କହିଛନ୍ତି। ଇଞ୍ଜୁରି କାରଣରୁ ଓସାକା ଫାଇନାଲରୁ ଓହରିବା ମଧ ଦୁର୍ଭାଗ୍ୟଜନକ ବୋଲି ଆଜାରେଙ୍କା କହିଛନ୍ତି।

## ସିସାବା ଚେନ୍ନାଇନ୍ ଏଫ୍‌ସି ମୁଖ୍ୟ କୋଚ୍

ଚେନ୍ନାଇ, ୩୦।୮ (ପି.ଟି.)

ଦୁଇଥର ଆଇଏସ୍‌ଏଲ ଚାମ୍ପିୟନ ଚେନ୍ନାଇନ୍ ଏଫ୍‌ସି ୨୦୨୦-୨୧ ସିଜନ ପାଇଁ ଅଭିଜ୍ଞ ସିସାବା ଲାସ୍‌କ୍ଲୋଙ୍କୁ ରବିବାର ଏହାର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଛି। ଏସିଆର କୌଣସି ଫୁଟ୍‌ବଲ କ୍ଲବର କୋଚ୍ ଭାବେ ନିଯୁକ୍ତି ପାଇବା ୫୬ ବର୍ଷୀୟ ଲାସ୍‌କ୍ଲୋଙ୍କ ପାଇଁ ଏହା ପ୍ରଥମ। କ୍ଲବ ଓ ଅନ୍ତର୍ଜାତୀୟ ସ୍ତରରେ ହଙ୍ଗେରିଆନ ଲାସ୍‌କ୍ଲୋଙ୍କର ଦୁଇ ଦଶନ୍ଧିରୁ ଅଧିକ ଦିନ ଧରି ଅଭିଜ୍ଞତା ରହିଛି। ରୋମାନିଆରେ ଜନ୍ମିତ ଲାସ୍‌କ୍ଲୋଙ୍କର ୮ଟି ଦେଶରେ କୋଚିଂ ଅଭିଜ୍ଞତା ରହିଛି। ଉଗାଣ୍ଡା ଓ ଲିଥୁଆନିଆ ଜାତୀୟ ଦଳର କୋଚ୍ ଭାବେ ମଧ ସେ କାର୍ଯ୍ୟ କରିଛନ୍ତି। ଚେନ୍ନାଇନ ଏଫ୍‌ସିରେ ତାଙ୍କୁ ଓଏନ କଏଲ୍‌ଙ୍କ ସ୍ଥାନରେ ନିଯୁକ୍ତି ମିଳିଛି। କଏଲ ୨୦୧୯-୨୦ ଆଇଏସ୍‌ଏଲ ସିଜନରେ ଦଳକୁ ଫାଇନାଲରେ ପ୍ରବେଶ କରାଇ ପାରିଥିଲେ। ନିକଟରେ ସେ ଜାମସେଦପୁର ଏଫ୍‌ସି ଦଳରେ ମୁଖ୍ୟ କୋଚ ଭାବେ ଯୋଗ ଦେଇଛନ୍ତି। ଲାସ୍‌କ୍ଲୋଙ୍କ ତତ୍ତ୍ୱାବଧାନରେ ଆମ ଦଳ ଅନେକ ସଫଳତା ହାସଲ କରିବ ବୋଲି ଚେନ୍ନାଇନ ଏଫ୍‌ସିର ସହ ମାଲିକ ଭିଟା ଡାନି ଆଶା ପ୍ରକାଶ କରିଛନ୍ତି। ଗତ ଆଇଏସଏଲ ସିଜନର ୧୧ଜଣ ଭାରତୀୟ ଖେଳାଳି ଚେନ୍ନାଇନ ଏଫ୍‌ସିରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ବ୍ରାଜିଲର ଦୁଇ ଖେଳାଳି ଡିଫେଣ୍ଡର ଏଲି ସାବିଏ ଏବଂ ମିଡ୍‌ଫିଲ୍ଡର ରାଫାଲ କ୍ରିଭେଲାରୋଙ୍କୁ ମଧ ଦଳରେ ରଖାଯାଇଛି।



ସିସାବା ଲାସ୍‌କ୍ଲୋ

### ଜିଲା ପ୍ରଶାସନ ଦ୍ୱାରା ୪ ପ୍ରତିଭା ସମ୍ବର୍ଦ୍ଧିତ

**କଟକ ଅଫିସ,୩୦।୮:** ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟର ୪ ଟାଏକୋଣ୍ଡୋ ପ୍ରତିଭାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ସମ୍ବର୍ଦ୍ଧିତ କରିବା ସହିତ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ଜାତୀୟ ପ୍ରତିଯୋଗିତାରେ ପଦକଧାରୀ ଆର୍ଯ୍ୟନ ଚୌଧୁରୀଙ୍କୁ ୬୭ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦିଆଯାଇଥିଲା। ଏହାଛଡ଼ା ଜି ଚିଆଙ୍ଗ ଚାଙ୍ଗ ୧୭ହଜାର ଟଙ୍କା ଏବଂ ତନୁଶ୍ରୀ ସାହୁ ଓ ଜ୍ୟୋତିସାଇ କରଙ୍କୁ ୧୩ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଦିଆଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ। କଟକ ଜିଲା ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ପ୍ରହ୍ଲାଦ ସାହା ଓ ସଭାପତି ନିଶାର ଅହମ୍ମଦ ପୁରସ୍କୃତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଜୁଭେଣ୍ଟସ୍‌ରେ ପ୍ରଥମ ଆମେରିକୀୟ ଖେଳାଳି

**ତୁରିନ୍, ୩୦।୮ (ଏପି):** ଜୁଭେଣ୍ଟସ ଫୁଟ୍‌ବଲ ଦଳରେ ଯୋଗଦାନ କରିବାରେ ପ୍ରଥମ ଆମେରିକୀୟ ଖେଳାଳି ହେଉଛନ୍ତି ମିଡ୍‌ଫିଲ୍ଡର ୱେଷ୍ଟର୍ନ ମ୍ୟାକେନି। ଗୁରୁବାର ତୁରିନ୍‌ରେ ପହଞ୍ଚିବା ପରେ ୯ଥର ସିରିଜ ଏ' ଚାମ୍ପିୟନ ଦଳ ତରଫରୁ ତାଙ୍କର କିଛି ଫଟୋ ପୋଷ୍ଟ କରିଥିଲା। ମ୍ୟାକେନି ଶୁକ୍ରବାର ତାଙ୍କୁ ୨୨ତମ ଜନ୍ମ ଦିବସ ପାଳିଛନ୍ତି। ଜର୍ମାନୀ କ୍ଲବ ଏଫ୍‌ସି ଜେଲସେଙ୍କିରଚେନ୍ ସ୍କାଲକେରୁ ଉଧାର ସୂତ୍ରରେ ସାମୟିକ ଭାବେ ଏହି ମିଡ୍‌ଫିଲ୍ଡରଙ୍କୁ ଅଣାଯାଇଛି। ଅର୍ଥାତ ମ୍ୟାକେନି ଜୁଭେଣ୍ଟସ ସହିତ ୨୦୨୧ ଜୁନ ୩୦ ପର୍ଯ୍ୟନ୍ତ ରହିବେ। ଖେଳାଳି ରେଜିଷ୍ଟ୍ରେସନ ବାବଦରେ ୪.୫ ନିୟୁତ ୟୁରୋ (୫.୩୫ ନିୟୁତ ଡଲାର) ବ୍ୟୟ କରାଯାଇଛି। ସଜିନ ଶେଷରେ ୧୮.୫ ନିୟୁତ ଡଲାର ବିନିମୟରେ ଜୁଭେଣ୍ଟସ ମ୍ୟାକେନିଙ୍କ ଉପରେ ସମ୍ପୂର୍ଣ୍ଣ ଅଧିକାର ହାସଲ କରିବ। ବୋନସ ସହିତ ଫି' ପରିମାଣ ୨୫.୫ ନିୟୁତ ୟୁରୋ (୩୦ ନିୟୁତ ଡଲାର)କୁ ବୃଦ୍ଧି ପାଇପାରେ। ମ୍ୟାକେନି ମିଡ୍‌ଫିଲ୍ଡର ଯେ କୌଣସି ପୋଜିଶନରେ ଖେଳି ପାରିବେ। ଫଳରେ ଜୁଭେଣ୍ଟସର ନୂଆ କୋଚ୍ ଆଣ୍ଡ୍ରିଆ ପିର୍ଲୋଙ୍କ ହାତରେ ବିକଳ୍ପ ରହିବ।

## ଜୋଶ ସଂଘର ଭର୍ଚୁଆଲ କର୍ମଶାଳା

ଭୁବନେଶ୍ୱର, ୩୦।୮(ସ୍ପୋର୍ଟ୍ସ ବ୍ୟୁରୋ)

ଜୋଶ ସଂଘ ତରଫରୁ ଜୁନ୍ ୨୩ରୁ ଅଗଷ୍ଟ ୨୯ ପର୍ଯ୍ୟନ୍ତ ଭର୍ଚୁଆଲ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫୦ରୁ ଊର୍ଦ୍ଧ୍ୱ ଶାରୀରିକ ଶିକ୍ଷାବିତ୍ ଓ କ୍ରୀଡ଼ାବିତ୍ ଯୋଗ ଦେଇଥିଲେ। ବିଭିନ୍ନ ଖେଳ ଯଥା ଥ୍ରୋ ବଲ୍, ଫୁଟ୍‌ବଲ, ଭଲିବଲ୍, ହକି, ନେଟ୍ ବଲ୍, ହ୍ୟାଣ୍ଡ ବଲ୍, ଟେନିସ ଭଲିବଲ ଆଦି ଖେଳର କର୍ମଶାଳା ଆୟୋଜିତ ହୋଇଥିଲା। ଶନିବାର ସଂଘ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳନ ହୋଇଥିଲା। ଏଥିରେ ଅତିଥିଭାବେ ହକି ଅଲିମ୍ପିଆନ ସୁନୀତା ଲାକ୍ରା, ନିଶାନ ଜ୍ୟୋତି ମହାନ୍ତି (ହକି ଅଫିସିଆଲ), ପୂର୍ଣ୍ଣିମା ହେମ୍ବ୍ରମ (ଆଥଲେଟ), ଜଉନା ମୁର୍ମୁ (ଆଥଲେଟ), ଏହସାସ୍ ହୋତା(ଟାଏକୋଣ୍ଡୋ ଖେଳାଳି), ସତ୍ୟନାରାୟଣ ରାଜଗୁରୁ (ସହ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା, ସ୍କୁଲ ଓ ଗଣଶିକ୍ଷା ବିଭାଗ), ଜି.ସି.ପି.ଇ ଭୁବନେଶ୍ୱର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ଶାରୀରିକ ଶିକ୍ଷା ନିରୀକ୍ଷକ, ଶାରୀରିକ ଶିକ୍ଷା ଶିକ୍ଷକ ଏବଂ ବହୁ କ୍ରୀଡ଼ାପ୍ରେମୀ ଯୋଗ ଦେଇଥିଲେ। ସୁନିଲ କୁମାର ମହାନ୍ତ, ରାମ କୁମାର ସାହୁ ଓ ଅଜୟ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୋଶ ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି ଓ ସମ୍ପାଦକ ଯଶବନ୍ତ ପରମଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନେଟ୍‌ସରେ ଭୟ କରିଥିଲେ କୋହଲି

ଦୁବାଇ,୩୦।୮(ପି.ଟି)

ଦୀର୍ଘ ୫ ମାସ ପରେ ପ୍ରଥମଥର ପାଇଁ ନେଟ୍ସରେ ଅଭ୍ୟାସ କରିବାକୁ ଡର ଲାଗିଥିଲା ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ତେବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସେସନ ପୂର୍ବରୁ ଏହି ପ୍ରଥମ ଟ୍ରେନିଂ ଆଶାଠାରୁ ଭଲ ଥିଲା ବୋଲି ସେ କହିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଧିନାୟକ କୋହଲି କୋଭିଡ୍-୧୯ ମହାମାରୀ କାରଣରୁ ୫ ମାସ ପରେ ଟ୍ରେନିଂ ଆରମ୍ଭ କରିଥିଲେ। ଏହି ନେଟ୍ସ ସେସନ୍‌ରେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଡେଲ ଷ୍ଟେଇନ୍ ଓ ଆରସିବି ଟିମ୍ ଡାଇରେକ୍ଟର ମାଇକ ହେସନ ଯୋଗ ଦେଇଥିଲେ।

ଗତ ୫ ମାସ ହେବ ବ୍ୟାଟ ଧରି ନ ଥିଲି। ତେଣୁ ଡରି ଯାଇଥିଲି। ତେବେ ଯାହା ଆଶା କରୁଥିଲି ତାହାଠାରୁ ବହୁତ କିଛି ଅଧିକ ଥିଲା ବୋଲି କୋହଲି କହିଛନ୍ତି। ୩୧ ବର୍ଷୀୟ କୋହଲି ଗତବର୍ଷ ଆରସିବିର ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ଲକ୍‌ଡାଉନ୍‌ରେ ଫିଟ୍ ରହିଥିବାରୁ ନେଟ୍ ସେସନ୍ ଭଲ ହୋଇପାରିଥିଲା। ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଟ୍ରେନିଂ ଜାରି ରଖିଥିଲି। ଏହା ଏବେ କାମ ଦେଇଛି।



ଆଇପିଏଲ୍‌ର ୧୩ତମ ସଂସ୍କରଣ ଖେଳିବାକୁ ଆରସିବି ଦଳ ଗତ ସପ୍ତାହରେ ଦୁବାଇରେ ପହଞ୍ଚିଥିଲା। ଆଇପିଏଲ୍ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। କୋଭିଡ୍-୧୯ ସଂକ୍ରମଣ କାରଣରୁ ଏଥର ଆଇପିଏଲ୍ ଭାରତରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ସ୍ଥାନାନ୍ତର ହୋଇଛି। କ୍ୱାରାଣ୍ଟାଇନ୍‌ରେ ରହିବା ପରେ ଆରସିବି ଦଳ ଶନିବାର ନେଟ୍ସରେ ଅଭ୍ୟାସ କରିଥିଲା। ୩ ସ୍ପିନର ୟୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର ଓ ଶାହାବାଜ ନଦୀମ ଓ ଆଉ କେତେକ ପେସର ଅଭ୍ୟାସ କରିଥିଲେ।



ସୈନ୍ୟବାହିନୀର ଟି-୫୫ ଟ୍ୟାଙ୍କ ଏବେ ଦେଖିବାକୁ ମିଳିବ ବାଡମେର ଜିଲ୍ଲା ମୁଖ୍ୟାଳୟର ୱାର ମ୍ୟୁଜିୟମ୍‌ରେ। ୧୯୭୧ ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧରେ ଏହି ଟ୍ୟାଙ୍କ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ତେଣୁ ସେନାରେ ଏହାର ଗୁରୁତ୍ୱପୂର୍ଣ୍ଣ ସହଯୋଗକୁ ଆଗାମୀ ପିଢ଼ି ନିକଟରେ ମନେ ରଖିବା ପାଇଁ ଏବେ ଏହାକୁ ମ୍ୟୁଜିୟମରେ ରଖାଯିବ। ବାଡମେରର ୱାର ମ୍ୟୁଜିୟମରେ ଏହା ପୂର୍ବରୁ ପାକିସ୍ତାନ ସହିତ ଯୁଦ୍ଧ କରିଥିବା ଅନେକ ଅସ୍ତ୍ରଶସ୍ତ୍ର ରହିଛି। ଏବେ ଏହି ଟ୍ୟାଙ୍କ ରହିବା ଫଳରେ ଲୋକଙ୍କ ମନରେ ଉତ୍ସାହ ବୃଦ୍ଧି ପାଇଛି। ଟ୍ୟାଙ୍କର ଉପସ୍ଥିତିକୁ ସବୁବର୍ଗ ସ୍ୱାଗତ କରିଛନ୍ତି।

୩୧ତମ ବିବାହ ବାର୍ଷିକୀ ଶୁଭେଚ୍ଛା

ସୁଶୀଲ ଓ ଜ୍ୟୋତିର୍ମୟୀ
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣମାନଙ୍କ ଭବିଷ୍ୟତ ସୁଖମୟ ହେଉ।
—:ଶୁଭେଚ୍ଛା ସହ:—
ଭଉଣୀ, ପୁତ୍ର- ଅଭିଷେକ, ରାଜେଶ, ପୁତ୍ରବଧୂ- ରଶ୍ମିତା ଓ ବନ୍ଧୁ ତଥା ପରିବାରବର୍ଗ।
ଧ-୧୮୦୭୨

# ସ୍ଥିତି ବଦଳାଇବ 'ଅଟଳ ସୁଡ଼ଙ୍ଗ'

**ଉଦ୍‌ଘାଟନକୁ ଅପେକ୍ଷା କରିଛି 'ଅଟଳ ସୁଡ଼ଙ୍ଗ'। ସମୁଦ୍ର ପତ୍ତନରୁ ୧୦ ହଜାର ଫୁଟ ଉଚ୍ଚତାରେ ନିର୍ମିତ ଏହି ଟନେଲ ଲୋକାର୍ପଣ ହେବା ପରେ କୀର୍ତ୍ତିମାନ ରଚିବ। ଏହା ପାଲଟିଯିବ ଉଚ୍ଚତମ ହାଇୱେ ଉପରେ ନିର୍ମିତ ପୃଥିବୀର ସବୁଠାରୁ ଲମ୍ବା ସୁଡ଼ଙ୍ଗ। ପୂର୍ବରୁ ମନାଲିରୁ ଲେହ ଉପତ୍ୟକାକୁ ଗମନାଗମନ ପାଇଁ ଘଣ୍ଟାଧିକ ସମୟ ଲାଗୁଥିବା ବେଳେ ଏବେ ଉଭୟ ଦୂରତା ଏବଂ ସମୟ କମିଯିବ। କେବଳ ଏତିକି ନୁହେଁ, ଏହି ଭୂତଳପଥ ଭାରତର ସାମରିକ ଶକ୍ତିକୁ ଆହୁରି ସଶକ୍ତ କରିବ। ଜରୁରୀ ସମୟରେ ଏହାକୁ ସେନା ସଞ୍ଚାଳନ ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ।**



**ନୂଆଦିଲ୍ଲୀ:** ହିମାଚଳପ୍ରଦେଶ ରାଜ୍ୟର ପୂର୍ବ ପୀରପଞ୍ଜାଲ ରେଞ୍ଜ ଅନ୍ତର୍ଗତ ରୋହତାଙ୍ଗ ପାସ୍‌ର ଲେହ-ମନାଲି ହାଇୱେ ଉପରେ ନିର୍ମିତ ହୋଇଛି 'ଅଟଳ ଟନେଲ'। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ ଏହି ସୁଡ଼ଙ୍ଗ ସମୁଦ୍ର ପତ୍ତନଠାରୁ ହାରାହାରି ୧୦ ହଜାର ମିଟର ଉଚ୍ଚତାରେ ଅବସ୍ଥିତ। ୧୯୮୩ରୁ ପରିକଳ୍ପିତ ଏହି ଟନେଲ ଦୀର୍ଘବର୍ଷ ପରେ ପୂର୍ଣ୍ଣାଙ୍ଗ ରୂପ ନେଇଛି। ଆସନ୍ତା ସେପ୍ଟେମ୍ବରରେ ଏହାର ଲୋକାର୍ପଣ କାର୍ଯ୍ୟକ୍ରମ ରହିଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଥିବା ଏହି ସୁଡ଼ଙ୍ଗ ଚଳିତ ବର୍ଷ ମେ'ରେ ଉଦ୍‌ଘାଟନ ହେବାର ଥିଲା। ତେବେ କରୋନା ମହାମାରୀ ଜନିତ ଲକ୍‌ଡାଉନ୍ କାରଣରୁ ଏଥିରେ ବିଳମ୍ବ ହୋଇଛି। ପାହାଡ଼ି ରାଜ୍ୟ ହିମାଚଳପ୍ରଦେଶର ଅର୍ଥନୀତିରେ 'ଅଟଳ ଟନେଲ' ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ଏଥିସହ ଏହାର ଲୋକାର୍ପଣ ପରେ ଭାରତ ସାମରିକ କ୍ଷେତ୍ରରେ ଆଉ ଏକ ପାଦ ଆଗକୁ ବଢ଼ିବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ରଖିଛନ୍ତି।

'ଅଟଳ ଟନେଲ' ପ୍ରକଳ୍ପର ଇତିହାସ ବେଶ୍ ପୁରୁଣା। ୧୯୮୩ରେ 'ରୋହତାଙ୍ଗ ସୁଡ଼ଙ୍ଗ' ନାମରେ ଏହାର ପରିକଳ୍ପନା କରାଯାଇଥିଲା। ତତ୍କାଳୀନ କଂଗ୍ରେସ ସରକାର ଏହାର ନିର୍ମାଣ ପାଇଁ ବିଚାର ବିମର୍ଶ ଆରମ୍ଭ କରିଥିଲେ। ଏଥି ପାଇଁ ୧୯୯୦ରେ ଆରମ୍ଭ ହୋଇଥିଲା ସର୍ଭେ। ୨୦୦୪ରେ ଭୂ-ବୈଜ୍ଞାନିକ ରିପୋର୍ଟ ଏବଂ ୨୦୦୬ରେ ଏହାର ଡିଜାଇନ ପ୍ରସ୍ତୁତ କରାଯାଇଥିଲା। ତେବେ ଏହାର ୩ବର୍ଷ ଆଗରୁ ଅର୍ଥାତ୍ ୨୦୦୩ରୁ ହିଁ ସରକାରୀସ୍ତରରେ ଏହାକୁ ମଞ୍ଜୁରୀ ମିଳିସାରିଥିଲା। ୨୦୦୭ରେ ସୁଡ଼ୁଙ୍ଗ ନିର୍ମାଣ ଲାଗି ଟେଣ୍ଡର କରାଯାଇଥିଲା। ୨୦୧୦ରେ ତତ୍କାଳୀନ ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏହାର ଶିଳାନ୍ୟାସ କରିଥିଲେ। ୨୦୧୫ ସୁଦ୍ଧା ପ୍ରୋଜେକ୍ଟ ଶେଷ କରାଯିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ପାଖାପାଖି ୫ ବର୍ଷ ପରେ ଏହି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଇଛି। ମନାଲି ପଟରୁ ଲଦାଖ ଉପତ୍ୟକାକୁ ସୈନ୍ୟ ସଞ୍ଚାଳନ ଏବଂ ସାମରିକ ଉପକରଣ ପହଞ୍ଚାଇବାରେ 'ଅଟଳ ସୁଡ଼ଙ୍ଗ' ଟର୍ନିଂ ପଏଣ୍ଟ ହେବ। ପୂର୍ବରୁ ମାତ୍ର ଗୋଟିଏ ରାସ୍ତାରେ ଏହି କାର୍ଯ୍ୟ ହେଉଥିଲା। ଏବେ ଟନେଲ ରାସ୍ତା ଏଥିରେ ଯୋଡ଼ିହୋଇଛି। ଆଗରୁ ଲଦାଖ ଯିବାକୁ ବିପଦସଙ୍କୁଳ ରାସ୍ତା ପାର ହେବାକୁ ପଡୁଥିଲା। ଏବେ ଏହା ସହଜ ହୋଇଯିବା ପରେ ପର୍ଯ୍ୟଟନର ସମ୍ଭାବନା ବଢ଼ିବ। ଲାହାଉଲ୍-ସ୍ପିତି ଜିଲାବାସୀ ରୋଜଗାର ପାଇବେ। ଶୀତଦିନେ ତୁଷାରପାତ ହେଲେ ଲହାଉଲ୍ ସହ ପାଖାପାଖି ୬ମାସ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼େ। ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚି ପାରେନାହିଁ। ଟନେଲ ରାସ୍ତା ଖୋଲିବା ପରେ ସବୁ ସମୟରେ ଯାତାୟାତ ସୁଗମ ହୋଇପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଟନେଲ ବିଷୟରେ ତଥ୍ୟ...

- ଦୁଇ ଲେନ୍‌ବିଶିଷ୍ଟ ଏହି ସୁଡ଼ଙ୍ଗର ଲମ୍ବ ୯.୨ କିଲୋମିଟର। ବୈର୍ଘ୍ୟ ୧୦.୫ ଏବଂ ଉଚ୍ଚତା ୫.୫୨ ମିଟର। ୨୦୦୯ରେ ପ୍ରକଳ୍ପ ପାଇଁ ୧୪୫୮ କୋଟି ଟଙ୍କାର ଟେଣ୍ଡର କରାଯାଇଥିଲା। ହେଲେ ଏହାର ଖର୍ଚ୍ଚ ୨୫୦୦ କୋଟି ଟଙ୍କା ଟପିଛି।
- ଘୋଡ଼ାନାଳ ଆକାରମୁହାଁ ଏହି ସୁଡ଼ଙ୍ଗ ସମୁଦ୍ର ପତ୍ତନରୁ ୩୦୦୦ ମିଟର ଅର୍ଥାତ୍ ହାରାହାରି ୧୦,୦୦୦ ଫୁଟରେ ନିର୍ମାଣ କରାଯାଇଛି।
- ଅଷ୍ଟ୍ରେଲିଆର ସ୍ନୋୟ ମାଉଣ୍ଟେନ ଇଞ୍ଜିନିୟରିଂ କମ୍ପାନୀ ଏହାର ଡିଜାଇନ ପ୍ରସ୍ତୁତ କରିଛି। ୧୦୦୦ କର୍ମଚାରୀ ଏବଂ ୧୫୦ ଇଞ୍ଜିନିୟର ଏହାକୁ ସାକାର ରୂପ ଦେଇଛନ୍ତି।
- ଟନେଲ ନିର୍ମାଣରେ ୧୪,୫୦୮ ମେଟ୍ରିକ୍ ଟନ୍ ଷ୍ଟିଲ, ୨,୩୭,୫୯୬ ମେଟ୍ରିକ ଟନ୍ ସିମେଣ୍ଟ ବ୍ୟବହାର କରାଯାଇଛି। ଟନେଲ୍ ଖନନରୁ ୧୪ ଲକ୍ଷ କ୍ୟୁବିକ୍ ମିଟର ମାଟି, ପଥର ବାହାରିଛି।
- ମନାଲି ପଟରୁ ସୁଡ଼ଙ୍ଗ ଯାଏ ପହଞ୍ଚିବା ଲାଗି ସ୍ନୋ ଗ୍ୟାଲେରି ନିର୍ମିତ ହୋଇଛି। ଫଳରେ ପ୍ରତିଟି ସମୟରେ ପାଣିପାଗ ସମ୍ପର୍କରେ ଠିକ୍ ସୂଚନା ମିଳିପାରିବ।
- ଆବଶ୍ୟକ ସମୟରେ ଉଦ୍ଧାର କାର୍ଯ୍ୟ ଏବଂ ସୁଡ଼ଙ୍ଗ ଭିତରୁ ବାହାରିବା ପାଇଁ ସ୍ୱତନ୍ତ୍ର ଦ୍ୱାର (ଏକ୍‌ଜିଟ୍ ପଏଣ୍ଟ) ରହିଛି।
- ଟନେଲର ପ୍ରତି ୧୫୦ ମିଟର ବ୍ୟବଧାନରେ ଟେଲିଫୋନ ସୁବିଧା, ୬୦ ମିଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ୫୦୦ ମିଟରରେ ଏମରଜେନ୍ସି ଦ୍ୱାର ରହିଛି।
- ପ୍ରତି ୨.୨ କି.ମି.ରେ ଯାନବାହନ ଟର୍ନିଂ କରିପାରିବା ଭଳି ବ୍ୟବସ୍ଥା ଏବଂ ଏକ କି.ମି. ବ୍ୟବଧାନରେ ଏୟାର କ୍ୱାଲିଟି ମାପିବା ଯନ୍ତ୍ର ଲାଗିଛି।
- ଟନେଲ ଭିତରେ କୌଣସି ପ୍ରକାର ଗତିବିଧି ଏବଂ ଯାନବାହନଗୁଡ଼ିକ ଉପରେ ନଜର ରଖିବା ଲାଗି ପ୍ରତି ୨୫୦ମିଟର ବ୍ୟବଧାନରେ ସିସିଟିଭି ଲଗାଯାଇଛି।
- ସୁଡ଼ଙ୍ଗ ରାସ୍ତାରେ ଘଣ୍ଟାପ୍ରତି ୮୦ କିମି ବେଗରେ ଯାନବାହନ ଯାତାୟାତ କରିପାରିବ। କୋଭିଡ୍ କଟକଣା ହଟିବା ପରେ ଦୈନିକ ୧୫୦୦ ଟ୍ରକ୍ ଏବଂ ୩୦୦୦ କାର୍ ଏହି ଟନେଲ ମଧ୍ୟ ଦେଇ ଯାଇପାରିବ।
- ହାଇୱେରେ ମନାଲି-ଲେହର ଦୂରତା ହାରାହାରି ୪୬୪ କିମି। ହେଲେ ଟନେଲ ରାସ୍ତା ଏହାକୁ ପ୍ରାୟ ୪୭ କିମି କମାଇଦେବ। ଫଳରେ ୮ ଘଣ୍ଟାର ଯାତ୍ରା ପାଖାପାଖି ଅଢ଼େଇ ଘଣ୍ଟା କମିଯିବ।
- ହିମାଚଳପ୍ରଦେଶର ପ୍ରତିକୂଳ ଜଳବାୟୁ ଉପତ୍ୟକାବାସୀଙ୍କ ସମସ୍ୟା ବଢ଼ାଇଥାଏ। ହେଲେ ଟନେଲ ଲୋକାର୍ପଣ ପରେ ଏହା ସେମାନଙ୍କ ଲାଗି ବରଦାନ ସାବ୍ୟସ୍ତ ହେବ। ସେହିପରି ରୋହତାଙ୍ଗ ପାସ୍ ପାଇଁ ଏହି ଟନେଲ ବିକଳ୍ପ ଭାବେ ବ୍ୟବହୃତ ହୋଇପାରିବ।

## କରୋନା ପାଇଁ କମୁଛି ପୁରୁଷଙ୍କ ପ୍ରଜନନ କ୍ଷମତା

**ନୂଆଦିଲ୍ଲୀ:** କରୋନା ମହାମାରୀ ପ୍ରଭାବରୁ ନୂଆ ବିପଦ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି। କରୋନା ପ୍ରଭାବରେ ପୁରୁଷ ପ୍ରଜନନ କ୍ଷମତା ହରାଇ ବସୁଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। କରୋନା ଆକ୍ରାନ୍ତ ପୁରୁଷଙ୍କର ଟେଷ୍ଟୋଷ୍ଟେରନ୍ ହରମୋନ ସ୍ୱାଭାବିକ ଭାବେ କ୍ଷରଣ ହେଉ ନ ଥିବା ଏମ୍ସ ପକ୍ଷରୁ କୁହାଯାଇଛି। ସାର୍ସ ଭୂତାଣୁ ପ୍ରଭାବରେ ଏଭଳି ଅନୁଭୂତ ହୋଇଥିବାବେଳେ ଏବେ କରୋନା ଆକ୍ରାନ୍ତଙ୍କ କ୍ଷେତ୍ରରେ ସମାନ ସ୍ଥିତି ଦେଖିବାକୁ ମିଳୁଛି। କେତେକଙ୍କଠାରେ ଓର୍କାଇଟିସ୍ ସମସ୍ୟା ଦେଖାଦେଉଛି ବୋଲି ଏମ୍ସର ମେଡ଼ିସିନ୍ ବିଭାଗ ସହକାରୀ ପ୍ରଫେସର ଡ.ନୀରଜ ନିଶ୍ଚଳ ସୂଚନା ଦେଇଛନ୍ତି। ଏହି ସମସ୍ୟାରେ ଅଣ୍ଡକୋଷ ପ୍ରଭାବିତ ହେଉଛି। ଆକ୍ରାନ୍ତଙ୍କ କ୍ଷେତ୍ରରେ ଏସିଇ-୨ ପ୍ରୋଟିନ୍ ଉପରେ ଅଧିକ ପ୍ରଭାବ ପଡୁଥିବାରୁ ଏଭଳି ହେଉଥିବା ସେ କହିଛନ୍ତି। କରୋନା ଭୂତାଣୁ ଏହି ପ୍ରୋଟିନ୍‌କୁ ସଂକ୍ରମଣ କରୁଥିବାରୁ ପ୍ରଥମେ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହେଉଥିବା ସେ ସୂଚନା ଦେଇଛନ୍ତି।

## ବୋତଲ ଭିତରେ ଖଟ



**ଜୟପୁର:** ନୂଆ କିଛି କରିବା ପାଇଁ ମନରେ ଜିଦ୍ ଆସିଲେ ତାହା ଖୁବ୍‌ଶୀଘ୍ର ଫଳପ୍ରଦ ହୋଇଥାଏ। ଠିକ୍ ଏମିତି ଏକ ଆଶ୍ଚର୍ଯ୍ୟଜନକ କାମ କରି ଦେଖାଇଛନ୍ତି ରାଜସ୍ଥାନ ସରହଦୀ ଜିଲା ବାଡ଼ମେରର ଦିବ୍ୟାଙ୍ଗ ଭୈରାରାମ। କାଚବୋତଲ ଭିତରେ ସେ ତିଆରି କରିପାରିଛନ୍ତି ବୁଣା ଖଟ।

ଭୈରାରାମ ହେଉଛନ୍ତି ଜଣେ ବୁଣାକାର। ଏହି କଳାରେ ତାଙ୍କର ବେଶ ଦକ୍ଷତା ରହିଛି। କାଠ, ବେତ ଆଦିରେ ସେ ବେଶ୍ ସୁନ୍ଦର ସୁନ୍ଦର ଖଟ, ଚେୟାର, ସୋଫା ଓ ଆହୁରି ବିଭିନ୍ନ ପ୍ରକାର ଜିନିଷ ତିଆରି କରିଥାନ୍ତି। ବଡ଼ କଥା ହେଉଛି ସେ ଜଣେ ଦିବ୍ୟାଙ୍ଗ। ତେଣୁ ନିଜେ ଚାଲିପାରନ୍ତି ନାହିଁ ସତ, କିନ୍ତୁ ଏହା ସତ୍ତ୍ୱେ ଅନ୍ୟ କାହା ଉପରେ ନିର୍ଭରଶୀଳ ହେବାକୁ ଚାହିଁନାହାନ୍ତି। ନିଜେ ସ୍ୱାଭିମାନର ସହ ବଞ୍ଚିବା ପାଇଁ ସେ ଏହି ବୁଣାକାରର କାମକୁ ବାଛି ନେଇଥିଲେ ଏବଂ ଏହି କଳାରେ ପାରଙ୍ଗମ ହୋଇପାରିଛନ୍ତି। ତାଙ୍କ ହାତ ବୁଣାର ଯାଦୁ ଏବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ କାଚବୋତଲ ଭିତରେ ଏକ ବୁଣା ଖଟ କରିବା ପାଇଁ ତାଙ୍କୁ ୩ ଦିନ ପରିଶ୍ରମ କରିବାକୁ ପଡ଼ିଥାଏ। ପରିଶ୍ରମ ତୁଳନାରେ ଏହି କଳାକୁ ବିକ୍ରି କରି ସେ ବହୁତ କମ୍ ଅର୍ଥ ପାଇଥାନ୍ତି ସତ, କିନ୍ତୁ ଏଭଳି ଏକ ଭିନ୍ନ ରୂପ ଦେବାର କଳା ପାଇଁ ଲୋକଙ୍କର ଆକର୍ଷଣ ସ୍ୱତନ୍ତ୍ର ବୋଲି ସେ କହନ୍ତି। ତେଣୁ ଅନେକ ସମୟରେ ସେ ଏଭଳି ବୋତଲ ଭିତରେ ଖଟ ତିଆରି କରି ବଜାରରେ ବିକ୍ରି କରିଥାନ୍ତି।

## ଭାଇଜାନଙ୍କ ବଡ଼ ଡିମାଣ୍ଡ

**ମୁମ୍ବାଇ:** ଟେଲିଭିଜନ ଦୁନିଆର ସବୁଠାରୁ ବିବାଦୀୟ ରିୟଲିଟି ଶୋ' ବିଗ୍‌ବସ୍ ପୁଣିଥରେ ଛୋଟ ପରଦାରେ ଦେଖିବାକୁ ମିଳିବ। ଏଥର ବିଗ୍ ବସ୍-୧୪କୁ ନୂଆ ଟ୍ୱିଷ୍ଟ ଓ ନୂଆ ଟର୍ଣ୍ଣ ନେଇ ବଲିଉଡ୍ ଭାଇଜାନ ସଲମାନ ଖାନ୍ ହୋଷ୍ଟ କରିବାକୁ ଯାଉଥିବା ଜଣାପଡ଼ିଛି। ଶୋ'ର ପ୍ରମୋ ରିଲିଜ୍ ହୋଇସାରିଥିବା ବେଳେ ଏପର୍ଯ୍ୟନ୍ତ ପ୍ରତିଯୋଗୀଙ୍କ ନାଁ ସ୍ପଷ୍ଟ ହୋଇନାହିଁ। ହେଲେ ଗଣମାଧ୍ୟମର ସୂଚନାରୁ ଜଣାପଡ଼ିଛି ଏଥର ବିଗ୍‌ବସ୍ ୧୪ ହୋଷ୍ଟ କରିବାକୁ ସଲମାନ ମୋଟା ଅଙ୍କର ପାରିଶ୍ରମିକ ଦାବି କରିଛନ୍ତି। କୁହାଯାଉଛି ତାଙ୍କ ଫିଲ୍ମ ବକ୍ସ ଅଫିସରେ ଯେତିକି ଆୟ କରେ ଏଥର ସେ ବିଗ୍‌ବସ୍ ପାଇଁ ପାଖାପାଖି ସେତିକି ଡିମାଣ୍ଡ କରିଛନ୍ତି। ବିଗ୍ ବସ୍ ପ୍ରତିଯୋଗୀଙ୍କଠାରୁ ଆରମ୍ଭ କରି ସେଟ୍ ପର୍ଯ୍ୟନ୍ତ ସବୁ କଥା ଜାଣିବାକୁ ଦର୍ଶକେ ଉତ୍ସୁକତା ଦେଖାଇଥାଆନ୍ତି। କୁହାଯାଏ ପ୍ରତିବର୍ଷ ସଲମାନ ଏହି ଶୋ'କୁ ହୋଷ୍ଟ କରିବା ପାଇଁ ନିଜ ପାରିଶ୍ରମିକ ବଢାଇ ଥାଆନ୍ତି। ତେବେ ବଲିଉଡ୍ ହଙ୍ଗାମାର ଏକ ରିପୋର୍ଟ ଅନୁଯାୟୀ ତଥା କେତେଜଣ ବିଗ୍‌ବସ୍ ପ୍ରଶଂସକଙ୍କ ସୋସିଆଲ ମିଡିଆ ଆକାଉଣ୍ଟରୁ

### ବିଗ୍‌ବସ୍ ୧୪

ମିଳିଥିବା ସୂଚନାରୁ ଜଣାପଡିଛି ଏଥର ବିଗ୍‌ବସ୍ ୧୪ ପାଇଁ ସଲମାନ ମୋଟା ଅଙ୍କ ଦାବି କରିଛନ୍ତି। ତେବେ ଏହି ସିଜନ ପାଇଁ ସେ ପ୍ରାୟ ୨୫୦ କୋଟି ଟଙ୍କା ଡିମାଣ୍ଡ କରିଥିବା ଅନୁମାନ କରାଯାଇଛି। ଏହି ପାରିଶ୍ରମିକ ସହ ସଲମାନ ଏବେ ଛୋଟ ପରଦାର ସବୁଠାରୁ ଦାମୀ ଉପସ୍ଥାପକ ତାଲିକାରେ ଆସିଯାଇଛନ୍ତି। ବିଗ୍‌ବସ୍ ୧୪ ସପ୍ତାହକୁ ଥରେ ଶୁଟିଂ କରାଯିବ। ଥରକେ ୨ଟି ଏପିସୋଡ ହେବ। ୧୨ ସପ୍ତାହ ଚାଲିବାକୁ ଥିବା ଶୁଟିଂ ପାଇଁ ପ୍ରତିଦିନ ସେ ୨୦-୫୦ କୋଟି ଟଙ୍କା ନେବେ। ଏଥର ବିଗ୍‌ବସ୍ ହାଉସ ମୁମ୍ବାଇରେ ହେବ ବୋଲି ସୂଚନା ମିଳିଛି।


ସଲମାନ ଖାନ୍

## ମହାକାଶରେ ଉପଗ୍ରହ ଭିଡ଼



**ୱାଶିଂଟନ:** ଆଗାମୀ ଦିନରେ ମହାକାଶ ଗବେଷଣା କ୍ଷେତ୍ରରେ ବାଧା ସୃଷ୍ଟି ହେବା ମହାକାଶ ବିଜ୍ଞାନୀ ମତପୋଷଣ କରିଛନ୍ତି। ମହାକାଶରେ କୃତ୍ରିମ ଉପଗ୍ରହଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଅକାମୀ ହୋଇଯାଇଥିବା ଉପଗ୍ରହଗୁଡ଼ିକ ଏଣେତେଣେ ଘୂରି ବୁଲୁଛନ୍ତି। ଏହାଯୋଗୁ ଭବିଷ୍ୟତର ମହକାଶ ଗବେଷଣାରେ ବାଧା ଦେଖାଯିବ ବୋଲି କୁହାଯାଉଛି। ଆସନ୍ତା ୧୦ ବର୍ଷ ମଧ୍ୟରେ ଲକ୍ଷେ ୭ ହଜାରରୁ ଅଧିକ ଛୋଟ ବଡ଼ ଉପଗ୍ରହ ପୃଥିବୀର ନିମ୍ନ କକ୍ଷ ପଥରେ ଘୂରିବୁଲିବେ। ଫଳରେ ବର୍ତ୍ତମାନ ଦେଖାଯାଉଥିବା ବହୁ ତାରାଙ୍କୁ ଦେଖିବା ହୁଏତ ସମ୍ଭବ ହେବ ନାହିଁ ବୋଲି ଅନୁମାନ କରାଯାଉଛି। ରାତିର ଆକାଶରେ କୃତ୍ରିମ ଉପଗ୍ରହଗୁଡ଼ିକ ଚକମକ କରୁଥିବାର ଦେଖିବାକୁ ମିଳିବ। ଗୋଟିଏ ପଟେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ମାନବସମାଜ ଅଗ୍ରଗତି କରିବ। ଅପରପକ୍ଷରେ ମହାକାଶ ଗବେଷଣାରେ ଆଶାଜନକ ବିକାଶ ସମ୍ଭବ ହୋଇପାରିବ ନାହିଁ ବୋଲି କୁହାଯାଉଛି।



## ୧୨ ବର୍ଷ ପରେ ମା' ସହ ଭେଟ

**ବର୍ଲିନ୍:** ମା'ର ମମତା ଅନ୍ୟ କେହି ଦେଇପାରିବେ ନାହିଁ। ମଣିଷ ହେଉ ଅବା ପ୍ରାଣୀ କେହି ମା'କୁ କେବେ ମଧ୍ୟ ଭୁଲିପାରିବେ ନାହିଁ। ଜର୍ମାନୀର ଏକ ଚିଡ଼ିଆଖାନାରେ ୧୨ ବର୍ଷ ପରେ ମା' ହାତୀ ପୁଅ ହାତୀକୁ ଭେଟିଛି। ପୁଅ ହାତୀର ଝିଅ ସହିତ ମଧ୍ୟ ମା' ହାତୀର ସାକ୍ଷାତ୍ ହୋଇଛି। ମା' ସ୍ନେହରେ ପୁଅ ହାତୀର ଶୁଣ୍ଢକୁ ଜାବୋଡ଼ି ଧରିଛି। ପୁଅ ହାତୀର ଆବେଗ ଚିଡ଼ିଆଖାନା କର୍ମଚାରୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏତେଦିନ ପରେ ପରସ୍ପରକୁ ଭେଟି ମା' ଏବଂ ପୁଅ ହାତୀର ଆଖି ଛଳଛଳ ହୋଇ ଉଠିଛି। ଏଠାରେ ଉପସ୍ଥିତ ଥିବା ଜଣେ ଫଟୋଗ୍ରାଫର ମା' ପୁଅଙ୍କ ଭେଟର ଫଟୋ ଏଠାଇ ଏହାକୁ ସୋସିଆଲ୍ ମିଡ଼ିଆରେ ଅପଲୋଡ୍ କରିଛନ୍ତି। ଏବେ ଏହି ଫଟୋ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ୩୯ ବର୍ଷର ମା' ହାତୀ ପୋରେକୁ ମଧ୍ୟ ଜର୍ମାନୀର ହଲ୍ଲେ ସହରରେ ଥିବା ବର୍ଗ ଚିଡ଼ିଆଖାନାକୁ ସ୍ଥାନାନ୍ତର କରାଯାଇଛି। ଏଠାରେ ମା' ହାତୀ ୧୯ ବର୍ଷର ପୁଅ ହାତୀ ତାନା ଏବଂ ୪ ବର୍ଷର ନାତୁଣୀ ହାତୀ ତାମିକାକୁ ଭେଟିଛି। ମା' ହାତୀ ପୋରେ ୧୯୮୧ରେ ଆଫ୍ରିକାର ଜଙ୍ଗଲରେ ଜନ୍ମଗ୍ରହଣ କରିଥିଲା। ପରେ ତାକୁ ଜର୍ମାନୀର ମଗଡେବର୍ଗ ଚିଡ଼ିଆଖାନାରେ ରଖାଯାଇଥିଲା। ୨୦୦୧ରେ ସେ ତାନାକୁ ଜନ୍ମ ଦେଇଥିଲା।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ

✓ ମାୟାବତୀ ନାୟକ
(ପୂର୍ବତନ ବିଧାୟକ ✓ କାହ୍ନୁଚରଣ ନାୟକଙ୍କ ଧର୍ମପତ୍ନୀ)
ମଥୁରା (ପୋଲସରା) ଗଞ୍ଜାମ
ତିରୋଧାନ : ୧୩.୦୯.୨୦୧୯
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୮୦୭୯

ସ୍ମୃତି ତୁମ ଚିରଞ୍ଜିବୀ
(ଦଶାହ ଉପଲକ୍ଷେ)

ସ୍ୱର୍ଗତା ଉର୍ମିଳା ରଥ (ମିଶ୍ର) ରୁବି
ସ୍ୱାମୀ- ଶକ୍ତି ଶଙ୍କର ମିଶ୍ର
ଆସିଥିଲେ- ସନ୍ଧ୍ୟା ଦର୍ଶନ- ୧୯୬୬
ଚାଲିଗଲେ- ଗଣେଶ ଚତୁର୍ଥୀ- ୨୦୨୦
ବୋଉଲୋ, ଏତେ ଶୀଘ୍ର ତୁ ଆମକୁ ଆକସ୍ମିକ ଭାବରେ ଛାଡ଼ି ଚାଲିଗଲୁ। ଆମେ ମାଆ ଛେଉଣ୍ଡ ହେଇଗଲୁ, ତୁ ତ ବିଷ୍ଣୁ ଲୋକରେ... ଆମେ ତୋତେ ଝୁରୁଛୁ। ତୋ ଆଦର୍ଶରେ ଆମକୁ ବଞ୍ଚିବାକୁ ଆଶୀର୍ବାଦ କରୁଥିବୁ।
ଆଶୁତୋଷ ମିଶ୍ର (ପ୍ରୀତମ), ଅରୁଣିମା ମିଶ୍ର (ପୁନମ୍)
ଧ-୬୮୮୩

# ଘାତକ ଆମୋନିୟମ ନାଇଟ୍ରେଟ୍



ଇଂ. ମାୟାଧର ସ୍ୱାଇଁ

"ଆମୋନିୟମ ନାଇଟ୍ରେଟ୍ ହେଉଛି ଧଳା ରଙ୍ଗର ସ୍ଫଟିକାକାର ଗୋଟିଏ କଠିନ ରାସାୟନିକ ପଦାର୍ଥ । ଏହା ଆମୋନିୟମ ଓ ନାଇଟ୍ରେଟ୍ ଆୟନରୁ ଗଠିତ। ଆମୋନିଆ ସହ ନାଇଟ୍ରିକ ଅମ୍ଳ ମିଶାଇ ଏହାକୁ ଉତ୍ପାଦନ କରାଯାଏ। ପୃଥିବୀରେ ବର୍ଷକୁ ପ୍ରାୟ ଦୁଇ କୋଟି ଟନ୍ ଆମୋନିୟମ ନାଇଟ୍ରେଟ୍ ଉତ୍ପାଦନ କରାଯାଇଥାଏ। ଏହାର ମୁଖ୍ୟ ବ୍ୟବହାର ସାର ଉତ୍ପାଦନରେ ହୋଇଥାଏ। ସାରକୁ ଏହା ଯବକ୍ଷାରଜାନ ଯୋଗାଇଥାଏ। ଏହାକୁ ମଧ୍ୟ ଖଣିଜ ପଦାର୍ଥ ଉତ୍ତୋଳନରେ ବ୍ୟବହାର କରାଯାଏ। ଏହା ସହିତ ଇନ୍ଧନ ତେଲ ମିଶାଇଲେ ଏହା ବିସ୍ଫୋରକର କାର୍ଯ୍ୟ କରିଥାଏ।"



ଚଳିତ ବର୍ଷ ଅଗଷ୍ଟ ୪ରେ ଲେବାନନ୍ ରାଜଧାନୀ ବିରୁଟ୍‌ଠାରେ ଗୋଟିଏ ଭୟଙ୍କର ବିସ୍ଫୋରଣରେ ଦୁଇ ଶହରୁ ଅଧିକ ଲୋକଙ୍କର ମୃତ୍ୟୁ ହେବା ସହ ପାଞ୍ଚ ହଜାରରୁ ଅଧିକ ଆହତ ହୋଇଛନ୍ତି। ଅନେକ କୋଠାବାଡ଼ି ଧୂଳିସାତ୍ ହୋଇଯାଇଛି ଏବଂ ପ୍ରାୟ ତିନି ଲକ୍ଷ ଲୋକ ଗୃହହୀନ ହୋଇଯାଇଛନ୍ତି। ପ୍ରାରମ୍ଭିକ ସରକାରୀ ରିପୋର୍ଟ ଅନୁଯାୟୀ ଏଥିରେ ୧୦୦୦ରୁ ୧୫୦୦କୋଟି ଡଲାର ଆର୍ଥିକ କ୍ଷତି ହୋଇଛି।

ସହରର ବନ୍ଦର ନିକଟରେ ଗୋଟିଏ ଗୋଦାମ ଘରେ ୨୭୦୦ ମେଟ୍ରିକ ଟନ୍‌ରୁ ଅଧିକ ଆମୋନିୟମ ନାଇଟ୍ରେଟ୍ ଗତ ଛଅ ବର୍ଷ ଧରି ରଖାଯାଇଥିଲା। କୌଣସି କାରଣରୁ ସେଥିରେ ଅଗ୍ନିକାଣ୍ଡ ଘଟି ବିସ୍ଫୋରଣ ହୋଇଛି ଏବଂ ଏହା ଘାତକ ସାଜିଛି। ବିସ୍ଫୋରଣ ଯୋଗୁ ଅଗ୍ନିକାଣ୍ଡ ସହ ପରମାଣୁ ବିସ୍ଫୋରଣରେ ଯେପରି ଆକାଶକୁ ଧୂଆଁ ଉଠିଥାଏ, ସେହିପରି ଛତୁ ଆକାରର ଧୂମ୍ରବାଦଲ ଆକାଶକୁ ଆଚ୍ଛନ କରି ରଖିଥିଲା। ବିସ୍ଫୋରଣ ଯୋଗୁ ସମସ୍ତ ସହରରେ ଗୋଟିଏ ଆଘାତ ତରଙ୍ଗ (ସକ୍ ୱେଭ୍) ବ୍ୟାପି ଯିବାରୁ କୋଠାବାଡି ଭାଙ୍ଗିଯିବା ସହ ଅନେକ ଲୋକ ମୃତାହତ ହେଲେ। ଲୋକମାନଙ୍କର ଅସନ୍ତୋଷର ଶିକାର ହୋଇ ଲେବାନନ୍ ସରକାର ମଧ୍ୟ ଇସ୍ତଫା ଦେଇଛନ୍ତି।

ଆମୋନିୟମ ନାଇଟ୍ରେଟ୍ ହେଉଛି ଧଳା ରଙ୍ଗର ସ୍ଫଟିକାକାର ଗୋଟିଏ କଠିନ ରାସାୟନିକ ପଦାର୍ଥ। ଏହା ଆମୋନିୟମ ଓ ନାଇଟ୍ରେଟ୍ ଆୟନରୁ ଗଠିତ। ଆମୋନିଆ ସହ ନାଇଟ୍ରିକ ଅମ୍ଳ ମିଶାଇ ଏହାକୁ ଉତ୍ପାଦନ କରାଯାଏ। ପୃଥିବୀରେ ବର୍ଷକୁ ପ୍ରାୟ ଦୁଇ କୋଟି ଟନ୍ ଆମୋନିୟମ ନାଇଟ୍ରେଟ୍ ଉତ୍ପାଦନ କରାଯାଇଥାଏ। ଏହାର ମୁଖ୍ୟ ବ୍ୟବହାର ସାର ଉତ୍ପାଦନରେ ହୋଇଥାଏ। ସାରକୁ ଏହା ଯବକ୍ଷାରଜାନ ଯୋଗାଇଥାଏ। ଏହାକୁ ମଧ୍ୟ ଖଣିଜ ପଦାର୍ଥ ଉତ୍ତୋଳନରେ ବ୍ୟବହାର କରାଯାଏ। ଏହା ସହିତ ଇନ୍ଧନ ତେଲ ମିଶାଇଲେ ଏହା ବିସ୍ଫୋରକର କାର୍ଯ୍ୟ କରିଥାଏ। ତେଣୁ ଏହାକୁ ପ୍ରାୟ ପ୍ରତ୍ୟେକ ଖଣିରେ ନିୟନ୍ତ୍ରିତ ବିସ୍ଫୋରଣ କରିବା ପାଇଁ ବ୍ୟବହାର କରାଯାଇଥାଏ।

ଆମୋନିୟମ ନାଇଟ୍ରେଟ୍‌ର ବିସ୍ଫୋରଣ ଗୁଣ ଯୋଗୁ ଏହାକୁ ବୋମା ନିର୍ମାଣରେ ବ୍ୟବହାର କରାଯାଇଥାଏ। ବିଶେଷତଃ ଚୋରାରେ ବୋମା ତିଆରିରେ ଏହାକୁ ଅଧିକ ବ୍ୟବହାର କରାଯାଉଛି। ଉଗ୍ରପନ୍ଥୀମାନେ ଏହାକୁ ଏହି ଉଦ୍ଦେଶ୍ୟରେ ବିଦେଶରୁ ଚୋରାରେ ଆଣିଥାଆନ୍ତି। ଅନେକ ସ୍ଥଳରେ ଏହିପରି ଚୋରାରେ ଆସିଥିବା ଆମୋନିୟମ ନାଇଟ୍ରେଟ୍‌କୁ ଜବତ କରାଯାଇ ଅନେକ ଦିନ ପର୍ଯ୍ୟନ୍ତ ଗଚ୍ଛିତ କରି ରଖାଯାଇଥାଏ। ଏହା ଶେଷରେ ବିସ୍ଫୋରଣର କାରଣ ହୋଇଥାଏ। ବିରୁଟ୍‌ରେ ମଧ୍ୟ ଏହିପରି ଚୋରା ଆମୋନିୟମ ନାଇଟ୍ରେଟ୍‌କୁ ଜବତ କରି ଗୋଦାମରେ ରଖାଯାଇଥିଲା।

ଆମୋନିୟମ ନାଇଟ୍ରେଟ୍ ନିଜେ ଜଳେ ନାହିଁ। କିନ୍ତୁ ଏହା ଜଳିବାରେ ସାହାଯ୍ୟ କରୁଥିବା ଅମ୍ଳଜାନର ଉତ୍ସ ହୋଇଥାଏ। ଅବଶ୍ୟ ଉଚ୍ଚ ତାପମାତ୍ରାରେ ଏହା ବିଘଟିତ ହୋଇ ନାଇଟ୍ରୋଜେନ୍ ଅକସାଇଡ୍ ଓ ଜଳୀୟ ବାଷ୍ପ ସୃଷ୍ଟି ହୋଇଥାଏ। ନାଇଟ୍ରୋଜେନ ଅକସାଇଡ୍ ମନୁଷ୍ୟର ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରିଥାଏ। କିନ୍ତୁ ଏହା ନିକଟକୁ ନିଆଁ ଆଣିଲେ ବିସ୍ଫୋରଣ ହୋଇଥାଏ, ଯାହା ବିରୁଟ୍‌ରେ ଘଟିଲା। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ବିରୁଟ୍ ଦୁର୍ଘଟଣାରେ ଗୋଦାମ ନିକଟରେ ବାଣ ଫୁଟାଯାଇଥିଲା।

ଆମୋନିୟମ ନାଇଟ୍ରେଟ୍ ଯୋଗୁ ଏପରି ଭୟଙ୍କର ବିସ୍ଫୋରଣ ନୂଆ କଥା ନୁହେଁ। ଅତୀତରେ ଏହା ଯୋଗୁ ବିସ୍ଫୋରଣ ହେବାର ଅନେକ ଉଦାହରଣ ଅଛି। ଏହା ଯୋଗୁ ସବୁଠାରୁ ଭୟାବହ ବିସ୍ଫୋରଣ ୧୯୪୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଟେକସାସ୍ ବନ୍ଦର ସହରରେ ହୋଇଥିଲା।



କେହି ଜଣେ ଲୋକ ଗୋଟିଏ ଜାହାଜ ଉପରକୁ ଜଳନ୍ତା ସିଗାରେଟ ଫିଙ୍ଗିଦେଲେ। ଦୁର୍ଯୋଗବଶତଃ ସେହି ଜାହାଜରେ କାଗଜ ପ୍ୟାକେଟ୍‌ରେ ୨୩୦୦ ଟନ୍ ଆମୋନିୟମ ନାଇଟ୍ରେଟ୍ ଥିଲା ଏବଂ ସେଥିରେ ନିଆଁ ଲାଗି ବିସ୍ଫୋରଣ ହେଲା। ଏଥିରୁ ନିଆଁ ଯାଇ ଅଳ୍ପ ଦୂରରେ ଆମୋନିୟମ ନାଇଟ୍ରେଟ୍ ନେଇ ଯାଉଥିବା ଅନ୍ୟ ଏକ ଜାହାଜରେ ମଧ୍ୟ ବିସ୍ଫୋରଣ ହେଲା। ଏଥିରୁ ନିଆଁ ଉଡି ବନ୍ଦର ନିକଟରେ ଥିବା ରାସାୟନିକ ଟ୍ୟାଙ୍କ ଓ ତୈଳ ବିଶୋଧନାଗାରରେ ମଧ୍ୟ ବିସ୍ଫୋରଣ ହେଲା। ଏଥିରେ ମୋଟ ୫୮୧ ଲୋକ ପ୍ରାଣ ହରାଇଥିଲେ।

୧୯୨୧ ମସିହାରେ ଜର୍ମାନୀର ଓପାଉଠାରେ ଗୋଟିଏ କାରଖାନାରେ ୪୫୦୦ ଟନ୍ ଆମୋନିୟମ ନାଇଟ୍ରେଟ୍ ବିସ୍ଫୋରିତ ହୋଇ ୫୦୦ରୁ ଅଧିକ ଲୋକ ମରିଥିଲେ। ୨୦୧୫ ମସିହାରେ ଚାଇନାର ତିଆଞ୍ଜିନଠାରେ ଏକ ବିସ୍ଫୋରଣରେ ୧୭୩ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ସେଠାରେ ଆମୋନିୟମ ନାଇଟ୍ରେଟ୍ ଏବଂ ଦହନୀୟ ରାସାୟନିକ ପଦାର୍ଥ ଏକାଠି ଗୋଟିଏ ସ୍ଥାନରେ ରଖାଯାଇଥିଲା ଏବଂ ଅଗ୍ନିକାଣ୍ଡ ଯୋଗୁ ବିସ୍ଫୋରଣ ହୋଇଥିଲା। ୨୦୦୪ ମସିହାରେ ଉତ୍ତର କୋରିଆର ରୋଙ୍ଗଚୋନ୍ ସହରରେ ଆମୋନିୟମ ନାଇଟ୍ରେଟ ବିସ୍ଫୋରଣ ହୋଇ ୧୬୧ ଜଣ ମୃତ୍ୟୁବରଣ କରିଥିଲେ।

ଅନ୍ୟପକ୍ଷରେ ଉଗ୍ରପନ୍ଥୀମାନେ ଆମୋନିୟମ୍ ନାଇଟ୍ରେଟ୍‌କୁ ବ୍ୟବହାର କରି ଉଦ୍ଦେଶ୍ୟମୂଳକ ଭାବେ ବିସ୍ଫୋରଣ ଘଟାଇବାର ଅନେକ ନଜୀର ରହିଛି। ଏହିପରି ବିସ୍ଫୋରଣରେ ୨୦୦୨ ମସିହାରେ ଇଣ୍ଡୋନେସିଆର ବାଲି ରାଜ୍ୟରେ ଏକ ରାତ୍ରି କ୍ଲବ୍‌ରେ ୨୦୨ ଜଣ ଏବଂ ୧୯୯୫ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଓକଲାହୋମା ସହରରେ ୧୬୮ ଜଣ ମୃତ୍ୟୁବରଣ କରିଥିଲେ। ଭାରତରେ ପ୍ରାୟ ନିୟମିତ ବ୍ୟବଧାନରେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କଠାରୁ କିମ୍ବା ପରିତ୍ୟକ୍ତ ଅବସ୍ଥାରେ ଆମୋନିୟମ ନାଇଟ୍ରେଟ୍ ଜବତ ହେଉଛି।

ଆମୋନିୟମ ନାଇଟ୍ରେଟ୍‌କୁ 'ବିପଜ୍ଜନକ ପଦାର୍ଥ' ଭାବେ ବର୍ଗୀକରଣ କରାଯାଇଛି। ଏହାର ଉତ୍ପାଦନ, ପରିବହନ ଓ ରଖିବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଅଛି। ଏହାକୁ ଗୋଦାମରେ ନିୟମିତ ତଦାରଖ କରିବା ଆବଶ୍ୟକ ଏବଂ ଏହା ନିକଟରେ ଦହନୀୟ ପଦାର୍ଥ ରଖିବା ନିରାପଦ ନୁହେଁ। ଏହାକୁ ମଧ୍ୟ ଜନବସତିଠାରୁ ଦୂରରେ ରଖିବା ଉଚିତ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

## ରୋଗ ଚିହ୍ନଟ କରିବାର ନୂଆ ଉପାୟ



ଆଜିକାଲି ରୋଗକୁ କିପରି ସରଳ ଆଉ ସହଜ ଉପାୟରେ ଚିହ୍ନଟ କରାଯାଇପାରିବ ସେ ନେଇ ଗବେଷଣା ଚାଲିଛି। ଦିନକୁ ଦିନ ନୂଆ ନୂଆ ଉପାୟ ମଧ୍ୟ ଉଦ୍ଭାବିତ ହେଉଛି, ଯାହା କେତେକ ରୋଗର ଚିକିତ୍ସା ପ୍ରଣାଳୀକୁ ଆହୁରି ସହଜ କରିଦେଉଛି। ତେବେ ଏ କ୍ଷେତ୍ରରେ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ସଫଳତା ହାସଲ କରିଛନ୍ତି। ସେମାନେ ଏପରି ଏକ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି, ଯାହାଦ୍ୱାରା କେତେକ ରୋଗକୁ ସହଜରେ ଚିହ୍ନଟ କରାଯାଇପାରିବ। ଉକ୍ତ ପଦ୍ଧତିକୁ 'ଭାୟରସ୍କାନ' ନାମରେ ନାମିତ କରାଯାଇଛି। ରକ୍ତ ଥିବା 'ବ୍ୟାକ୍ଟିରିଓଫେଜ୍' ନାମକ ଏକ ଭାଇରସକୁ ସ୍କାନ୍ କରି ରୋଗ ବିଷୟରେ ଜାଣିହେବ। ବିଶେଷଭାବରେ ହେପାଟାଇଟିସ୍-ସି ଏବଂ ମାରାତ୍ମକ ଏଚଆଇଭି ଭଳି ରୋଗକୁ ସହଜରେ ଚିହ୍ନଟ କରାଯାଇପାରିବ ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ଏହି ଭାଇରସ୍ ରକ୍ତକୁ ଇନଫେକଶନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେଣୁ ଏହାଦ୍ୱାରା ରୋଗର ଚିହ୍ନଟ ସହଜରେ ହୋଇପାରିବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି।

## ମହାମାରୀ ସ୍ପାନିଶ ଫ୍ଲୁ

(ଶେଷ ଭାଗ)

**ପ୍ରତିକାର :** ସେତେବେଳେ ଏହି ଭାଇରସର ସିଧାସଳଖ ମୁକାବିଲା ନିମନ୍ତେ କୌଣସି ପ୍ରତିଷେଧକ ଟିକା କିମ୍ବା ବ୍ୟାକ୍ଟେରିଆ ଜନିତ ଦ୍ୱିତୀୟ ସଂକ୍ରମଣର ମୁକାବିଲା ନିମନ୍ତେ କୌଣସି ଜୀବାଣୁନାଶକ ଔଷଧ ବିକଶିତ ହୋଇ ନ ଥିବାରୁ ବିଶ୍ୱସାରା ପ୍ରତିକାର ବ୍ୟବସ୍ଥା କେବଳ ବିଭିନ୍ନ ବିକଳ୍ପ ଉପାୟ ଯଥା ପୃଥକୀକରଣ, ସଂଗରୋଧ, ବ୍ୟକ୍ତିଗତ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା, ଜୀବାଣୁନାଶକ ପଦାର୍ଥର ବହୁଳ ବ୍ୟବହାର ତଥା ସାଧାରଣ ସଭାସମିତିର ବହିଷ୍କାର ଆଦି ପ୍ରକ୍ରିୟାରେ ସୀମିତ ଥିଲା। ଏହି ରୋଗର ସୃଷ୍ଟିକାରୀ ଭାଇରସ ଅତି ସୂକ୍ଷ୍ମ ଥିବାରୁ ଏହା ସେସମୟର ଅନୁନ୍ନତ ଅଣୁବୀକ୍ଷଣ ଯନ୍ତ୍ରରେ ଧରା ପଡି ନ ଥିଲା। ଫଳରେ ବୈଜ୍ଞାନିକମାନେ ଏହି ରୋଗର ଠିକ କାରଣ ନିରୂପଣ କରିବାରେ ସକ୍ଷମ ହୋଇ ନ ଥିଲେ। ବରଂ ଏହି ରୋଗର କାରଣ ଏକ ବ୍ୟାକ୍ଟେରିଆ (ପ୍ରଜାତି: Haemophilus influenzae) ବୋଲି ବିଶ୍ୱାସ ସୃଷ୍ଟି ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ସମୟରେ ଏହା ଡେଙ୍ଗୁ, ପ୍ଲେଗ୍ କିମ୍ବା ହଇଜା ଭଳି ଏକ ସାଧାରଣ ରୋଗ ବୋଲି ବିଶ୍ୱାସ କରାଯାଉଥିଲା। ଏହାକୁ କେହି କେହି ଟାଇଫସ୍ ସଂକ୍ରମଣ ବୋଲି ଧରିନେଇଥିଲେ।

**ପ୍ରତିକାର :** ୧୯୧୮ ମସିହା ବେଳକୁ ବିଭିନ୍ନ ଦେଶର ଜନସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସଂକ୍ରାମକ ରୋଗ ସଂକ୍ରାନ୍ତରେ ଲୋକଙ୍କୁ ସତର୍କ କରିବା ପାଇଁ ନିୟମ ରହିଥିଲେ ସୁଦ୍ଧା ଏଥିରେ ଇନଫ୍ଲୁଏଞ୍ଜା ଅନ୍ତର୍ଭୁକ୍ତ ନ ଥିଲା। ଫଳରେ ବିଶ୍ୱସାରା ମହାମାରୀ ବିରୁଦ୍ଧରେ ପ୍ରତିକାର ନିମନ୍ତେ ପଦକ୍ଷେପ ନେବାରେ ବିଳମ୍ବ ଘଟିଥିଲା। ଡେରିରେ ହେଲେ ବି ପଦକ୍ଷେପ ନିଆଯାଇ କେତେକ ଦ୍ୱୀପ ଯଥା ଆଇସଲାଣ୍ଡ, ଅଷ୍ଟ୍ରେଲିଆ ଓ ଆମେରିକା ଶାସନାଧୀନ ସାମୋଆରେ ସଂଗରୋଧ ନିୟମ ଜାରି କରାଯାଇଥିଲା। ସାମାଜିକ ଦୂରତ୍ୱ ରକ୍ଷାର ବିଭିନ୍ନ ନିୟମ ଯଥା ସ୍କୁଲ, କଲେଜ ଭଳି ଶିକ୍ଷାନୁଷ୍ଠାନ ବନ୍ଦ ସହିତ ଅନେକ ସର୍ବସାଧାରଣ ସ୍ଥାନ ଯଥା ଥିଏଟର, ପୂଜାସ୍ଥଳୀ ଓ ଜନପରିବହନ ବ୍ୟବସ୍ଥା ଇତ୍ୟାଦି ଉପରେ କଟକଣା ଜାରି କରାଯାଇଥିଲା। କୌଣସି କୌଣସି ସ୍ଥାନରେ ସମୂହ ଜନସମାବେଶ ଉପରେ ମଧ୍ୟ ରହିତାଦେଶ ଜାରି କରାଯାଇଥିଲା। ଆହୁରି ମଧ୍ୟ, ସେ ସମୟରେ କୌଣସି ଜୀବାଣୁନାଶକ କିମ୍ବା ଭୂତାଣୁ ନାଶକ ଔଷଧ ବିକଶିତ ହୋଇ ନ ଥିବାରୁ ଅନ୍ୟ ବିକଳ୍ପ ଔଷଧ ଯଥା କୁଇନାଇନ୍, ଆସ୍ପିରିନ୍, ଆୟୋଡିନ୍ , ଏପସମ୍ ଲବଣ ଇତ୍ୟାଦି ଚିକିତ୍ସା କ୍ଷେତ୍ରରେ ବହୁଳ ପ୍ରୟୋଗ କରାଯାଇଥିଲା।



ସେ ସମୟର ଅନୁନ୍ନତ ପ୍ରାଦୌଗିକ ଦୁନିଆରେ ଏ ରୋଗର ଶୀଘ୍ର ଓ ସଫଳ ନିୟନ୍ତ୍ରଣ ସମ୍ଭବପର ନ ଥିଲା। ମାତ୍ର ଏବେ ଚିକିତ୍ସାବିଜ୍ଞାନ କ୍ଷେତ୍ରରେ ଜ୍ଞାନକୌଶଳର ଯଥେଷ୍ଟ ଅଗ୍ରଗତି ଘଟିଛି। ଏ ପରିସ୍ଥିତିରେ ସାଂପ୍ରତିକ କୋରୋନା ମହାମାରୀ ଆମ ବିଶ୍ୱରୁ କେତେ ଜଲଦି ବିଦା ହେବ ତାହା କେବଳ ସମୟ ହିଁ କହି ପାରିବ।

-**ନିକୁଞ୍ଜ ବିହାରୀ ସାହୁ,** ଏଜୁକେଶନ୍ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ। ମୋ : ୮୦୧୮୭୦୮୮୫୮

## ରୋକିହେବ ଆଣ୍ଟିବାୟୋଟିକର ସାଇଡ୍ ଇଫେକ୍ଟ



କୌଣସି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ତାହାର ଲକ୍ଷଣକୁ ଅନୁଧ୍ୟାନ କରି ଡାକ୍ତର ଔଷଧ ସହ ଆଣ୍ଟିବାୟୋଟିକ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ତେବେ କେତେକ ଆଣ୍ଟିବାୟୋଟିକର ସାଇଡ୍ ଇଫେକ୍ଟ ଦେଖିବାକୁ ମିଳିଥାଏ। ନିକଟରେ ହଲାଣ୍ଡର ବୈଜ୍ଞାନିକମାନେ ଏପରି ଏକ ଔଷଧ ପ୍ରସ୍ତୁତ କରିଛନ୍ତି, ଯାହା ଆଣ୍ଟିବାୟୋଟିକର ସାଇଡ୍ ଇଫେକ୍ଟକୁ ପ୍ରତିହତ କରିବାରେ ସକ୍ଷମ ହେବ। କେତେକ ଆଣ୍ଟିବାୟୋଟିକ ଆମ ଶରୀରରେ ଥିବା କିଛି ସୁସ୍ଥ ବ୍ୟାକ୍ଟେରିଆକୁ ନଷ୍ଟ କରିଦେଇଥାଏ। ହେଲେ ସାଇଡ୍ ଇଫେକ୍ଟଯୁକ୍ତ ଆଣ୍ଟିବାୟୋଟିକ ସହ ଏହି ଔଷଧକୁ ସେବନ କଲେ ଉକ୍ତ ସୁସ୍ଥ ବ୍ୟାକ୍ଟେରିଆକୁ ସୁରକ୍ଷିତ ରଖିଥାଏ। ତା'ସହ ଶରୀର ଭିତରେ ଥିବା କ୍ଷତିକାରକ କୀଟାଣୁଗୁଡ଼ିକୁ ନଷ୍ଟ କରିଦିଏ। ତେବେ ଏପରି ନୂତନ ଔଷଧକୁ ନେଇ ଅଧିକ ତର୍ଜମା ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ଏହି ଔଷଧ ବଜାରରେ ଉପଲବ୍ଧ ହେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ମରଣ ଶକ୍ତି ବଢ଼ାଇବା ପାଇଁ...



ସ୍ମରଣ ଶକ୍ତି ଆମର କାର୍ଯ୍ୟଦକ୍ଷତାକୁ ଆହୁରି ତଥା ଅନେକାଂଶରେ ସକ୍ରିୟ କରାଇଥାଏ। ତେବେ ସ୍ମରଣ ଶକ୍ତି ବଢ଼ାଇବାର ସହଜ ଏବଂ ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ନିଜ ଖାଦ୍ୟ ତାଲିକାରେ ଅଣ୍ଡା ସାମିଲ କରନ୍ତି ତେବେ ତାହାର ଭଲ ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'ସ୍ମରଣ ଶକ୍ତି ବଢ଼ାଇବାରେ ଅଣ୍ଡାର ଭୂମିକା' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ ଗୋଟିଏ ଲେଖାଏଁ ଅଣ୍ଡା ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାର କି ପ୍ରକାର ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ଆହୁରି ସକ୍ରିୟ ହେଉଥିବାର ଲକ୍ଷ୍ୟ କରାଯାଇଥିଲା। ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ମତରେ, ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେକ୍ସାଥିନ୍ ନାମକ ଦୁଇଟି ତତ୍ତ୍ୱ ରହିଛି, ଯାହା ସ୍ମରଣ ଶକ୍ତିକୁ ଆହୁରି ସକ୍ରିୟ କରିଥାଏ।

## ସ୍ୱାସ୍ଥ୍ୟୋପକାରୀ ଉଷୁମ ଜଳ

ପ୍ରତିଦିନ ଆମେ ଯେତିକି ପାଣି ପିଉଛେ ତାହା ଉଷୁମ ହେବା ଉଚିତ। ପାଣି ଉଷୁମ ହୋଇଗଲେ ଲଘୁ ବା ହାଲୁକା ହୋଇଯାଏ, ଯଦ୍ୱାରା ଏହା ଶରୀର ପକ୍ଷେ ଅନୁକୂଳ ପ୍ରଭାବ ପକାଇ ଥାଏ। ସାଧାରଣତଃ କରୋନା ଭୂତାଣୁ ହାତ ମାଧ୍ୟମରେ ପାଟି ଓ ନାକ ଦେଇ ଗଳା ପ୍ରଦେଶରେ ପହଞ୍ଚି ନିଜର କାୟା ବିସ୍ତାର କରିଥାଏ ଏବଂ କିଛି ଘଣ୍ଟା ପରେ ଏହା ଶରୀର ମଧ୍ୟକୁ ପ୍ରବେଶ କରିଥାଏ। ଆମେ ବାରମ୍ବାର ଉଷୁମ ପାଣି ପିଇବା ଦ୍ୱାରା ଏହା ଗଳା ସଂସ୍ପର୍ଶରେ ଆସିବା ହେତୁ କରୋନା ଭୂତାଣୁ ଗଳାପ୍ରଦେଶରେ ହିଁ ନଷ୍ଟ ହୋଇ ପାଟି ଓ ଗଳା ପ୍ରଦେଶରେ ବିଭିନ୍ନ ଜୀବାଣୁ ଓ ଭୂତାଣୁ ସଂକ୍ରମଣରୁ ରକ୍ଷା କରିଥାଏ। ଉଷୁମ ପାଣିରେ କିଛି ଲୁଣ ପକାଇ କୁଳିକରିବା ଓ ଗଳାରେ ରଖି 'ଗଳ ଗଳ' କରିବା ଦ୍ୱାରା ଥଣ୍ଡା, କାଶ, ଛିଙ୍କ, ନାକବୁଜି ହେବା ଆଦିରୁ ଉପଶମ ମିଳିଥାଏ। ଥଣ୍ଡା, ସର୍ଦ୍ଦି, ଥାଇରଏଡ ରୋଗୀ, ଚର୍ମ ରୋଗୀ ସର୍ବଦା ଉଷୁମ ପାଣି ପିଇବା ଉଚିତ। ସେହିପରି ଉଷୁମ




ଜଳ ସହ ଆଖୁରୁ ପ୍ରସ୍ତୁତ ଗୁଡ଼ (୧-୨ଚାମଚ) ମିଶାଇ ସକାଳୁ ଖାଲିପେଟରେ ସେବନ କରିବା ଦ୍ୱାରା କୋଷ୍ଠକାଠିନ୍ୟ ଦୂର ହେବା, ମୋଟାପଣ କମିବା, କିଡ଼ନୀରେ ସଞ୍ଚିତ ଷ୍ଟୋନକୁ ତରଳେଇ ବାହାର କରିବାରେ ସହାୟକ ହୋଇଥାଏ। ଗୁଡ଼ରେ ପୋଟାସିୟମ, ମାଗ୍ନେସିୟମ, ଭିଟାମିନ-B1, B6, ଭିଟାମିନ-ସି ସହ ଆଣ୍ଟିଅକ୍ସିଡାଣ୍ଟ ଓ ମିନେରାଲ ଆଦି ପ୍ରଚୁର ପରିମାଣରେ ଗଚ୍ଛିତ ଥିବାରୁ ଉଷୁମ ଜଳ ସହ ଗୁଡ ମିଶାଇ ସେବନ କଲେ ଶରୀରରେ ରୋଗ ସଂକ୍ରମଣକୁ କମାଇବା ସହ ରୋଗପ୍ରତିରୋଧକଶକ୍ତି ବୃଦ୍ଧି କରାଇବାରେ ସହାୟକ ହୋଇଥାଏ।

## ସ୍ୱାସ୍ଥ୍ୟ ସୂଚନା




- କେତେକ ରୋଗର ପ୍ରାଥମିକ ଉପଚାର ଆପଣ ଘରେ କରିପାରିବେ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଘରେ ଯେତେ ସମ୍ଭବ ଫାଷ୍ଟ-ଏଡ୍ ବକ୍ସ ରଖନ୍ତୁ। ଏଥିପାଇଁ ଆବଶ୍ୟକ ସାମଗ୍ରୀ ବିଷୟରେ ପ୍ରଥମେ ଅବଗତ ହୁଅନ୍ତୁ ତା'ପରେ କିଣନ୍ତୁ।
- କୌଣସି ରୋଗର ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ତାହାର ଚିକିତ୍ସା କରାଇ ନିଅନ୍ତୁ।
- ନିଜକୁ ସୁସ୍ଥ ଆଉ ଫିଟ୍ ରଖିବା ପାଇଁ ନିଜର ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ନଜର ଦିଅନ୍ତୁ। ଏହା ସହ ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ।
- ଦୁର୍ଘଟଣାରେ ଗୁରୁତର ଅବସ୍ଥାରେ ଥିବା ବ୍ୟକ୍ତିଙ୍କୁ ସାଙ୍ଗେ ସାଙ୍ଗେ ପାଣି ପିଇବାକୁ ଦିଅନ୍ତୁ ନାହିଁ। ଯେତେ ଶୀଘ୍ର ତାଙ୍କୁ ନିକଟସ୍ଥ ହସପିଟାଲରେ ଭର୍ତ୍ତି କରି ଚିକିତ୍ସାର ବ୍ୟବସ୍ଥା କରାନ୍ତୁ।
- ରାତ୍ରଭୋଜନରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ। କାରଣ ଏହାର ପ୍ରଭାବ ପାଚନକ୍ରିୟା ଉପରେ ପଡିଥାଏ।
- କମ୍ପ୍ୟୁଟର ସାମନାରେ ବସି କାମ କରିବା ବେଳେ ନିୟମିତ ସମୟ ଅନ୍ତରାଳରେ ମୁହଁ ଧୁଅନ୍ତୁ।

## ଶ୍ୱାସକ୍ରିୟା ସମସ୍ୟା ଦୂର କରେ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। କେତେକ ବ୍ୟାୟାମ କରିବା ସମୟରେ ଶ୍ୱାସକ୍ରିୟାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ହେଲେ ଯଦି ଜଣେ ବ୍ୟକ୍ତି ନିୟମିତ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ସେ ଏପରି ସମସ୍ୟାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିଥାଆନ୍ତି। ପରୀକ୍ଷା ସ୍ୱରୂପ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା କିଛି ବ୍ୟକ୍ତିଙ୍କୁ ସେମାନଙ୍କର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରିବାକୁ ପରାମର୍ଶ ଦିଆଯାଇଥିଲା। ଏପରି ଖାଦ୍ୟ ଖାଇବା ପରେ ସେମାନେ ବ୍ୟାୟାମ କରିବା ସମୟରେ ପ୍ରାୟ ଶ୍ୱାସକ୍ରିୟାଜନିତ ସମସ୍ୟାର ସାମନା କରି ନ ଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଅଗଷ୍ଟ ୩୧/୨୦୨୦ Monday, August 31/2020



100% Ayurvedic

Divisa

www.divisastore.com

## ଇମ୍ୟୁନିଟି ପାୱାର ବଢ଼ାନ୍ତୁ ଏବଂ ଶରୀରକୁ ରୋଗରୁ ରକ୍ଷା କରନ୍ତୁ

‘ତୁଳସୀ ମନ୍ତ୍ରା’ ତୁଳସୀ ଡ୍ରପ୍ସ ଆପଣାନ୍ତୁ

5 ବିଭିନ୍ନ ପ୍ରକାର ଦୁର୍ଲଭ ତୁଳସୀର ଅର୍କ

Dr. Juneja's

ତୁଳସୀ ମନ୍ତ୍ରା

‘ତୁଳସୀ ଡ୍ରପ୍ସ’

ତୁଳସୀକୁ ‘ଜଡ଼ି-ବୁଟିର ରାଣୀ’ ଓ ‘ଜୀବନ ପାଇଁ ଅମୃତ’ ବିବେଚନା କରାଯାଏ । ଏହାକୁ ଧ୍ୟାନରେ ରଖି ଦିବିସା ହର୍ବାଲ କେୟାର୍ ବଜାରକୁ ଆଣିଛନ୍ତି ‘ତୁଳସୀ ମନ୍ତ୍ରା’ ତୁଳସୀ ଡ୍ରପ୍ସ, ଯେଉଁଥିରେ 5 ପ୍ରକାର ତୁଳସୀର ଅର୍କର ମିଶ୍ରଣ ରହିଛି । ‘ତୁଳସୀ ମନ୍ତ୍ରା’ ତୁଳସୀ ଡ୍ରପ୍ସ ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ ଏବଂ ସର୍ଦ୍ଦି, ବ୍ଲଡ୍ ପ୍ରେସର୍, କୋଲେଷ୍ଟରଲ୍, ଥଣ୍ଡା, କାଶ, ଲିଭର ଓ ସଂକ୍ରମଣ ଭଳି ରୋଗ ଉପରେ ନିୟନ୍ତ୍ରଣ କରିବାରେ ସହାୟତା କରିଥାଏ।

‘ତୁଳସୀ ମନ୍ତ୍ରା’ ତୁଳସୀ ଡ୍ରପ୍ସକୁ ସମ୍ପୂର୍ଣ୍ଣ ପରିବାର ଦୈନିକ ନିଶ୍ଚୟ ବ୍ୟବହାର କରିବା ଉଚିତ ।

ବିଷ୍ଣୁ ତୁଳସୀ : ଆଳସ୍ୟ ଦୂରକରି ଶରୀରର ସ୍ଫୂର୍ତ୍ତି ବଢ଼ାଇଥାଏ। ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରେ।

ବଣ ତୁଳସୀ: ଶାରୀରିକ ଦୁର୍ବଳତା, ଶ୍ୱାସ ଦୁର୍ଗନ୍ଧ ଦୂରକରେ, ଚେହେରାରେ ଚମକ, ପ୍ରତିରୋଧକ କ୍ଷମତା ବୃଦ୍ଧି କରେ।

ରାମ ତୁଳସୀ: ଆଣ୍ଟି-ବ୍ୟାକ୍ଟେରିଆଲ୍ ଅଟେ, ଫୁସ୍‌ଫୁସ୍ ରୋଗ, ଆଜ୍‌ମା, ବ୍ଲଡ୍ ସୁଗାର ଓ କଫ ସମସ୍ୟାରେ ଅତ୍ୟନ୍ତ ଲାଭଦାୟକ।

କୃଷ୍ଣ ତୁଳସୀ: ହୃଦୟ ଓ ଉଚ୍ଚ ରକ୍ତଚାପ ସମସ୍ୟାରେ ସହାୟକ ଅଟେ। ରକ୍ତ ସଫା, ରକ୍ତ-ସଞ୍ଚାଳନ ଠିକ୍ କରିବା, ଇମ୍ୟୁନିଟି ବଢ଼ାଇବାରେ ସହାୟକ।

ଶୁକ୍ଳ ତୁଳସୀ: ପ୍ରତିରୋଧକ କ୍ଷମତାକୁ ସୁଧାରିବା ଓ ସର୍ଦ୍ଦି-ଥଣ୍ଡାରୁ ଉପଶମ ପ୍ରଦାନ କରିଥାଏ ଏବଂ ବ୍ରଣ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।




‘ତୁଳସୀ ମନ୍ତ୍ରା’ ତୁଳସୀ ଡ୍ରପ୍ସ, କେବଳ ଦୁଇ ବୁନ୍ଦା ଦିନରେ 2 ଥର

‘ତୁଳସୀ ମନ୍ତ୍ରା’ର ସବୁ ଉତ୍ପାଦ କେବଳ ‘ତୁଳସୀ ମନ୍ତ୍ରା’ ନାମରେ ତିଆରି ଓ ବିକ୍ରି କରାଯାଇଥାଏ। ଏଥିପାଇଁ ସବୁ ଉପଭୋକ୍ତା ନାମ ଓ ଉତ୍ପାଦକୁ ନିଶ୍ଚୟ ଯାଞ୍ଚ କରିନିଅନ୍ତୁ।


# ଇଂଲଣ୍ଡର ସହଜ ବିଜୟ

**ମାଞ୍ଚେଷ୍ଟର,୩୦।୮(ପି.ଟି.)**

ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ୫ ଉଇକେଟରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଦଳ ୧-୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୪ ଉଇକେଟ ହରାଇ ୧୯୫ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୯.୧ ଓଭରରେ ୫ ଉଇକେଟ ବିନିମୟରେ ୧୯୯ ରନ କରି ବିଜୟ

## ଦ୍ୱିତୀୟ ଟି୨୦

ହାସଲ କରିଛି। ଇଂଲଣ୍ଡ ତରଫରୁ ଅଧିନାୟକ ଇଅନ ମୋର୍ଗାନ ସର୍ବାଧିକ ୬୬ (୩୩ବଲ, ୬ ଚୌକା, ୪ ଛକା), ଜନୀ ବେୟାରଷ୍ଟୋ ୪୪, ଟମ୍ ବାଣ୍ଟନ ୨୦, ସାମ ବିଲିଙ୍ଗ୍ସ ୧୦ ରନ କରି ଆଉଟ ହୋଇଥିବା ବେଳେ ଡେଭିଡ୍ ମଲାନ ୫୪ ରନ (୩୬ ବଲ, ୬ ଚୌକା, ୧ ଛକା) ରନ କରି ଅପରାଜିତ ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ସଦାବ ଖାନ ୩ ଓ ହାରିସ ରୌଫ ୨ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପାକିସ୍ତାନ ତରଫରୁ ବାବର ଓ ଅନ୍ୟତମ ଓପନର ଫଖର ଜମାନ ଧୂଆଁଧାର ଆରମ୍ଭ କରିଥିଲେ। ଜମାନ ୨୨ ବଲରୁ ୫ ଚୌକା ଓ ୧ ଛକା ସହ ୩୬ ରନ କରି ପ୍ରଥମେ ଆଉଟ ହୋଇଥିଲେ। ପ୍ରଥମ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୫୨ ବଲରୁ ୭୨ ରନ ସଂଗ୍ରହ କରିଥିଲେ।



ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ମହମ୍ମଦ ହାଫିଜ।

ଏହାପରେ ବାବର ୪୪ ବଲରୁ ୭ ଚୌକା ସହ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଅଭିଜ୍ଞ ସୋଏବ ମଲିକ ୧୪ ରନ କରି ଆଉଟ ହୋଇଥିଲେ। ଇଫ୍‌ତିକାର ଅହମ୍ମଦ ୮ ରନକରି ଅପରାଜିତ ରହିଥିଲେ। ହାଫିଜ୍ ଦ୍ରୁତଗତିରେ ରନ ସଂଗ୍ରହ କରିଥିଲେ। ସେ ମାତ୍ର ୩୬ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୪ ଛକା ସହ ୬୯ ରନ କରିଥିବା ବେଳେ ଟମ୍ କୁରାନଙ୍କ ବଲରେ ଇଅନ ମୋର୍ଗାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଲେଗ୍ ସ୍ପିନର ଆଦିଲ ରସିଦ୍ ୨, କ୍ରିସ୍ ଜୋର୍ଡାନ ଓ ଟମ୍ କୁରାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଅନ୍‌ଲାଇନ୍ ଚେସ୍ ଅଲିମ୍ପିଆଡ୍: ଭାରତ-ରୁଷିଆ ଯୁଗ୍ମ ବିଜେତା

**ଚେନ୍ନାଇ, ୩୦।୮ (ପି.ଟି.):** ଇଣ୍ଟରନେଟ୍‌ରେ ବିଭ୍ରାଟ ଓ ସର୍ଭର ସହିତ ଯୋଗାଯୋଗ ବ୍ୟାହତ ହେବାରୁ ଭାରତ ଓ ରୁଷିଆକୁ ୨୦୨୦ ଅନ୍‌ଲାଇନ୍ ଚେସ୍ ଅଲିମ୍ପିଆଡର ଯୁଗ୍ମ ଚାମ୍ପିୟନ ଘୋଷଣା କରାଯାଇଛି। ଫାଇନାଲ ବେଳେ ସର୍ଭର ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ସେତେବେଳେ ଭାରତର ୨ ଖେଳାଳି ନିହାଲ ସରିନ ଓ ଦିବ୍ୟା ଦେଶମୁଖ ପରାଜିତ ହୋଇ ସାରିଥିଲେ। ଫଳରେ ପ୍ରଥମେ ରୁଷିଆକୁ ବିଜେତା ଘୋଷଣା କରାଯାଇଥିଲା। ମାତ୍ର ଏକ ବିବାଦୀୟ ନିଷ୍ପତ୍ତିକୁ ନେଇ ଭାରତ ପ୍ରତିବାଦ କରିବାରୁ ନିଷ୍ପତ୍ତିର ସମୀକ୍ଷା ହୋଇଥିଲା। କୋଭିଡ୍-୧୯ ଯୋଗୁ ଇଣ୍ଟରନ୍ୟାଶନାଲ ଚେସ୍ ଫେଡେରେଶନ ଫିଡେ ପ୍ରଥମ ଥର ଏକ ଅନ୍‌ଲାଇନ୍ ଫର୍ମାଟରେ ଅଲିମ୍ପିଆଡ୍ ଆୟୋଜନ କରିଥିଲା।

# ହାମିଲଟନ ଜିତିଲେ ବେଲଜିଆନ ଗ୍ରାଁ ପ୍ରି

**ସ୍ପା-ଫ୍ରାଙ୍କୋରଚାମ୍ପ୍ସ, ୩୦।୮ (ଏପି):** ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ବେଲଜିଆନ ଫର୍ମୁଲା ୱାନ୍ ମୋଟର ରେସ୍ ଜିତିଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ୮୯ତମ ଟାଇଟଲ। ଫର୍ମୁଲା ୱାନ ରେକର୍ଡଧାରୀ ମାଇକେଲ ସୁମାକରଙ୍କଠାରୁ ସେ ଦୁଇଟି ବିଜୟ ପଛରେ ରହିଛନ୍ତି। ବିଶ୍ୱଚାମ୍ପିୟନ ଡ୍ରାଇଭର ପୋଲ ପୋଜିଶନରୁ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ। ସେ ତାଙ୍କ ମର୍ସିଡିଜ୍ ଟିମ୍‌ମେଟ ଭାଲଟେରୀ ବୋଟାସଙ୍କୁ ୮ ସେକେଣ୍ଡରେ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କ ଠାରୁ ସେ ୧୫ ସେକେଣ୍ଡ ଆଗରେ ରହିଥିଲେ। ରେନଲ୍ଟର ଡାନିଏଲ ରିକାର୍ଡୋ ଚତୁର୍ଥ ହୋଇଥିଲେ। ଦ୍ରୁତତମ ଲାପ୍ ପାଇଁ ତାଙ୍କୁ ଅତିରିକ୍ତ ପଏଣ୍ଟ ମିଳିଛି। ଚଳିତ ସିଜନରେ ୭ଟି ରେସ୍‌ରେ ହାମିଲଟନଙ୍କ ଏହା ହେଉଛି ୫ମ ବିଜୟ। ଚାମ୍ପିୟନଶିପ୍ ଟେବୁଲ୍‌ରେ ପ୍ରଥମ ସ୍ଥାନରେ ରହିଥିବା ହାମିଲଟନ ଓ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭର୍ଷ୍ଟାପେନ୍‌ଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୪୭କୁ ବୃଦ୍ଧି ପାଇଛି।



ଲୁଇସ୍ ହାମିଲଟନ







40

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ